ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ବିଜୟୀ | ୧୧

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ରୋମାଣ୍ଟିକ ଜୀବନସାଥୀ ଚାହୁଁଛନ୍ତି କ୍ରୀତି | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୧୯୯ Vol. 20 No-199 9 OCTOBER 2023 MONDAY BHUBANESWAR ସୋମବାର, ୯ ଅକ୍ଟୋବର ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

WATCO

ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍
ଜଳଯୋଗାଣ

ବର୍ତ୍ତମାନ ଅନ୍ୟ ୫ଟି ସହରକୁ
(ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର, ନିମାପଡ଼ା)
ଏବଂ
ଆଉ ୧୩ଟି ସହରର ୧୪୯ଟି ୱାର୍ଡରେ,
ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ୨୪x୭ ଜଳଯୋଗାଣ ସୁବିଧା

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଙ୍କ
ଦ୍ୱାରା ଉତ୍ସର୍ଗ
୯ ଅକ୍ଟୋବର ୨୦୨୩, ପୂର୍ବାହ୍ନ ୧୧:୩୦
କନଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ସହର/ ପୌରସଂସ୍ଥା	ବର୍ତ୍ତମାନ ଅନ୍ତର୍ଭୁକ୍ତ ହୋଇଥିବା ୱାର୍ଡ ସମୂହ	ଉପକୃତ ଜନସଂଖ୍ୟା
ରାଇରଙ୍ଗପୁର- ସମଗ୍ର ସହର	୧୫	୩୪,୦୦୦
ବୀରମିତ୍ରପୁର- ସମଗ୍ର ସହର	୧୧	୩୯,୦୦୦
ରାଜଗାଙ୍ଗପୁର- ସମଗ୍ର ସହର	୨୦	୬୬,୫୦୦
ଚମ୍ପୁଆ- ସମଗ୍ର ସହର	୧୩	୧୫,୫୦୦
ନିମାପଡା- ସମଗ୍ର ସହର	୧୧	୨୨,୩୦୦
ଭୁବନେଶ୍ୱର	୨୭	୩,୮୨,୫୦୦
ଖୋର୍ଦ୍ଧା	୪	୮,୬୦୦
ଜଟଣୀ	୩	୧୦,୮୦୦
କଟକ	୨୧	୧,୮୦,୦୦୦
ବ୍ୟାସନଗର	୬	୧୧,୦୦୦
ସୁନ୍ଦରଗଡ଼	୧୭	୩୦,୮୦୦
ରାଉରକେଲା	୨୦	୮୭,୧୦୦
କେଉଁଝର	୪	୧୦,୦୦୦
ଆନନ୍ଦପୁର	୪	୯,୫୦୦
ଯୋଡ଼ା	୧	୪,୦୦୦
ବଡ଼ବିଲ	୨	୭,୫୦୦
ବ୍ରହ୍ମପୁର	୩୭	୩,୦୨,୦୦୦
ହିଞ୍ଜିଳିକାଟୁ	୩	୬,୫୦୦

ଏହି ପର୍ଯ୍ୟାୟରେ ଉପକୃତ ସମୁଦାୟ ଜନସଂଖ୍ୟା: ୧୨.୩ ଲକ୍ଷ

ଓଡ଼ିଶାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯାତ୍ରାର
୩ ବର୍ଷ ପୂର୍ତ୍ତି ପାଳନ

ଓଡ଼ିଶା

୧ମ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ରାଜ୍ୟ ସମଗ୍ର ଦେଶରେ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

DSPL - 272

କଟକ(ଭାସ୍କର ନ୍ୟୁଜ୍): ସାଇବର ଠକେଇରୁ ଦୂରେଇ ରହିବା ଏବଂ ଏଥିପାଇଁ ଜନସାଧାରଣଙ୍କୁ ସଚେତନା କରିବାକୁ ଓଡିଶା ପୋଲିସ ପକ୍ଷରୁ ଅଭିନବ ବିଡାନାସୀ ପଥଝରୀ ସଂଘ ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କଟକ ସାଇବର ଥାନାର ଆଇଆଇସି ଚନ୍ଦ୍ରିକା ସ୍ୱାଇଁ ବରିଷ୍ଠ ନାଗରିକମାନେ ସାଇବର ଠକେଇର କିପରି ଦୂରେଇ ରହିବେ ସେଥିପାଇଁ ନିକଟରେ ଘଟିଥିବା ଅନେକ ସାଇବର ଠକେଇର ଉଦାହରଣ ଦେଇ ସେ ସୁନ୍ଦରଭାବେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସଚେତନତା ସଭାରେ ମର୍କତନଗର ଥାନାର ଆଇଆଇସି ସୁବେନ୍ଦ୍ର କୁମାର ଜେନା, ପଥଝରୀ ସଂଘର ସଭାପତି ଦେବେନ୍ଦ୍ର ସୁତାର, ଡା. ପ୍ରସନ୍ନ କୁମାର ନାୟକ, ଡ. ବିଷ୍ଣୁ ଚରଣ ସାହୁ, କୃଷ୍ଣ କୁମାର ଦାସବର୍ମା, ଦୁର୍ଗା ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ଦାସ, ହିମାଂଶୁବାଳା ପଟ୍ଟନାୟକ, ପ୍ରମିଳା ଦାସବର୍ମା, ଅଖିଳ ବଲ୍ଲଭ ଘୋଷ, ରବିନ୍ଦ୍ର ନାଥ ସ୍ୱାଇଁ, ଜ୍ଞାନ ରଞ୍ଜନ ଦାସ, ଡ. ହେମନ୍ତ କୁମାର ପରିଡା, ଅନିଲ କୁମାର ରାୟ, ଗୋବିନ୍ଦ ବିହାରୀ ଯେନା, ମହେନ୍ଦ୍ର କୁମାର ପଟ୍ଟନାୟକ, ହୃଷିକେଶ ପାଣୀ, ଶ୍ୟାମସୁନ୍ଦର ମହାନ୍ତି, ଅଭୟ କୁମାର ପରିଡା, ଚୈତନ୍ୟ ବେହେରା ପ୍ରମୁଖ ବହୁ ବରିଷ୍ଠ ନାଗରିକ ବିଭିନ୍ନ ପ୍ରଶ୍ନ ପଝରି ବୁଝିଥିଲେ ।

ମା' ସ୍ୱର୍ଣ୍ଣଦେବୀଙ୍କ ରାଜରାଜେଶ୍ୱରୀ ବେଶ

ମା' ଗଡଚଣ୍ଡୀଙ୍କ କମଳା ବେଶ

ମା' ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ

ମା' ଧାକୁଲେଇଙ୍କ ଭୁବନେଶ୍ୱର ବେଶ

ମା' କଟକଚଣ୍ଡୀଙ୍କ ଭୁବନେଶ୍ୱର ବେଶ

ମା' ଦକ୍ଷଣକାଳୀଙ୍କ ରାଜରାଜେଶ୍ୱରୀ ବେଶ

ମା' ବିମଳାଙ୍କ ବୈଷ୍ଣବୀ ବେଶ

ସିଏମ୍‌ସି ଅଞ୍ଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ୍ ରେଣ୍ଟ୍ ଆଦାୟ ହେବନି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ପାର୍ବଣ ସମୟରେ କଟକ ମହାନଗର ନିଗମ ଅଞ୍ଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପୂଜା ସମିତି ଓ ସ୍ଥାନୀୟ ବିଧାୟକମାନଙ୍କ ଅନୁରୋଧ କ୍ରମେ ଜନସାଧାରଣଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଏହା ଦ୍ୱାରା କଟକ ମହାନଗର ନିଗମ ଅଞ୍ଚଳରେ ପାର୍ବଣ ଋତୁ ସମୟରେ ସରକାରୀ ଜାଗାରେ ସାମୟିକ ଭାବରେ ଆୟୋଜିତ ହେଉଥିବା ବିଭିନ୍ନ ପୂଜା ଉତ୍ସବ ପାଇଁ କୌଣସି ଗ୍ରାଉଣ୍ଡ ରେଣ୍ଟ୍ ଆଦାୟ କରାଯିବ ନାହିଁ । ଚଳିତ ବର୍ଷ ଆଗାମୀ ଦିନରେ ଦୂର୍ଗା ପୂଜା, କାଳୀ ପୂଜା, ଲକ୍ଷ୍ମୀ ପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆଦି ଅନେକ ପୂଜା ଅନୁଷ୍ଠିତ ହେବାର ଅଛି । ଏସବୁ ପୂଜା ପାଇଁ କୌଣସି ଗ୍ରାଉଣ୍ଡ ରେଣ୍ଟ୍ କଟକ ମହାନିଗମ ପକ୍ଷରୁ ଆଦାୟ କରାଯିବ ନାହିଁ।

କିଟ୍ ଆନ୍ତର୍ଜାତିକ ଛାୟା ଜାତିସଂଘ ଉଦ୍‌ଯାପିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ବିଶ୍ୱବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା କିଟ୍ ଇଣ୍ଟରନ୍ୟାସନାଲ ମଡେଲ ୟୁନାଇଟେଡ୍ ନେସନସ୍ (ଏମୟୁଏନ୍)ର ୧୧ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଦେଶବ୍ୟାପୀ ୫ଶହ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୩ଶହରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ଏହା ବ୍ୟତୀତ ନାଇଜେରିଆ, ସୋମାଲିଆ, ବାଂଲାଦେଶ, ସିରିଆ, ଇଥିଓପିଆ, ଟୋଗୋ ଓ ଇଣ୍ଡୋନେସିଆ ଆଦି ଦେଶର ଛାତ୍ର ପ୍ରତିନିଧି ଯୋଗ ଦେଇଥିଲେ । ଏହା ହେଉଛି ଏସିଆର ସବୁଠାରୁ ବଡ଼ ଛାୟା ଜାତିସଂଘ । ଉଦ୍‌ଘାଟନୀ ଉତ୍ସବରେ ଟୋଗୋର ଉଚ୍ଚଶିକ୍ଷା ଓ ଗବେଷଣା ମନ୍ତ୍ରଣାଳୟର ସ୍କଲାରସିପ୍ ଓ ଇଣ୍ଟର୍ନସିପ୍ ବିଭାଗର ନିର୍ଦ୍ଦେଶକ କୋମଲା ଏ. ଜେରିସ୍ ଜୋଗବେମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଟୋଗୋ ଦୂତାବାସର ଭାରପ୍ରାପ୍ତ ଅଧିକାରୀ ୟାଓ୍ୱା ଏଡେମ୍ ଆକପେମାଡୋ ଯୋଗ ଦେଇଥିଲେ । କିଟ୍-ମୁନ୍‌ର ୧୧ତମ ସଂସ୍କରଣର ବିଷୟବସ୍ତୁ ଥିଲା 'ଏନ୍‌ଗେଜ୍ ଟୁ ଏମ୍‌ପାୱାର' ଥିଲା । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, କିଟ୍ ଆନ୍ତର୍ଜାତିକ ମୁନ୍ ହେଉଛି ଏସିଆ ମହାଦେଶର ସବୁଠାରୁ ବଡ଼ ଛାୟା ଜାତିସଂଘ । କିଟ୍ ମୁନ୍‌ର ମହାସଚିବ ସୀତେଶ ସିଂହ ଏହି ଛାୟା ଜାତିସଂଘର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ସମ୍ପର୍କ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, ଅତିରିକ୍ତ କୁଳସଚିବ ଡା. ଶ୍ୟାମ ସୁନ୍ଦର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡିର ପଦଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଧାୟକ ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ରବିବାର ସୁଦ୍ଧା ଚାରିଦିନରେ ୧୪ଟି ୱାର୍ଡରେ ସମାପ୍ତ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନାକୁ ସମାଜର ପ୍ରତ୍ୟେକଙ୍କ ପାଖରେ କିଭଳି ପହଞ୍ଚିବା ସେଥି ପାଇଁ ବିଜୁ ଜନତା ଦଳର କର୍ମୀମାନଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ । ରକ୍ତଦାନ ଶିବିର ଠାରୁ ଆରମ୍ଭ କରି ବୃକ୍ଷରୋପଣ, ସଫେଇ ଭଳି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନ - ସବୁଜ ଓଡିଶା ଓ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ କର୍ମୀମାନେ ଶପଥ ନେବାକୁ ମେୟର ସୁଲୋଚନା ଦାସ ମତବ୍ୟକ୍ତ କରିଥିଲେ । ରବିବାର ବିଏମ୍‌ସିର ୱାର୍ଡ ନଂ ୧୫ , ୨୫ ଏବଂ ୨୭ରେ ହୋଇଥିବା ଜନସମ୍ପର୍କ ପଦଯାତ୍ରାରେ ଅନ୍ୟତମ ଅତିଥି ଭାବେ ରାଜ୍ୟସଭା ସାଂସଦ ମୁନ୍ନାଖାଁ, ଓଡିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଡେପୁଟି ମେୟର ମଞ୍ଜୁଲତା କହ୍ନର, କର୍ପୋରେଟର ପିଙ୍କି ସ୍ୱାଇଁ, ମାନସୀରାଣୀ ସୁନ୍ଦରାୟ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଭାରତୀ ସିଂ, ପୂଜା ବେହେରା, ମହିଳା ନେତ୍ରୀ ସୂର୍ଯ୍ୟାକାନ୍ତି ଜେନା, ଯୁବନେତା ଅଶୋକ ରାଜ, ମନୋଜ ମହାନ୍ତି, ତୁଷାରକାନ୍ତି ଦାସ, ଅଶୋକ ମଲ୍ଲିକଙ୍କ ସମେତ ସମସ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଯୁବ ଛାତ୍ର, ବରିଷ୍ଠ ନାଗରିକ ମାନେ ଯୋଗଦେଇ ପଦଯାତ୍ରାକୁ ସଫଳ କରିବା ସହିତ ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ନିର୍ବାଚିତ କରାଇବାକୁ ଶପଥ ନେଇଥିଲେ ।

ଅନୁଗୁଳ ପାଇଁ ବିଜେଡିର ଦୁଇ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା ପାଇଁ ଦୁଇଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଅନୁଗୁଳ ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଚିନ୍ମୟ ସାହୁଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ଛେଣ୍ଡିପଦା ଓ ପାଲଲହଡା ପାଇଁ ନେପୁ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ବିଜେଡିର ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ସୂଚନା ଦେଇଛନ୍ତି ।

ବାଣୀବିହାର ଛାତ୍ରସଂସଦ କାର୍ଯ୍ୟାଳୟରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜାକୁ ଦୃଢ ବିରୋଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ କାର୍ଯ୍ୟାଳୟରେ ଦୁର୍ବୃତ୍ତଙ୍କ ଭଙ୍ଗାରୁଜା ଓ ସଭାପତି ଓ ସମ୍ପାଦକଙ୍କ ନାମଫଳକ ଭାଙ୍ଗିବା ଘଟଣାକୁ ଦୃଢ ନିନ୍ଦା କରାଯାଇଛି । ରବିବାର ଏନେଇ ବାଣୀବିହାର ପରିସରରେ ପୂର୍ବତନ ଛାତ୍ର ସଂସଦର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ପୂର୍ବତନ ଛାତ୍ର ସଂସଦର କର୍ମକର୍ତ୍ତାମାନଙ୍କୁ ନେଇ ସଂଗ୍ରାମ କେଶରୀ ଦାସଙ୍କ ଆବାହକତ୍ୱରେ ଏହି ବୈଠକ ବସିଥିଲା । ବୈଠକରେ ଗତ ଅକ୍ଟୋବର ୫ରେ କିଛି ଅସାମାଜିକ ତତ୍ତ୍ୱ ଛାତ୍ର ସଂସଦ କାର୍ଯ୍ୟାଳୟରେ ପସି ବ୍ୟାପକ ଭଙ୍ଗାରୁଜା କରିଥିଲେ ଏବଂ ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ନାମ ଫଳକକୁ ଭାଙ୍ଗି ଦେଇଥିଲେ, ଏହା ସହ ଛାତ୍ର ସଂସଦ କକ୍ଷରେ ଥିବା ବିଭିନ୍ନ ଆସବାବପତ୍ର ମଧ୍ୟ ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ । ଏହାସହ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି ମଧ୍ୟ କରାଯାଇଛି । ଏହାସହ ସୋମବାର ପୂର୍ବତନ ଛାତ୍ର ସଂସଦର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଭିସିଙ୍କୁ ଏବଂ ମଙ୍ଗଳବାର କମିଶନରଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂଗଠନ ଦାବି କରିବ । ଏହି ବୈଠକରେ ଅମୀୟ କୁମାର ମହାନ୍ତି, ହିମାଂଶୁ ଲେଙ୍କା, ମନୋଜ କୁମାର ବିଶ୍ୱାଳ, ଚିନ୍ମୟ ସାହୁ, ତ୍ରିଲୋଚନ ବେହେରା, ତନ୍ମୟ ସ୍ୱାଇଁ, ପ୍ରକାଶ ତ୍ରିପାଠୀ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ନିର୍ମଳ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ରାଜେଶ ସ୍ୱାଇଁ, ବିରଞ୍ଚି ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

ରାଜ୍ୟ ଖବର

ବେଲପାହାଡ,(ଭାସ୍କର ନ୍ୟୁଜ୍): ଭାରତୀୟ ପ୍ରଶାସନିକ ସେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଆଶାୟୀ ଯୁବକ ଯୁବତୀମାନଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେ । ପ୍ରସ୍ତୁତି ଚଳାଇଥିବା ଆଶାୟୀ ଯୁବକ ଓ ଯୁବତୀ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ପଚାରି ବୁଝିଥିଲେ । ସମାୟାନୁବର୍ତ୍ତି ତଥା କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଜିଲ୍ଲାପାଳ ଶ୍ରୀମତୀ ଆବୋଲୀ ପରାମର୍ଶ ଦେଇଥିଲେ । ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାପାଳଙ୍କ ସମେତ ଆଇଏଏସ୍ ପ୍ରବେସନ ସଶ୍ୟା ରେଡ୍ଡୀ ଆଶାୟୀ ଯୁବକଯୁବତୀଙ୍କୁ ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ । ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ ପାଇଁ ପ୍ରସ୍ତୁତି ଚଳାଇଥିବା ଏହି ସମସ୍ତ ଯୁବକ ଯୁବତୀ ମାନେ ଜିଲ୍ଲାପାଳଙ୍କୁ ଏଥି ସକାଶେ ଧନ୍ୟବାଦ ଜଣାଇଛନ୍ତି ।

୫୦ କେଜି ଗଞ୍ଜେଇ ଜବତ, ୨ ଗିରଫ

କନ୍ଧମାଳ,(ଭାସ୍କର ନ୍ୟୁଜ୍): ଆଗକୁ ଦଶହରା ଓ ପୂଜା ପର୍ବ ଆସୁଛି । ଏହାକୁ ଦେଖି କିଛି ଗଞ୍ଜେଇ ମାଫିଆ ସକ୍ରିୟ । ଗଞ୍ଜେଇ ମାଫିଆ ସହିତ କିଛି ପୋଲିସ କର୍ମଚାରୀ ପୋଲିସ ଅଧିକାରୀଙ୍କୁ ଧରି ନିଜର ବ୍ୟବହାର କରୁଥିବା ଗାଡ଼ିରେ ଗଞ୍ଜେଇ ବେପାର କରାଯାଉଛି । ଏହା ସହିତ ମଧ୍ୟ ପୋଲିସ କର୍ମଚାରୀ ନିଜ ଥାନାର ଆଇଆଇସିଙ୍କୁ ହାତର କରି ଡାକ ନେବା ବାହାନାରେ ନିଜ ନିଜ ଘରକୁ ଆସି ଗଞ୍ଜେଇ ବେପାର କରୁଥିବାର ଏବେ ଚର୍ଚ୍ଚା ଧରିଛି । ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଖସି ଯାଉଛନ୍ତି । ଏହିପରି କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, ଫୁଲବାଣୀ, ବାଲିଗୁଡ଼ା, ଗୋଛାପଡା ଅଞ୍ଚଳରେ ହେଉଥିବାର ଦେଖାଯାଉଛି । ଫିରିଙ୍ଗିଆ ପୋଲିସ ପାଟ୍ରୋଲିଂ କରିବା ସମୟରେ ଚାଲାକ ଚତୁର ଭାବେ ୫୦ କେଜି ୪ଶହ ଗ୍ରାମ ଗଞ୍ଜେଇ ଅଟୋରେ ନେଉଥିବା ବେଳେ ଗଞ୍ଜେଇଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇସାରିଛି । ଏହି ମାମଲାରେ ଜଣେ ଯୁବକ ଓ ମହିଳାଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ବଇଡ଼ା ଗ୍ରାମର ସୁବଳ କହଁର ଓ ଅନ୍ୟଟି ଫିରିଙ୍ଗିଆ ଥାନା ଅନ୍ତର୍ଗତ ଡିମିରିଗୁଡ଼ା ଗ୍ରାମର ସୁପ୍ରିୟା ଦିଗାଲ । ସୂଚନା ଅନୁସାରେ, ଡିଣ୍ଡିରାଗାଁ ଆଦର୍ଶ ବିଦ୍ୟାଳୟ ନିକଟର ଏକ ଅଟୋକୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା । ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା । ଏହାକୁ ମଧ୍ୟ କାବୁ କରି ଥିଲା । ଏହାକୁ ନେଇ ଫିରିଙ୍ଗିଆ ଥାନାରେ ଏକ ଗଞ୍ଜେଇ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧାକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଗଞ୍ଜେଇ ଫିରିଙ୍ଗିଆରୁ ଭୁବନେଶ୍ୱର ଚାଲାଣ ହେଉଥିଲା । ଏହିପରି ପ୍ରତିଦିନ ଗଞ୍ଜେଇ ବେପାରୀମାନେ କିଛି ପୋଲିସ ଅଧିକାରୀ ଓ କର୍ମଚାରୀ, ହୋମେଗାର୍ଡକୁ ଧରି ବେପାରୀମାନେ ବିଭିନ୍ନ ନାଁ ଦାମୀ ଗାଡ଼ିରେ ବେପାର ହେଉ ଥିବାର ଜନସାଧାରଣ ସ୍ଥଳେ ଚର୍ଚ୍ଚା ହେଉଛି । କନ୍ଧମାଳ ଏସପି ପୋଲିସ କର୍ମଚାରୀଙ୍କ ମୋବାଇଲ ଟ୍ରାକ, ଯାଞ୍ଚ କଲେ ଗଞ୍ଜେଇ ବେପାର ଜିଲ୍ଲାରୁ ହ୍ରାସ ପାଇବ ।

ହାତୀ ଆକ୍ରମଣରେ ଯୁବକ ମୃତ

ଢେଙ୍କାନାଳ,(ଭାସ୍କର ନ୍ୟୁଜ୍): ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ହାତୁରା ପଞ୍ଚାୟତ ଜୟପଙ୍ଗା ଗ୍ରାମରେ ଆଜି ସକାଳ ସମୟରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ସୂଚନା ଅନୁଯାୟୀ ଜୟପଙ୍ଗା ଗ୍ରାମର କଇରଣ ନାଏକଙ୍କ ପୁଅ ସିଦ୍ଧାନ୍ତ ନାଏକ (୨୨) ଆଜି ସକାଳେ ଶୌଚ ହେବା ପାଇଁ ସୁନାସୂତା ନାଳକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି । ଏ ସଂପର୍କରେ ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ମେଡିକାଲ୍ ପଠାଇଥିବା ଜଣାପଡିଛି । ବାରମ୍ବାର ଏମିତି ନିରୀହ ଲୋକଙ୍କ ପ୍ରାଣହାନି ଘଟୁଥିଲେ ମଧ୍ୟ ବନବିଭାଗ କୁ କୌଣସି ଫରକ୍ ପଡୁନାହିଁ । ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନଦେବାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଛି ।

ଧାନଗଛରେ ପତରପୋଡା ପୋକ, ଚିନ୍ତାରେ ଚାଷୀ

କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ଗ୍ରାମ ପଞ୍ଚାୟତ ରେ ଧାନ ଚାଷ ଜମି ଗୁଡିକରେ ବିଭିନ୍ନ ପ୍ରକାର ରୋଗରେ ଧାନ ଗଛ ନଷ୍ଟ ହେଉଥିବାର ଦେଖିବାକୁ ମିଳିଛି । ପଞ୍ଚାୟତର କିଛି ଅଞ୍ଚଳରେ ପତର ପୋଡା ସମେତ ମାଛିଖିଆ ରୋଗରେ ପୁରା ଜମି ନଷ୍ଟ ହୋଇଯାଇଥିବାର ମଧ୍ୟ ଦେଖିବାକୁ ମିଳିଛି । ସେହିପରି ଭାବେ ପଞ୍ଚାୟତ ସଦର ଠାରୁ ମାତ୍ର ତିନି କିମି ଦୂରରେ ଥିବା କୋଡେ ଗୁଡା ,ଡବେଗୁଡା,ସମେତ ବିଭିନ୍ନ ଗ୍ରାମରେ ଚାଷୀଙ୍କର ଏକର ଏକର ଜମିରେ ପତର ପୋଡା ସମେତ ମାଛିଖିଆ ରୋଗରେ ପୁରା ଜମି ଖାଲି ହେବାକୁ ବସିଲାଣି ଏଣୁ ବହୁ ଚିନ୍ତାରେ ଚାଷୀ । ଗରିବ ଚାଷୀଟିଏ ଧାର ଉଧାର କରି ଚାଷ କରୁଥିବା ବେଳେ ବର୍ତ୍ତମାନ ଧାନ ଜମିରେ ବିଭିନ୍ନ ପ୍ରକାର ରୋଗ ଲାଗି ନିଜର ଖର୍ଚ କିପରି ବାହାରିବ ସେନେଇ ଚିନ୍ତାରେ ଚାଷୀ । ହେଲେ ମଧ୍ୟ କୃଷି ଅଧିକାରୀଙ୍କ ଦେଖା ମିଳୁନଥିବା କହିଛନ୍ତି କ୍ଷତି ଗ୍ରସ୍ତ ଚାଷୀ । ପୀଡିତ ଚାଷୀଙ୍କ କହିବା ଅନୁଯାଇ ପୋଟ୍ରେଲ ପଞ୍ଚାୟତ ସଦର ଠାରୁ ମାତ୍ର ୩.୪କିମି ଦୂରରେ ଗ୍ରାମ ଗୁଡିକ ଅବସ୍ଥିତ ଥିଲେ ମଧ୍ୟ କୃଷି ଅଧିକାରୀଙ୍କୁ ଚାଷୀମାନେ ଜାଣି ନଥିବା ହେତୁ ଯେକୌଣସି ଚାଷ ଜନିତ ସମସ୍ୟା ଆସିଲେ ସେମାନେ ନିକଟ ସହର କୃଷି ଔଷଧ ଦୋକାନକୁ ଯାଇ ପଚାରି ଔଷଧ ଆଣି ଜମିରେ ପକାନ୍ତି ହେଲେ ବହୁ ଅର୍ଥ ଖର୍ଚ୍ଚ ହୁଏ ହେଲେ କିଛି ଲାଭ ହୁଏ ନାହିଁ ଏହିପରି ଭାବରେ ବହୁ ଅସୁବିଧା ର ସମ୍ମୁଖୀନ ହେଉ ଥିବାର ଚାଷୀମାନେ କହିଛନ୍ତି । ପୋଟ୍ରେଲ ଗ୍ରାମପଞ୍ଚାୟତରେ ଗ୍ରାମ୍ୟ କୃଷି କର୍ମଚାରୀ ଭାବରେ ଦୀର୍ଘ ପାଞ୍ଚ ବର୍ଷ ହେବ ରହିଥିଲେ ମଧ୍ୟ ପଞ୍ଚାୟତ ଠାରୁ ମାତ୍ର ୩.୪କିମି ଦୂରରେ ଥିବା ଗ୍ରାମର ଚାଷୀମାନେ ଅଧିକାରୀଙ୍କୁ ଚିହ୍ନିନଥିବା ବଡ ଦୁଃଖର ବିଷୟ । ଏନେଇ ଆମେ ଦାୟିତ୍ୱ ରେ ଥିବା ଗ୍ରାମ୍ୟ କୃଷି କର୍ମଚାରୀ ଝରଣା ବା

କେ.ଏଲ. ରାହୁଲଙ୍କ ଲଢୁଆ ବ୍ୟାଟିଂ | ୧୧

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

୩ରେ ରିଲିଜ ହେବ ସୁସ୍ମିତାଙ୍କ 'ଆର୍ଯ୍ୟା ୩' | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୧୯୯ Vol. 20 No-199 9 OCTOBER 2023 MONDAY BHUBANESWAR ସୋମବାର, ୯ ଅକ୍ଟୋବର ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

ଭୟଙ୍କର ହେଉଛି ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ

ଯୁଦ୍ଧଭୂମିରେ ଶବର ପାହାଡ଼

- ଇସ୍ରାଏଲର ୩୫୦
- ପାଲେଷ୍ଟାଇନର ୩୧୩ ମୃତ
- ୩ ହଜାରରୁ ଅଧିକ ଆହତ
- ମାଟିରେ ମିଶିବ ହମାସ: ନେତାନ୍ୟାହୁ
- ଧ୍ୱଂସସ୍ତୂପରେ ପରିଣତ ଗାଜାଷ୍ଟ୍ରିପ୍

ନୂଆଦିଲ୍ଲୀ,୮।୧୦: ଶନିବାରଠାରୁ ଇସ୍ରାଏଲ ଓ ପାଲେଷ୍ଟାଇନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଭୟଙ୍କର ରୂପ ଧାରଣ କରିଛି। ପାଲେଷ୍ଟାନୀୟ ହମାସ ଆତଙ୍କବାଦୀମାନେ ୫ହଜାରରୁ ଅଧିକ ରକେଟ୍ ମାଡ଼ ଇସ୍ରାଏଲ ଉପରେ କରିବା ପରେ ଇସ୍ରାଏଲ ପାଲେଷ୍ଟାଇନ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ଶନିବାରଠାରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଆକ୍ରମଣ ଓ ପାଲଟା ଆକ୍ରମଣରେ ଉଭୟ ପକ୍ଷରୁ ୬ଶହରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ସେହିଭଳି ୩ହଜାରରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ଦିଆଯାଇଛି। ଇସ୍ରାଏଲର ୩୫୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବାବେଳେ ଇସ୍ରାଏଲ ଆକ୍ରମଣରେ ୩୧୩ ପାଲେଷ୍ଟାଇନବାସୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀମାନେ କହିଛନ୍ତି ଯେ ହମାସ ଆତଙ୍କବାଦୀଙ୍କ ଆକ୍ରମଣରେ ୩୫୦ ଇସ୍ରାଏଲବାସୀଙ୍କ ମୃତ୍ୟୁ ଘଟିଛି। ବହୁ ଇସ୍ରାଏଲ ନାଗରିକଙ୍କୁ ହମାସ ପଣବନ୍ଦୀ କରି ରଖିଥିବା ସୂଚନା ମିଳିଛି। ଏଥିସହ ୭୫୦ରୁ ଅଧିକ ଇସ୍ରାଏଲବାସୀ ନିଖୋଜ ଥିବା ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ପାଲେଷ୍ଟାଇନ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଇସ୍ରାଏଲର ଆକ୍ରମଣରେ ଗାଜାଷ୍ଟ୍ରିପ୍‌ରେ ୩୧୩ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୭ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ ସେନାଙ୍କ ଆକ୍ରମଣରେ ଗାଜାଷ୍ଟ୍ରିପ୍ ସଂପୂର୍ଣ୍ଣ ଧ୍ୱଂସ ପାଇଯାଇଛି। ବଡ଼ବଡ଼ କୋଠା ନଷ୍ଟ ହୋଇଯାଇଛି। ସବୁଆଡ଼େ କୁଢ କୁଢ ଶବ ଜମାହୋଇ ପଡ଼ିଛି। ତେବେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଯେ ହମାସକୁ ଆମେ ମାଟିରେ ମିଶାଇ ଦେବୁ। ଯଦିଓ ଯୁଦ୍ଧ ଲମ୍ବା ସମୟ ଚାଲିବ, ତେବେ ଆମେ ନିଶ୍ଚୟ ବିଜୟ ହାସଲ କରିବୁ। ସୂଚନାଯୋଗ୍ୟ ଯେ କିଛିଦିନ ହେବ ଗାଜାଷ୍ଟ୍ରିପ୍‌ରେ ଉତ୍ତେଜନା ଲାଗି ରହିଥିବାବେଳେ ଶନିବାର ହଠାତ୍ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ। ଗାଜାଷ୍ଟ୍ରିପ୍‌ରୁ ସେମାନେ ଇସ୍ରାଏଲ ଉପରକୁ ୫ହଜାରରୁ ଅଧିକ ରକେଟ ମାଡ଼ କରିଥିଲେ। ● ପୃଷ୍ଠା ୮ ଦେଖନ୍ତୁ

ସଂକ୍ଷେପରେ...

୧୦ରୁ ବସ୍ ଧର୍ମଘଟ

ଭୁବନେଶ୍ୱର,୮।୧୦(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଲକ୍ଷ୍ମୀବସ୍ ପ୍ରଚଳନକୁ ବିରୋଧ କରି ରାଜ୍ୟ ଘରୋଇ ବସ୍ ମାଲିକସଂଘ ପକ୍ଷରୁ ଆସନ୍ତା ୧୦ ତାରିଖ ସକାଳ ୬ଟାରୁ ଅନିର୍ଦ୍ଦିଷ୍ଟ କାଳପାଇଁ ଧର୍ମଘଟ କରାଯିବ ବୋଲି ସଂଘର ସାଧାରଣ ସଂପାଦକ ସୂଚନା ଦେଇଛନ୍ତି। ବିଭିନ୍ନ ସଂଘସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

୨୮ ଅଚିହ୍ନା ଶବର ସଂସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୮।୧୦(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୮ଜଣ ଯାତ୍ରୀଙ୍କ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ସେମାନଙ୍କ ମୃତଦେହ ସଂସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସିବିଆଇ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହଗୁଡ଼ିକୁ ବିଏମ୍‌ସିକୁ ହସ୍ତାନ୍ତର ପରେ ବିଏମ୍‌ସି ଗାଡ଼ିରେ ମୃତଦେହଗୁଡ଼ିକୁ ନିଆଯାଇ ସତ୍ୟନଗର ଓ ଭରତପୁର ଶ୍ମଶାନରେ ସଂସ୍କାର କରାଯିବ ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି।

ଆଫଗାନିସ୍ତାନ ଭୂକମ୍ପ ମୃତ୍ୟୁସଂଖ୍ୟା ୨୦୦୦ ଛୁଇଁଲା

କାବୁଲ,୮।୧୦: ଆଫଗାନିସ୍ତାନରେ ହୋଇଥିବା ଭୟଙ୍କର ଭୂମିକମ୍ପରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏଥିସହ ବହୁ କୋଠା ଧ୍ୱଂସ ପାଇଯାଇଛି। ଆଫଗାନିସ୍ତାନ ଏକରକମ ଛାରଖାର ହୋଇଯାଇଛି ବୋଲି କୁହାଯାଉଛି।

ସେନ୍‌ସେକ୍ସ: ୬୫,୯୯୫.୬୩
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

୦୮।୧୦ର ମତାମତ

ମାଓ ଦମନ ପାଇଁ ଓଡ଼ିଶାର ଦାବି କେନ୍ଦ୍ର ସରକାର ଗ୍ରହଣ କରିବା ଉଚିତ୍ ନୁହେଁ କି ?



ଆଜିର ପ୍ରସଙ୍ଗ

ନିର୍ବାଚନ ପରେ ଦରଦାମରେ ପୁଣି ଥରେ ବୃଦ୍ଧି ଘଟିବା ଉଚିତ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ଠିକ୍‌ଠାକ୍ କିଛି ଚାଲିନି ଦେଶରେ
ଝିମିଟି ଖେଳରୁ ମହାଭାରତ,
କିଏ କହୁଅଛି କାହାକୁ ରାବଣ
କିଏ କହେ କା'ରେ ଜୁମ୍‌ଲା ମିତ !
ଦେଶର ହିତ,
କିଏ ବା ଚାହୁଁଛି ବୁଝା ପଡୁନାହିଁ
ଦଳ ପାଇଁ ନେତା ବେଶି ଉନ୍ନତ !

ଆଇଏଏସ୍ ସ୍ତରରେ ଅଦଳବଦଳ

ବିଷ୍ଣୁପଦ ସେଠୀ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ବିଭାଗ ପ୍ରମୁଖ ଶାସନସଚିବ

ଭୁବନେଶ୍ୱର,୮।୧୦(ଭାସ୍କର ନ୍ୟୁଜ): ରବିବାର ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତିର ସୂଚନା ଅନୁଯାୟୀ ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଜିଏ ଆଣ୍ଡ ପିଜି ବିଭାଗ ଓଏସ୍‌ଡି ବିଷ୍ଣୁପଦ ସେଠୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ତଥା ବରିଷ୍ଠ ଆଇଏଏସ୍ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଲ୍ୟାଣ୍ଡ ରେକର୍ଡ୍ସ ଓ ସେଟଲମେଣ୍ଟ ବିଭାଗର କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ପାନୀୟଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ତଥା ବରିଷ୍ଠ ଆଇଏଏସ୍ ଡି.ପରମେଶ୍ୱରନଙ୍କୁ ଚକବନ୍ଦୀ କମିଶନର ଭାବେ ନିଯୁକ୍ତି ମିଳିଛି। ଏ.ଏଚ. ଓ ଭି.ଏସ. ନିର୍ଦ୍ଦେଶକ ରାମାଶିଷ ହାଜରାଙ୍କୁ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତିଭାବେ ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଜ୍ୟୋତିପ୍ରକାଶ ଦାସଙ୍କୁ ସ୍ପେଶାଲ ପ୍ରୋଜେକ୍ଟ ପିଆର ଆଣ୍ଡ ଡିଡବ୍ଲୁ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ସେ ଆରଓଟିଆଇର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ମଧ୍ୟ ରହିବେ। ସ୍ପେଶାଲ ପ୍ରୋଜେକ୍ଟ ପିଆର ଆଣ୍ଡ ଡିଡବ୍ଲୁ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପାନୀୟଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଥିବାବେଳେ ଏସଟି ଓ ଏସ୍‌ସି ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏସଟି ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ଅର୍ପଣ କରାଯାଇଛି। ରାଜସ୍ୱ ପରିଷଦ କଟକର ଅର୍ଥନୈତିକ ପରାମର୍ଶଦାତା ସୁବ୍ରତ ଶତପଥୀଙ୍କୁ ଆଇଜି ରେଜିଷ୍ଟ୍ରେସନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଦୀପ୍‌ଗ୍ରେସଙ୍କ ପାଇଁ ୫୦ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା

ଭୁବନେଶ୍ୱର,୮।୧୦(ଭାସ୍କର ନ୍ୟୁଜ): ଏସିଆନ ଗେମ୍ସ ମହିଳା ହକି ଟିମ୍ ସଦସ୍ୟା ତଥା ଓଡ଼ିଶାର ଷ୍ଟାର ଖେଳାଳି ଦୀପଗ୍ରେସ ଏକ୍କାଙ୍କ ପାଇଁ ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏସିଆନ ଗେମ୍ସରେ ଜାପାନକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିବା ଭାରତୀୟ ଟିମ୍‌ର ସଦସ୍ୟା ଥିଲେ ଦୀପ୍‌ଗ୍ରେସ୍। ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି। ଯୁବପିଢିଙ୍କ ପାଇଁ ସେ ଏକ ରୋଲ ମଡେଲ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଯେ ଦେଶପାଇଁ ଖେଳିବାକୁ ଚାହୁଁଥିବା ଯୁବ ଖେଳାଳିଙ୍କ ପାଇଁ ଦୀପଗ୍ରେସ୍ ହେଉଛନ୍ତି ଆଶା ଓ ଗର୍ବର ପ୍ରତୀକ।

୯୧ତମ ବାୟୁସେନା ଦିବସ

ଦମ୍ ଦେଖାଇଲା ଏୟାରଫୋର୍ସ

ନୂଆଦିଲ୍ଲୀ,୮।୧୦: ଭାରତୀୟ ବାୟୁସେନା ରବିବାର ୯୧ ବର୍ଷରେ ପଦାର୍ପଣ କରିଛି। ପ୍ରଥମଥର ପାଇଁ ଉତ୍ତରପ୍ରଦେଶର ପ୍ରୟାଗରାଜ ସହରରେ ବାୟୁସେନା ତାର ଦମ୍ ପ୍ରଦର୍ଶନ କରିଛି। ବାୟୁସେନା ପକ୍ଷରୁ ପ୍ରୟାଗରାଜରେ ଏୟାର ଶୋ ଅନୁଷ୍ଠିତ ହୋଇଛି। ଏଥିରେ ବାୟୁସେନାର ପ୍ରାୟ ଶହେରୁ ଅଧିକ ବିମାନ ଅଂଶଗ୍ରହଣ କରିଥିଲେ। ଭାରତୀୟ ବାୟୁସେନା ଇତିହାସରେ ଅକ୍ଟୋବର ୮କୁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ● ପୃଷ୍ଠା ୮ ଦେଖନ୍ତୁ

ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ, ୧୪ ମୃତ

ବେଙ୍ଗାଲୁରୁ,୮।୧୦: କର୍ଣ୍ଣାଟକର ଏକ ବାଣ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୧୪ଜଣଙ୍କର ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ କର୍ଣ୍ଣାଟକର ଅନେକାଲ ତାଲୁକ୍‌ର ଅଟିବଲେ ଅଞ୍ଚଳରେ ଥିବା ଏକ ବାଣ ଗୋଦାମରେ ଶନିବାର ବିଳମ୍ବିତ ରାତିରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣଙ୍କର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଖବର ପାଇବାପରେ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିବା ସହ ପ୍ରତ୍ୟେକ ମୃତକଙ୍କ ପରିବାର ପିଛା ୫ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ କହିଛି ଯେ ମୃତକଙ୍କ ମଧ୍ୟରେ ଅଧିକାଂଶ ବାଣଗୋଦାମ କର୍ମଚାରୀ ରହିଛନ୍ତି। ଶନିବାର ରାତିରେ ଏକ ଗାଡ଼ିରୁ ବାଣ ବାକ୍ସ ଅନଲୋଡ୍ କରାଯାଉଥିବାବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ୯ରୁ ଅଧିକ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫୋରେନସିକ୍ ଟିମ୍, ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ବିସ୍ଫୋରଣର ପ୍ରକୃତ କାରଣ ଖୋଜିବା ପାଇଁ ଉଦ୍ୟମ ଚଳାଇଛି। ଦୀପାବଳିକୁ ଦୃଷ୍ଟିରେ ରଖି ଏହି ଗୋଦାମରେ ଲକ୍ଷ ଲକ୍ଷ ଟଙ୍କାର ବାଣ ଗଚ୍ଛିତ ରଖାଯାଇଥିଲା।

ମର୍ଣ୍ଣିଂୱାକ୍‌ବେଳେ ମାଡ଼ିଗଲା ଗାଡ଼ି

୨ ଛାତ୍ରଙ୍କ ସମେତ ୩ ମୃତ

ବଲାଙ୍ଗୀର/ଅନୁଗୋଳ,୮।୧୦ (ଭାସ୍କର ନ୍ୟୁଜ): ରବିବାର ସକାଳେ ରାଜ୍ୟର ପୃଥକ ସ୍ଥାନରେ ଗାଡ଼ି ଧକ୍କାରେ ୩ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୨ଜଣ କଲେଜ ଛାତ୍ର ରହିଛନ୍ତି। ଏହି ତିନିଜଣ ମର୍ଣ୍ଣିଂୱାକ୍‌ରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ବଲାଙ୍ଗୀର ଜିଲ୍ଲା ଗେଡାବାଞ୍ଚି ଛକ ନିକଟରେ ଚାରିଜଣ ଛାତ୍ର ମର୍ଣ୍ଣିଂୱାକ୍ କରୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ସେମାନଙ୍କ ମଧ୍ୟରୁ ଜଣକୁ ପିଟିଦେଇ ଚାଲି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ନାମ ପୁରୁଷୋତ୍ତମ ଭୋଇ ବୋଲି ଜଣାପଡ଼ିଛି। ସେ ଯୁକ୍ତ ଦୁଇର ଛାତ୍ରଥିଲେ ଓ ଶିଳବାହାଲିରେ ମାମୁଘରେ ରହି ପାଠ ପଢୁଥିଲେ। ସେହିପରି ଅନ୍ୟ ଘଟଣାଟି ଅନୁଗୋଳ ଜିଲ୍ଲା ପାଲଲହଡ଼ା ମୁକ୍ତାପୁର ଛକରେ ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ମଧ୍ୟ ମର୍ଣ୍ଣିଂୱାକ୍‌ରେ ଯାଇଥିଲେ। ଦୁଇ ମୃତକ ହେଲେ ସାଧୁ ସାମାର ଓ ବାବୁଲି ଶୁଣ୍ଡି। ସାଧୁଙ୍କ ଘର ମୁକ୍ତାପୁରରେ ହୋଇଥିବାବେଳେ ବାବୁଲି ମୁକ୍ତାପୁର ମାମୁଘରେ ରହି ପାଠ ପଢୁଥିଲେ। ସେ ମାଲ୍ୟଗିରି କଲେଜର ଯୁକ୍ତଦୁଇ ଛାତ୍ର ଥିଲେ। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକେ ରାସ୍ତାରୋକ କରିଥିଲେ।

ହଜିଗଲା ମଣିଷପଣିଆ

ବର୍ଷବର୍ଷ ଧରି ଭାଉଜକୁ ଦୁଷ୍କର୍ମ କରୁଥିଲା ଦିଅର !

ତିନି ଝିଆରୀଙ୍କୁ ବି ଛାଡ଼ି ନଥିଲା
ଭୟରେ ଘର ଛାଡ଼ିଥିଲେ ମା-ଝିଅ
ରାସ୍ତାରେ ବି ହୋଇଥିଲେ ଦୁଷ୍କର୍ମର ଶିକାର

ରାଉରକେଲା,୮।୧୦(ଭାସ୍କର ନ୍ୟୁଜ): ଦିଅର ପାଲଟି ଯାଇଥିଲା ରାକ୍ଷସ। ବର୍ଷ ବର୍ଷ ଧରି ଭାଉଜକୁ ବାରମ୍ବାର କରି ଚାଲିଥିଲା ଦୁଷ୍କର୍ମ। ଖାଲି ଭାଉଜ ନୁହେଁ, ତିନି ଝିଆରୀ ମଧ୍ୟ ବାଦ୍ ପଡ଼ିନଥିଲେ। ବାରମ୍ବାର ନିର୍ଯାତନାର ଶିକାର ହେବା ପରେ ଭୟରେ ଦିଅରରୂପୀ ରାକ୍ଷସ କବଳରୁ ମୁକୁଳି ପଳାଇ ଆସିଥିଲେ ମା' ଓ ସାନ ଝିଅ। ହେଲେ ଭାଗ୍ୟର ବିଡମ୍ବନା। ରାସ୍ତାରେ ଆସୁଥିବାବେଳେ କେତେଜଣ ଅମଣିଷ କୁକୁର ଭଳି ମା' ଓ ଝିଅଙ୍କୁ ଝୁଣି ପକାଇଥିଲେ। ଦେହରୁ ବସ୍ତ୍ର ଖୋଲି ଦେଇଥିଲେ। ଶରୀରକୁ ରକ୍ତାକ୍ତ କରି ଦେଇଥିଲେ। ଯେଉଁଥିପାଇଁ ମା' ଓ ଝିଅ ଉଲଗ୍ନ ହୋଇ ରାସ୍ତାରେ ଚାଲିଚାଲି ରାଉରକେଲା ଅଭିମୁଖେ ବାହାରିଥିଲେ। ତେବେ ବିଜେପି ବିଧାୟିକା କୁସୁମ ଟେଟେଙ୍କ ନଜରକୁ ଏହା ଆସିବା ପରେ ସେ ତାଙ୍କୁ ବସ୍ତ୍ର ଦେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏବେ ପଚରାଉଚରା ପରେ ସବୁ ସତ ପଦାକୁ ଆସିଛି। ଝାଡ଼ଖଣ୍ଡର ଖଇରିବାହାଲ ଅଞ୍ଚଳର ରିମା (ଛଦ୍ମନାମ) ନାମକ ଜଣେ ଯୁବତୀ ସ୍ୱାମୀଙ୍କ ହାତଧରି ଶାଶୁଘରକୁ ଆସିଥିଲେ। ହେଲେ ଶାଶୁଘରେ ତାଙ୍କ ଭାଗ୍ୟ ଆକାଶରେ ଘୋଟି ଆସିଥିଲା କଳା ବାଦଲ। ଦିଅର ମିଥୁନ ଭାଉଜ ଉପରେ ପକାଇଥିଲେ ପାପ ନଜର। ସ୍ୱାମୀଙ୍କ ଅନୁପସ୍ଥିତିରେ ରଖୁଥିଲେ ଶାରୀରିକ ସମ୍ପର୍କ। ଯଦିଓ ରିମା ଲୋକଲଜ୍ଜା ଭୟରେ ଏକଥା କାହାପାଖରେ ପ୍ରକାଶ କରିପାରୁନଥିଲେ। ତେବେ ଘର ଭିତରେ ଦୁଃଖକଷ୍ଟ ଓ ଭୟରେ ରହୁଥିଲେ। ଏହାପରେ ସେ ତିନୋଟି କନ୍ୟା ସନ୍ତାନର ଜନନୀ ହୋଇଥିଲେ। ଧିରେ ଧିରେ ଝିଅମାନେ ବଡ଼ ହେଲେ, କିନ୍ତୁ ସେହି ସମୟରେ ରିମାଙ୍କ ସ୍ୱାମୀ ରିମାଙ୍କୁ ଛାଡ଼ି ଚାଲିଗଲେ। ଏହାପରେ ଦିଅର ମିଥୁନ ରିମା ଓ ତାଙ୍କ ତିନି ଝିଅଙ୍କୁ ନିର୍ଯାତନା ଦେବା ସହ ଜୋର ଜବରଦସ୍ତ ସେମାନଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିରେ ଭୟଭୀତ ହୋଇ ରିମା ୨୪ ● ପୃଷ୍ଠା ୮ ଦେଖନ୍ତୁ

ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ହେବ ଲାଇବ୍ରେରୀ

ବ୍ୟୟ ହେବ ୩୦.୫୮ କୋଟି

ଭୁବନେଶ୍ୱର,୮।୧୦(ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ନେତା ସ୍ୱର୍ଗତଃ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ କଟକ ପୁରୀ-ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଏକ ଅତ୍ୟାଧୁନିକ ଲାଇବ୍ରେରୀ ପ୍ରତିଷ୍ଠା ହେବ। ଏଥିନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି କରିବା ସହ ଏ ନେଇ ବ୍ୟୟ କରିବାକୁ ଥିବା ୩୦ କୋଟି ୫୮ଲକ୍ଷ ଖର୍ଚ୍ଚ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ କଟକ ଗସ୍ତ ସମୟରେ କଟକରେ ସ୍ୱର୍ଗତଃ ପଣ୍ଡିତଙ୍କ ସ୍ମୃତିରେ ଏକ ଅତ୍ୟାଧୁନିକ ଲାଇବ୍ରେରୀ ପ୍ରତିଷ୍ଠାପାଇଁ ସହରବାସୀ ଦାବି କରିଥିଲେ।

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ରବିବାର ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅଂଶ ସ୍ୱରୂପ ୱାକାଥନ ଓ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ୱାକାଥନ ରାଲିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଜିଲ୍ଲାସ୍ତରୀୟ ଅଫିସରମାନେ ମିଶି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରୁ ବାହାରି ଡ.ଏନ.କେ ଛକ, ପୁରୁଣା ମେଡିକାଲ ଛକ, ମାଲକାନଗିରି ମହାବିଦ୍ୟାଳୟ ଦେଇ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ଏଥିପାଇଁ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ରଖାଯାଇଥିଲା । ଏହାପରେ ପୋଲିସ ଏବଂ ବିଏସ୍ଏଫ୍ ଯବାନମାନେ ମୋଟର ସାଇକେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଲୋକଙ୍କୁ ସାଇବର ଅପରାଧ ନେଇ ସଚେତନତା ସୃଷ୍ଟି କରିଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦେବବର ପ୍ରଧାନ, ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝି, ଜିଲ୍ଲା ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, ତହସିଲଦାର ସବୀର ସାହା ଯୋଗଦେଇ କୃତି ପ୍ରତିଯୋଗୀ ପୁରୁଷଙ୍କ ମଧ୍ୟରେ ସନା ମାଢି, ରାମ ଚନ୍ଦ୍ର ତାଟି ଏବଂ ଉଙ୍ଗା ସୋଡି ଥିବାବେଳେ ମହିଳାଙ୍କ ମଧ୍ୟରେ ସଙ୍ଗୀତା ମାଢି, କାଜଲ ପୂଜାରୀ ଏବଂ ବିଜୁଳି ପୂଜାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ବିଦ୍ୟାଳୟ, ମହା ବିଦ୍ୟାଳୟର ଛାତ୍ରଛାତ୍ରୀ, ପୋଲିସ କର୍ମଚାରୀ ଓ ବିଭିନ୍ନ ବର୍ଗର ଲୋକେ ଅଂଶଗ୍ରହଣ କରିଥିଲେ ।

ମହିମା ସମାଜର ନୂଆଁଖାଇ ଭେଟଘାଟ

ଝରିଗାଁ, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଚାଟିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପରିଆ ଗ୍ରାମ ସ୍ଥିତ ମହିମା ମଠ ପରିସରରେ ମହିମା ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମ ଅବଧୂତ ଡମ୍ବରୁଧର ବାବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ଅନାଦି ଚରଣ ବାବା, ବ୍ରହ୍ମ ଅବଧୂତ ସୌଭାଗ୍ୟ ବାବା, ବ୍ରହ୍ମ ଅବଧୂତ ଭଗତରାମ ବାବା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଶ୍ରୀବନ୍ତ ଦାସ, ହୃଷିକେଶ ଦାସ, ଯଦୁମଣି ଦାସ, ନେପାଳ ଦାସ, ଗଙ୍ଗାଧର ଦାସ, ରାମ ଦାସ, କାର୍ତ୍ତିକ ନାଟଗୁରୁ, ଗୋବର୍ଦ୍ଧନ ଦାସଙ୍କ ସମେତ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଏବଂ ଛତିଶଗଡ଼ ଜିଲ୍ଲାରୁ ସହସ୍ରାଧିକ ସଂଖ୍ୟାରେ ଭକ୍ତଗଣ ଉପସ୍ଥିତ ରହିଥିଲେ । ବିଭିନ୍ନ ଜିଲ୍ଲାର ମହିମା ମଣ୍ଡଳୀର ବଡଭାଇ, ଟହଲିଆ, ଅଧିକାରୀ, ସଭାପତି ଓ ଅନ୍ୟାନ୍ୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ । ଗ୍ରାମର ମାଝୀ, ପୂଜାରୀ, ଗାଉଟିଆ, ଶିରା, ଦିଶାରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ଠା ସହକାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଥମେ ପରିଚୟ ପ୍ରଦାନ ଓ ଆସନ ଗ୍ରହଣ, ମହିମା ଭଜନ, ନିରବ ପ୍ରାର୍ଥନା, ସ୍ୱାଗତ ନୃତ୍ୟ ପରିବେଷଣ, ଧର୍ମକାର୍ଯ୍ୟ ପ୍ରବଚନ ଓ ଶେଷରେ ନୀତିବାଣୀ ଉପରେ ଉପସ୍ଥିତ ବାବାମାନେ ପ୍ରବଚନ ଶୁଣେଇଥିଲେ । ମହିମା ଧର୍ମାବଲମ୍ବୀଙ୍କ ନିମନ୍ତ୍ରଣରେ ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ହିନ୍ଦୁ ମହାସଂଘର ରାଜ୍ୟ ସମ୍ପାଦକ ଉମାକାନ୍ତ ନାୟକ, ହିନ୍ଦୁ ମହାସଂଘର ରାଷ୍ଟ୍ରୀୟ ଅଧକ୍ଷ ଜୟନ୍ତ ପାତ୍ର, ଚାଟିଗୁଡ଼ା ସରପଞ୍ଚ ଗୋପବାଲୀ ପୂଜାରୀ, ବେଲଗାଁ ସରପଞ୍ଚ ଥବିର ପୂଜାରୀ, ଦୁର୍ଗାଗୁଡ଼ା ଭତ୍ରା ସମାଜର ସଭାପତି ଗୋପାଳ ପୂଜାରୀ, ପରିଆ ଗ୍ରାମର ଟହଲିଆ ପୂଜାରୀ ବଳି ଭତରା, ଚାଟିଗୁଡ଼ା ସରପଞ୍ଚ ପ୍ରତିନିଧି ସଦା ପୂଜାରୀ ପ୍ରମୁଖ ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଡାକ୍ତରୀ ଟିମ୍‌କୁ ନେଇ କିଡ୍‌ନୀ ପ୍ରଭାବିତ ଗ୍ରାମ ବୁଲିଲେ ଜିଲ୍ଲାପାଳ
କମ୍ୟୁନିଟି ଜଳ ବିଶୋଧନ ମେସିନ ଲଗାଇବାକୁ ଦାବି

ବୌଦ୍ଧ (ଭାସ୍କର ନ୍ୟୁଜ): ହରଭଙ୍ଗା ବ୍ଲକର କିଡ୍‌ନୀ ପ୍ରପୀଡ଼ିତ ଗ୍ରାମଗୁଡିକୁ ଡାକ୍ତରୀ ଟିମ୍ ଓ ପ୍ରଶାସନିକ କଳ ସହିତ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି ବୌଦ୍ଧ ଜିଲ୍ଲାପାଳ । ଏହି ପରିପ୍ରେକ୍ଷୀରେ ଶନିବାର ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁ ଧଳପୁର, ଜବଳପୁର, ଚନ୍ଦ୍ରଶେଖରପୁର, ସଂକୁଲେଇ, ବିଶିପାଲି, ଖରଭୂଇଁ, କରଞ୍ଜକଟା ଆଦି ଗ୍ରାମ ପରିଦର୍ଶନ ବେଳେ କିଡ୍‌ନୀ ରୋଗୀଙ୍କୁ ସିଧାସଳଖ ଭେଟି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । କିଡ୍‌ନୀ ରୋଗରେ ଆକ୍ରାନ୍ତ ଅଧିକାଂଶ ରୋଗୀ ଏବଂ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । କିଡ୍‌ନୀ ପ୍ରପୀଡ଼ିତ ନାଗରିକ କମିଟିର ଆବାହକ ଇଂ ବିକାଶ ମହାକୁଲ ବ୍ଲକର ୭ଟି ପାଞ୍ଚୟତର ୨୪ଟି ଗ୍ରାମରେ ଏହି ରୋଗ ଅଧିକ ବ୍ୟାପିଥିବାରୁ ଉକ୍ତ ଗ୍ରାମମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଯଥାଶୀଘ୍ର

କମ୍ୟୁନିଟି ଜଳ ବିଶୋଧନ ମେସିନ ଲଗାଇବାକୁ ଅନୁରୋଧ କରିଥିଲେ । ସେହିପରି ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗୀଙ୍କୁ ୩୦ ଦିନ ପରିବର୍ତ୍ତେ ୧୦ ଦିନର ଔଷଧ ଦେବା ଓ ରୋଗୀଙ୍କ ପାଇଁ ମାସକୁ ଥରେ କିଡ୍‌ନୀ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର କରିବାକୁ ଦାବି କରାଯାଇଥିଲା । ସୂଚନାଯୋଗ୍ୟ, ଏଯାଏଁ ହରଭଙ୍ଗା ବ୍ଲକରେ କିଡ୍‌ନୀ ରୋଗରେ ପୀଡିତ ହୋଇ ୨୭୦ଜଣ ରୋଗୀ ମୃତ୍ୟୁବରଣ କରିସାରିଲେଣି । ୨୫୦ ରୁ ଊର୍ଦ୍ଧ୍ୱ ରୋଗୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି । ଏଭଳି ପ୍ରସଙ୍ଗକୁ ଜିଲ୍ଲା ପ୍ରଶାସନ ଗମ୍ଭୀରତାର ସହିତ ନେଇ ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି । ଜିଲ୍ଲାପାଳଙ୍କ ସହିତ ପରିଦର୍ଶନ ବେଳେ ସିଡିଏମ୍‌ଓ, ଡିପିଏମ୍, ପିଡ଼ି ଡିଆର୍‌ଡିଏ, ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଜୀବିକା ହରାଉଛନ୍ତି କୁମ୍ଭାର ପରିବାର

ମାଟି ଶାଳଘର ପୁନରୁଦ୍ଧାର ପାଇଁ ଗଙ୍ଗାପୁର କୁମ୍ଭାର କୁଳର ନିବେଦନ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଯେକୌଣସି ଶୁଭ କାର୍ଯ୍ୟ ବିବାହ, ବ୍ରତ, ପ୍ରତିଷ୍ଠା, ହୋମ ଯଜ୍ଞ ଆଦିରେ ମାଟିରେ ନିର୍ମିତ ଦୀପ, ସରା ଓ କଳସ ବ୍ୟବହୃତ ହୋଇଥାଏ । ପୂର୍ବରୁ ଘରେ ଘରେ ମାଟି ନିର୍ମିତ ଗ୍ଲାସ୍, ମାଠିଆ, ରୋଷେଇ ପାଇଁ ବିଭିନ୍ନ ପ୍ରକାରର ମାଟିପାତ୍ର ଆଦି ବହୁଳ ମାତ୍ରରେ ବ୍ୟବହାର କରୁଥିଲେ । ଏବେ ବି ଗ୍ରାମାଞ୍ଚଳରେ କିଛି କିଛି ଘରେ କାଁ ଭାଁ ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି । ମାଟି ହାଣ୍ଡି ରୋଷେଇର ଅନେକ ମହତ୍ତ୍ୱ ରହିଛି । ମାଟି ହାଣ୍ଡିରେ ପ୍ରସ୍ତୁତ ରୋଷେଇ ସୁ ସ୍ୱାଦିଷ୍ଟ ବୋଲି ସମସ୍ତେ କୁହନ୍ତି । ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ମାଟି ହାଣ୍ଡିରେ ପ୍ରସ୍ତୁତ ଯାହା ସାରା ପୃଥିବୀ



ପ୍ରସିଦ୍ଧ । ଛତ୍ରପୁର ବ୍ଲକର ଗଙ୍ଗାପୁରର ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ପରିବାରର କୌଳିକ ବୃତ୍ତି ଥିଲା ମାଟି ପାତ୍ର ତିଆରି କରି ବିକ୍ରୀ କରୁଥିଲେ । କାଳକ୍ରମେ ପ୍ରାୟ ପରିବାର ଧିରେ ଧିରେ କୌଳିକ ବୃତ୍ତିରୁ ଦୂରେଇ ଯାଇ ବାହାର ରାଜ୍ୟକୁ ଦାଦାନ ପାଇଁ ଯାଉଛନ୍ତି । ଏବେ କେବଳ ପ୍ରାୟ ୪୦ ପରିବାର ଏହି ବୃତ୍ତି କରି ନିଜ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି । କିନ୍ତୁ ନିଜ ପିଲାମାନଙ୍କର ଭବିଷ୍ୟତକୁ ନେଇ ଚିନ୍ତାରେ ଅଛନ୍ତି ସେମାନେ । ଏଥିମଧ୍ୟରେ ୧୯୯୧ରେ କୁମ୍ଭାରଙ୍କ ସାମଗ୍ରୀ ତିଆରି ପାଇଁ ଏକ କୁମ୍ଭାର ଶାଳ ବା ମାଟି ହାଣ୍ଡି ତିଆରି ଶାଳ ହୋଇଥିଲା । ୧୯୯୯ ବାତ୍ୟା ଓ ଫାଇଲିନ, ହୁଡୁହୁଡୁ ଭଳି ବାତ୍ୟାରେ କୁମ୍ଭାର ଶାଳ ଭାଙ୍ଗିଯାଇଛି । ଏଣୁ କୁମ୍ଭାରମାନଙ୍କୁ ସାମଗ୍ରୀ ତିଆରି କରିବା ଓ ସେଗୁଡ଼ିକ ରକ୍ଷଣାବେକ୍ଷଣ କରିବା ପାଇଁ ସ୍ଥାନ ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଯଦି ସରକାର ଉତ୍ସାହିତ କରି ଏମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରନ୍ତି ତେବେ ଏହି କୌଳିକ ବୃତ୍ତିରୁ ମୁହଁ ଫେରାଇ ଥିବା ପରିବାର ପୁଣି ଏହି ବୃତ୍ତିକୁ ଆପଣାଇବେ ଏବଂ ଏହି କୌଳିକ ବୃତ୍ତି ଜୀବିତ ରହିବ ବୋଲି କୁମ୍ଭାର ପରିବାରମାନେ କହିଛନ୍ତି ।

ଜନ୍ତୁ ଶିକାର କରିବାକୁ ଯାଇ ନିଜ ଗୁଳିରେ ଶିକାର ହେଲେ ଶିକାରୀ

ବୌଦ୍ଧ, (ଭାସ୍କର ନ୍ୟୁଜ): ବୌଦ୍ଧ ବନଖଣ୍ଡ ମାଧପୁର ରେଞ୍ଜ ଅନ୍ତର୍ଗତ ବଦଲା ଗ୍ରାମରେ ଘଟିଛି ଏକ ଅଭାବନୀୟ କାଣ୍ଡ । ବନ୍ଧୁକ ଧରି ନିକଟସ୍ଥ ଜଙ୍ଗଲକୁ ଜନ୍ତୁ ଶିକାର କରିବାକୁ ଯାଇଥିଲେ ଶିକାରୀ । ହେଲେ ଜନ୍ତୁ ବଦଳରେ ନିଜ ଗୁଳିରେ ନିଜେ ଶିକାର ହେଲେ ଶିକାରୀ । ବନ୍ଧୁକରୁ ଗୁଳିଫୁଟି ଓଲଟି ଶିକାରୀଙ୍କ ଶରୀରରେ ପଶିଯାଇଛି । ଏଭଳି ଏକ ସ୍ପର୍ଶକତାର ଘଟଣା ସାମ୍ନାକୁ ଆସିଛି ଆଡେନିଗଡ଼ ପଞ୍ଚାୟତ ଅନ୍ତର୍ଗତ ବଦଲା ଗ୍ରାମରୁ । କଥାରେ ଅଛି ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ । ସୂଚନା ଅନୁଯାୟୀ, ବଦଲା ଗ୍ରାମର ଶିକାରୀ ସନ୍ନ୍ୟାସୀ ଜାନୀ ଶନିବାର ରାତିରେ ଜନ୍ତୁ ଶିକାର ପାଇଁ ନିକଟସ୍ଥ ମୁଣ୍ଡେଶ୍ୱର ଜଙ୍ଗଲକୁ ଯାଇଥିଲେ । ହେଲେ ଜଙ୍ଗଲର ଏକ ପଥରରେ

ଝୁଣ୍ଟି ହୋଇ ପଡ଼ିଯିବାରୁ ଆପେ ଆପେ ବନ୍ଧୁକରୁ ଗୁଳି ଫୁଟି ଶିକାରୀଙ୍କ ଶରୀରରେ ପଶିଯାଇଥିଲା । ଶିକାରୀଙ୍କ ଏଭଳି ଅବସ୍ଥା ଦେଖି ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ମେଡ଼ିକାଲରେ ଭର୍ତ୍ତି କରିଥିଲେ । ହେଲେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେଠାରୁ ନୟାଗଡ଼ ରେଫର୍ କରିଥିଲେ । ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଶନିବାର ରାତିରୁ ଏତେବଡ଼ ଘଟଣା ଘଟିଯାଇଥିଲେ ମଧ୍ୟ ବନ ବିଭାଗର ସମ୍ପୃକ୍ତ ମାଧପୁର ରେଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ନିକଟରେ ଏହାର କୌଣସି ସୂଚନା ନାହିଁ । ଏଥିରୁ ବନ୍ୟଜନ୍ତୁ ସୁରକ୍ଷା କାର୍ଯ୍ୟ କିଭଳି ଚାଲିଛି ତାହା ସ୍ପଷ୍ଟ ଅନୁମେୟ ।

ପୁଣି ସମୂହ ଛୁଟିରେ ଯିବାକୁ ଅମଲାଙ୍କ ସଜବାଜ

ମାଲକାନଗିରି, (ଭାସ୍କର ନ୍ୟୁଜ): ରବିବାର ପୂର୍ବାହ୍ନରେ ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ, ମାଲକାନଗିରି ଶାଖାର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମିଳିତ ଅମଲା ମଞ୍ଚର ଆବାହକ ଶ୍ୟାମ ସୁନ୍ଦର ନାୟକଙ୍କ ଆହ୍ୱାନକ୍ରମେ ମିଳିତ ଅମଲା ମଞ୍ଚର ଅଧକ୍ଷ ଲକ୍ଷ୍ମୀ ନାରାୟଣ ସେଠୀ ସଭାପତିତ୍ୱ କରିଥିଲେ । ଉକ୍ତ ବୈଠକରେ ମିଳିତ ଅମଲା ମଞ୍ଚର ସମସ୍ତ କର୍ମକର୍ତ୍ତା, ସଦସ୍ୟଙ୍କ ସହିତ ଅମଲା ସଂଘର ସମ୍ପାଦକ ଲକ୍ଷ୍ମୀଧର ଦାଶ, ରାଜସ୍ୱ ଅମଲା ସଂଘର ସଭାପତି ସି. ହେଚ.ପି.କ୍ରିଷ୍ଣା ରାଓ, ସମ୍ପାଦକ ଦିଲ୍ଲୀପ କୁମାର ନାୟକ, ମିଳିତ ଅମଲା ମଞ୍ଚର କୋଷାଧକ୍ଷ

ପ୍ରଶାନ୍ତ କୁମାର ପୃଷ୍ଟି, ମିଡିଆ ସେକ୍ରେଟାରୀ ସୁକାନ୍ତ କୁମାର ସାହୁ ଓ ସନ୍ତୋଷ କୁମାର ସେନାପତିଙ୍କ ସମେତ ଅମଲା ସଂଘ, ରାଜସ୍ୱ ଅମଲା ସଂଘ, ଟ୍ରେଜେରୀ ଅମଲା ସଂଘ ଓ ସବ୍ ରେଜିଷ୍ଟ୍ରାର ଅମଲା ସଂଘର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅମଲା ଭାଇ ଓ ଭଉଣୀମାନେ ଏହି ସଭାରେ ଉପସ୍ଥିତ ଥିଲେ । ଜିଲ୍ଲାସ୍ତରୀୟ ଅମଲାଙ୍କର ଏକମାତ୍ର ନ୍ୟାର୍ଯ୍ୟ ଦାବି ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମୂଳ ଦରମା ୯୩୦୦ ସହିତ ୪୨୦୦ ଗ୍ରେଡ୍ ପେ' ପ୍ରଦାନ ଓ ଲେଭେଲ -୯ରେ ଦରମା ନିର୍ଦ୍ଧାରଣ କରିବା ପାଇଁ ଗତ ଜୁନ ୧ରୁ ୧୭ ତାରଖ ପର୍ଯ୍ୟନ୍ତ ଓଡ଼ିଶାର ୩୦ଟି ଜିଲ୍ଲାରେ କାର୍ଯ୍ୟରତ ୩୦ହଜାରରୁ ଊର୍ଦ୍ଧ୍ୱ ଅମଲା ଭାଇ ଓ ଭଉଣୀମାନେ ସମୂହ ଛୁଟିରେ ରହି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଜାରି ରଖିଥିଲେ । ମାତ୍ର ଗତ ଜୁନ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି .କେ. ପାଣ୍ଡିଆନଙ୍କ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅମଲାଙ୍କ ଦାବି ଏକ ଯୁକ୍ତିଯୁକ୍ତ ଦାବି ବୋଲି ଉପଲବ୍ଧି କରିଥିଲେ । ଏହି ଦାବି ଶୀଘ୍ର ପୂରଣ କରାଯିବ ବୋଲି ଘୋଷଣା କରିବାରୁ ୧୭ ଦିନର ସମୂହ ଛୁଟିକୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା । ମାତ୍ର ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ ଇତିମଧ୍ୟରେ ପ୍ରାୟ ୪ ମାସ ପୂରଣ ହେବାକୁ ଯାଉଛି, ହେଲେ କମିଟି ଗଠନ କରି ସରକାର ବର୍ତ୍ତମାନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହଛନ୍ତ । ଦାବି ପୂରଣ ନିମନ୍ତେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରି ନାହାନ୍ତି । ସେଥିପାଇଁ ଓଡ଼ିଶାର ୩୦ଟି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଓ ଭଉଣୀମାନେ ରବିବାର ସନ୍ଦିହାନ ଯେ ସରକାର ବୋଧେ ଅମଲାଙ୍କ ଦାବି ପୂରଣ ନିମନ୍ତେ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ନାରାଜ ଅଟନ୍ତି । ଏଥିପାଇଁ ଆଜି ଅମଲାଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବା ସହିତ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଏହି ଜରୁରୀ ସାଧାରଣ ପରିଷଦ ବୈଠକ ଓ ସାମ୍ବାଦିକ ସମ୍ମିଳନୀର ଅୟୋଜନ କରାଯାଇଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବହୁ ସାମ୍ବାଦିକ ବନ୍ଧୁ ଉପସ୍ଥିତ ରହିଥିବାରୁ ସମସ୍ତଙ୍କୁ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ, ମାଲକାନଗିରି ଶାଖା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଅମଲାଙ୍କ ଦାବି ସରକାର ଯଥାଶୀଘ୍ର ପୂରଣ ନକଲେ ରାଜ୍ୟ ବ୍ୟାପୀ ଅମଲା ଆନ୍ଦୋଳନ ପୁଣି ଥରେ ଆରମ୍ଭ ହେବାକୁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫-ଟି ସଚେତନତା କାର୍ଯ୍ୟକ୍ରମ

ବରଗଡ଼, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚକରକେନ୍ଦ ଠାରେ ଅଧ୍ୟାପକ ବନମାଳୀ ସାହୁଙ୍କ ସଭାପତିତ୍ୱରେ ୫-ଟି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଚକରକେନ୍ଦ ଗୋବର୍ଦ୍ଧନ ମେହେର ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ପିଲାମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ଦରିଦ୍ର ପ୍ରଧାନ ୫-ଟି ଅନ୍ତର୍ଭୁକ୍ତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ମହାବିଦ୍ୟାଳୟରେ ୫-ଟି କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ । ଏହା ସହ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଅପହୃତ ଯୁବକଙ୍କ ମୃତଦେହ ଉଦ୍ଧାର

ଛତ୍ରପୁର, (ଭାସ୍କର ନ୍ୟୁଜ): ଦିନ ଦ୍ୱିପହରରେ ଜଣେ ଯୁବକଙ୍କୁ ଅପହରଣ କରି ନେଇଥିଲେ ଦୁର୍ବୃତ୍ତ । ରବିବାର ଅପହୃତ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ ଜେ ଛଚିନାଠାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଥିବା ବେଳେ ପୋଲିସ ପାଇଁ ଏହି ଘଟଣା ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ

ତେନ୍ତୁଳି ଖୁଣ୍ଟି,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଚରାମୂଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ସଂକଳ୍ପ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଯୋଗ ଦେଇ ବାଳିକାମାନଙ୍କର ଶିକ୍ଷାର ମାନବୃଦ୍ଧି ଓ ସ୍ୱଚ୍ଛତା , ବାଲ୍ୟ ବିବାହ ରୋକିବା ନେଇ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀମାନଙ୍କ ଶିକ୍ଷାପ୍ରତିମାନ ତଥା ଶିକ୍ଷା ପ୍ରତି ଉତ୍ସାହ ବଢାଇବା ସକାଶେ ରଚନା, ଚିତ୍ରାଙ୍କନ, ରଙ୍ଗୋଲି, ଓ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ରେ ତେନ୍ତୁଳି ଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଳିକାମାନଙ୍କ ଶିକ୍ଷା ଓ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଏବଂ ଅଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀମାନେ କିଭଳି ପୁନର୍ବାର ବିଦ୍ୟାଳୟକୁ ଆସି ପାଠ ପଢିପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଏଥିସହ ଆନ୍ତର୍ଜାତିୟ ବାଳିକା ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀମାନେ ବେଟି ବଚାଓ ବେଟି ପଢାଓ ନାରା ଦେଇ ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ମଧୁସୂଦନ ବାଗ ପରିଚାଳନା କରିବା ସହ ଚରାମୂଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

ବାଡ଼ ଖାଉଛି ଫସଲ !

କାଠ ଚାଲାଣ ବେଳେ ଜବତ, ଫରେଷ୍ଟଗାର୍ଡଙ୍କୁ ନିଲମ୍ବନ ଦାବି

ନୂଆପଡ଼ା,(ଭାସ୍କର ନ୍ୟୁଜ୍): ବାଡ଼ ଖାଉଛି ଫସଲ। ଏକଥା ଆମେ କହୁନୁ ଏକଥା କହୁଛନ୍ତି ଗାଁ ଲୋକେ। ନୂଆପଡ଼ା ଜିଲ୍ଲା କୋମନା ରେଞ୍ଜ ଗଣ୍ଡାମେର ପଞ୍ଚାୟତ ବାବୁପାଲି ଗାଁରେ ବନବିଭାଗ କର୍ମଚାରୀ ଜଙ୍ଗଲ କାଟି କାଠ(ବଲି) ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଗତକାଲି ରାତିରେ କାଠ ଚାଲାଣବେଳେ ଜଙ୍ଗଲ ସୁରକ୍ଷା କମିଟି ଜବତ କରିଛି। ଏଠି ରକ୍ଷକ ସାଜିଥିବା ଭକ୍ଷକ ଫରେଷ୍ଟ ଗାର୍ଡଙ୍କ ନିଲମ୍ବନ ସହ ବଦଳି ଦାବି କରିଛନ୍ତି। ବାବୁପାଲି ଓ ଜଟଗଡ଼ ପଞ୍ଚାୟତ ବାବେଘାଟି ଗାଁ ମଝିରେ ରହିଛି ରାଣି ଡୁଙ୍ଗୁରୀ ଗ୍ରାମ୍ୟ ଜଙ୍ଗଲ। ଏହି ଜଙ୍ଗଲକୁ ବାବୁପାଲି ଗାଁ ଲୋକେ ପାଳି କରି ୩୦ ବର୍ଷ ହେବ ଦିନରାତି ଖଟି ସୁରକ୍ଷା ଦେଇ ଆସୁଛନ୍ତି। ଏବେ ଗାଁର ଜୟ ଜଗନ୍ନାଥ ଜଙ୍ଗଲ ସୁରକ୍ଷା କମିଟି ଗଠନ କରି ସୁରକ୍ଷା କରୁଛନ୍ତି। ତେବେ, ଏଠି ଏବେ କାଠ ମାଫିଆଙ୍କ ବଦଳରେ ରକ୍ଷକ ସାଜିଥିବା ବନ କର୍ମଚାରୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଗତକାଲି ରାଣିଡୁଙ୍ଗୁରୀ ଜଙ୍ଗଲରେ ଶାଗୁଆନ ଓ ଅନ୍ୟ ମୂଲ୍ୟବାନ ଗଛ କାଟି ବିଳମ୍ବିତ ରାତିରେ ଚାଲାଣ ପାଇଁ ଯୋଜନା ଚାଲିଥିଲା । ଖବର ପାଇ ଗାଁ ଲୋକେ ଓ ଜଙ୍ଗଲ ସୁରକ୍ଷା କମିଟି ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ମାତ୍ର ସେହି ସମୟରେ କାଠ ଭର୍ତ୍ତି ଗାଡି ତୀବ୍ରଗତିରେ ଗାଁ ଲୋକଙ୍କୁ ଭୟଭିତ କରି ଫେରାର ହୋଇଯାଇଥିଲା । ପରେ ଗାଁ ଲୋକେ ଜଙ୍ଗଲରେ ଚଢ଼ାଉ କରି ବହୁ କାଠ(ବଳି)କୁ ଜବତ କରିଥିଲେ। ଏହି ଅଞ୍ଚଳରେ ଜଣେ ମହିଳା ଫରେଷ୍ଟଗାର୍ଡ ନିୟୋଜିତ ଅଛନ୍ତି। ସେ ଅଞ୍ଚଳରେ ଭଲଭାବେ କାର୍ଯ୍ୟ ସମ୍ପାଦନ କରୁନଥିବା ଏବଂ କାଠମାଫିଆଙ୍କୁ ସହଯୋଗ କରୁଥିବାରୁ ଗାଁ ଲୋକେ ଅଭିଯୋଗ କରିଛନ୍ତି । ଏନେଇ ରାତିରେ ଗାଁରେ ଗ୍ରାମବାସୀ ଓ ଜଙ୍ଗଲ ସୁରକ୍ଷା କମିଟିର ଏକ ବୈଠକ ବସିଥିଲା । ଏହି ସମୟରେ ବକେୟା କାଠକୁ ପୁଣି ଏକ ଗାଡ଼ି ଆସି ନେଇ ଯାଇଥିଲା। ଅଜି ସକାଳେ ଜଙ୍ଗଲରୁ ଗଛ କାଟିବାକୁ ନେଇ ଜଙ୍ଗଲ ସୁରକ୍ଷା କମିଟି ସମ୍ପୃକ୍ତ ଫରେଷ୍ଟଗାର୍ଡଙ୍କୁ ଜଣାଇଥିଲେ। ସମ୍ପୃକ୍ତ କାଠ ଚାଲାଣକାରୀ ଗଛ କାଟିବାକୁ ଅନୁମତି ନେଇଛନ୍ତି ବୋଲି ଫରେଷ୍ଟଗାର୍ଡ ବିବାଦୀୟ ମନ୍ତବ୍ୟ ଦେବାରୁ ଗାଁ ଲୋକେ ଉତ୍ତ୍ୟକ୍ତ ହୋଇଥିଲେ। ପୂର୍ବାହ୍ନରେ ପରେଷ୍ଟର ଗୋପାଳ ମହାନନ୍ଦଙ୍କ ନେତୃତ୍ୱରେ ଫରେଷ୍ଟ ଟିମ ଗାଁରେ ପହଞ୍ଚି ବୁଝାସୁଝା କରିଛନ୍ତି। ମାତ୍ର ଗ୍ରାମବାସୀ ଜଙ୍ଗଲ କାଟିଥିବା ବ୍ୟକ୍ତି ଓ ତାଙ୍କୁ ସହଯୋଗ କରୁଥିବା କର୍ମଚାରୀଙ୍କ ନାଁରେ ମାମଲା ରୁଜୁ କରିବାକୁ ଜିଦ୍ ଧରିଛନ୍ତି। ତେବେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ବନ କର୍ମଚାରୀଙ୍କ ନାଁରେ ମାମଲା ରୁଜୁ କରିବା ସହ ନିଲମ୍ବନ ଓ ବଦଳି କରିବାକୁ ଗାଁର କୁଶ ସୁନାନୀ, ହାରାଧର ସୁନାନୀ, ହସରାମ ସୁନାନୀ, ସୁଜନ ସୁନାନୀ, ଅମର ଶବର, ହସତରାମ ଶବର, ବାଳକୃଷ୍ଣ ମାଝି, ଲାଲୁ ବେମାଲ, ଦୁର୍ଯ୍ୟୋଧନ ହାତୀ, ନକୁଳ ଶବର, ତରୁଣୀ ସୁନାନୀ, ନନ୍ଦକୁମାର ଦୀପ ପ୍ରମୁଖ ଦାବି କରିଛନ୍ତି। ଏନେଇ ଖଡ଼ିଆଳ ଡିଏଫଓ ସୁଶୀଳ ତ୍ରିପାଠୀଙ୍କୁ ପଚାରିବାରୁ ଏଭଳି କୌଣସି ଅଭିଯୋଗ ଆସିନି । ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

୯୭୨କେଜି ଗଞ୍ଜେଇ ସହ ଟ୍ରକ୍ ଜବତ, ଜଣେ ଗିରଫ

ବାଲିମେଳା,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ବଡ଼ ସଫଳତା ଦୀର୍ଘ ଦିନ ପରେ ବଡ଼ ଧରଣର ଚୋରା ଗଞ୍ଜେଇ ଚାଲାଣ ରୋକିବାରେ ସଫଳ ହୋଇଛି। ମାଫିଆ ମାନେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରି ଚୋରା ଚାଲାଣ କରୁଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳିଛି। ଏଥର ଉପରେ ସୋୟା ବଡି ତଳେ ଗଞ୍ଜେଇ ହେଲେ ବର୍ତ୍ତି ପାରିନାହାନ୍ତି ପୋଲିସ କବଳରୁ ଓର୍କେଲ ପୋଲିସ ୯୭୨କେଜି ଗଞ୍ଜେଇ ସହ ଟ୍ରକ ଜବତ ଜଣକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ମଧ୍ୟାନ ସମୟରେ ବାଲିମେଳା ଜୟପୁର ମୁଖ୍ୟ ରାସ୍ତାରେ କୁଡୁମୁଲୁଗୁମ୍ମା ଫାଣ୍ଡି ନିକଟବର୍ତ୍ତୀ ଗ୍ରାମ ବାଲିଗୁଡା ଠାରେ ଏସ ଆଇ ଅଜିତ ସିଂ ବାରିହା ଓ ତାଙ୍କ ଟିମ ଗାଡିମୋଟର ଯାଞ୍ଚ କରିବା ସମୟରେ ବାଲିମେଳା ପଟୁ ଏକ ମିନି ଟ୍ରକ ଆସୁଥିବା ସମୟରେ ପୋଲିସ ସନ୍ଦେହରେ ଗାଡି ଅଟକାଇ ଥିଲେ। ଘଟଣା ସ୍ଥଳରୁ ପୋଲିସକୁ ଚକମା ଦେଇ ଜଣେ ଫେରାର ହେବାରେ ସଫଳ ହୋଇଥିଲେ। ଅନ୍ୟ ଜଣକୁ ପୋଲିସ ମାଡି ବସିଥିଲେ। ଗାଡି ଯାଞ୍ଚ କରିବା ସମୟରେ ଗାଡି ଉପରେ ସୋୟା ବଡି ଥିବାବେଳେ ତଳ ପାର୍ଶ୍ୱରେ ବିପୁଳ ପରିମାଣର ଗଞ୍ଜେଇ ବସ୍ତା ଥିବା ଦେଖିବାକୁ ମିଳିଥିଲା। ଗାଡି ସହ ଗଞ୍ଜେଇ ଜବତକରି ଅଭିଯୁକ୍ତକୁ ଗିରଫ କରି ଓର୍କେଲ ଥାନାକୁ ଆଣିଥିଲେ। ଅଭିଯୁକ୍ତ ଜଣକ ହେଲେ ମଧ ପ୍ରଦେଶ ରାଜ୍ୟର ଅନୁପୁର ଅଞ୍ଚଳର ସଞ୍ଜୟ ଶର୍ମା (୩୩) ।ଓଜନ କରିବା ପରେ ମୋଟ ୯୭୨ କିଲୋଗ୍ରାମ ୮୦୦ଗ୍ରାମ ହୋଇଥିବା ଜଣା ପଡିଥିଲା। ଏନେଇ ଓର୍କେଲ ଥାନାରେ ୩୨୩/୨୩ ପ୍ରକାରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଚିତ୍ରକୋଣ୍ଡା ଅଞ୍ଚଳରୁ ଛତିଶଗଡ଼ ଚାଲାଣ ହେଉଥିଲା। ଘଟଣାର ତଦନ୍ତ ଭାର ଏସ ଆଇ ଏମ. ପି ଭଦ୍ରା କରୁଛନ୍ତି। ଜବତ ଗଞ୍ଜେଇ ପ୍ରାୟ ଏକ କୋଟି ହେବ ଅତି ଶୀଘ୍ର ଫେରାର ଅଭିଯୁକ୍ତକୁ ଗିରଫ କରିବୁ ବୋଲି ଥାନା ଆଇଆଇସି ଧୀରେନ ପଟ୍ଟନାୟକ କହିଛନ୍ତି।

ଉଠା ଦୋକାନୀଙ୍କ ପାଇଁ ଋଣ ମେଳା

ବେଲପାହାଡ,(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ପକ୍ଷରୁ ସମଡ଼ା ଜଗନ୍ନାଥ କଲ୍ୟାଣ ମଣ୍ଡପରେ ଉଠା ଦୋକାନୀଙ୍କ ପାଇଁ ଏକ ଋଣ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ସହରୀ ରୋଜଗାର ଯୋଜନା ମାଧ୍ୟମରେ ବ୍ୟାଙ୍କ ଗୁଡ଼ିକ ପକ୍ଷରୁ ମୋଟ ୧୩୦ ଜଣ ଉଠା ଦୋକାନୀଙ୍କୁ ବ୍ୟବସାୟ ଭିତ୍ତିକ ଋଣ ଯୋଗାଇବା ପାଇଁ ଆବେଦନ ଗ୍ରହଣ କରାଯାଇଛି। ଏହି ଋଣର ସୁଯୋଗ ନେଇ ଉଠା ଦୋକାନୀମାନେ ଆଗାମୀ ଦିନରେ ରୋଜଗାର ବଢେଇ ପାରିବେ। ଏଥିରେ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ଏହା ସହ ସ୍ଥାନୀୟ ଏସବିଆଇ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜରମାନେ ଉପସ୍ଥିତ ଥିଲେ। ପୌର କର୍ମଚାରୀ ଶୈଳେଶ ବହିଦାର, ଗୁରୁଦେବ ପ୍ରଧାନ, ସିଟି ମ୍ୟାନେଜର ଅକ୍ଷୟ ସାହୁ, ଅନୁସୁୟା ପଟେଲ, ବାସନ୍ତୀ ପ୍ରଧାନ, ଅଳିଭା ତାଣ୍ଡି, କ୍ଷୀରୋଦ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ପିକ୍‌ଅପ୍ -ଟ୍ରାକ୍ଟର ଧକ୍କା , ୨ ଗୁରୁତର

କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ୍): (ସମିସ) ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଅନ୍ତର୍ଗତ ଶିକରପାଇ ପଞ୍ଚାୟତ ଧାମଲିମା ଗ୍ରାମର ବିଶ୍ରାମ ଗାର ସମ୍ମୁଖରେ ମାକ୍ସ ପିକ୍‌ଅପ୍ ସହ ଟ୍ରାକ୍ଟର ଧକା ହୋଇଛି। ସୂଚନା ଅନୁସାରେ ସନ୍ଧ୍ୟା ୬. ୩୦ ମିନିଟରେ ରାୟଗଡ଼ା ଠାରୁ ଏକ ଲୁହା ବୋଝେଇ ଟ୍ରାକ୍ଟର ଫେରୁଥିବା ବେଳେ ଅପର ପକ୍ଷେ କଲ୍ୟାଣସିଂହପୁର ଆଡ଼ରୁ ଏକ ମାକ୍ସ ପିକ୍ ଅପ୍ ରାୟଗଡ଼ା ଯାଉଥିବା ସମୟରେ ଏହି ଘଟଣା ଟି ଘଟିଛି। ସୂଚନା ଅନୁଯାୟୀ ଟ୍ରାକ୍ଟର ଟି କାଶୀପୁର ବ୍ଲକ ମିନାକୁଟି ବୋଲି ଶୁଣିବାକୁ ମିଳିଛି। ମେକ୍ସ ଫିକପ ଓ ଡି ୧୮ଏଚ ୮୫୬୯ କଲ୍ୟାଣସିଂହପୁର ଠାରୁ ସେଣ୍ଟରିଙ୍ଗ ପଟା ଧରି ରାୟଗଡା ଅଭିମୁଖେ ଯାଉଥିବା ବେଳେ ଗାଡିଟି ଦ୍ରୁତଗତିରେ ଚଳାଉ ଥିବାରୁ ଡ୍ରାଇଭର କଣ୍ଟ୍ରାଲ କରି ପାରିନଥିଲେ।ଯାହା ଫଳରେ ସମ୍ମୁଖରେ ଆସୁଥିବା ଟ୍ରାକ୍ଟରକୁ ଧକ୍କା ହୋଇଥିଲା। ଟ୍ରାକ୍ଟର ଓଲଟି ପଡିବାରୁ ଫିକପି ଗାଡିର ଡ୍ରାଇଭର ଫେରାର ହୋଇଥବା ସୂଚନା ମିଳିଛି। ଗୁରୁତର ଦୁଇ ଜଣଙ୍କ ହେଲେ ନରେନ୍ଦ୍ର ନାୟକ (୨୩) ମିନାଖୁଣ୍ଟି ଗାଁ ଅନି ମାଝୀ (୨୦) ସିରିପାଇ ଗ୍ରାମ ଏହି ଦୁଇ ଜଣଙ୍କ ଅବସ୍ଥା ସାଙ୍ଘାତିକ ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧୦୮ ଆମ୍ବୁଲେନ୍ସ ଯୋଗେ ସ୍ଥାନାନ୍ତରିତ କରାଯାଇଛି ।

୨୧ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

କୋରାପୁଟ,(ଭାସ୍କର ନ୍ୟୁଜ) ଗଞ୍ଜେ ଚୋରାଚାଲାଣ କରୁଥିବାବେଳେ ଚଢାଉ କରି ନନ୍ଦପୁର ପୋଲିସ ଦୁଇ ବାଇକ ଚାଳକଙ୍କୁ ଗିରଫ କରିଛି । ନନ୍ଦପୁର ଏସଡିପିଓ ସୟ ମହାପାତ୍ରଙ୍କ ନେତୃତ୍ୱରେ ନନ୍ଦପୁର ଥାନା ଆଇଆଇସି ଅଶ୍ରିତା ଖାଲକୋ, ଏସଆଇ ଦୀପ୍ତି ଧାରୁଆ, ଏଏସଆଇ ଆର ଏନ ଭକ୍ତ ଓ ପୋଲିସ ଟିମ୍ ଗାଡି ମୋଟର ଯାଞ୍ଚ କରୁଥିଲେ । ଏହି ସମୟରେ ପୋଲିସ ଦୁଇଟି ବାଇକ ସହ ୨୧କିଲୋ ୩୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥି ସହିତ ୨ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ଜଣ ହେଲେ ଜୟପୁରର ଡମ୍ବରୁ ଦୁରୁ ଓ ଚିତ୍ରସେନ ବିଶୋଇ । ଗିରଫ ଦୁଇ ଯୁବକ ଦୁଇଟି ବାଇକ (ଓଡି୧୦-୭୧୫୭) ଓ (ଓଡି୧୦ ପି ୬୭୫୩) ରେ ପାଡୁଆ ଅଞ୍ଚଳରୁ ନନ୍ଦପୁର ଦେଇ ଛତିଶଗଡକୁ ଗଞ୍ଜେ ଚାଲାଣ କରୁଥିବା ବେଳେ ପୋଲିସ ମାଡି ବସିଥିଲା । ଏନେଇ ଥାନାରେ କେସ୍ ନଂ ୧୨୩/୨୩ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି । ଏସ୍‌ଆଇ ବେଦବର ସାହୁ ଏହି ମାମଲାରେ ତଦନ୍ତ କରୁଥିବା ଜଣାପଡିଛି ।

ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କୋରାପୁଟ,(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନସ୍ଥ ଦାର୍ଲିପୁଟ ଗାଁ ନିକଟରେ ପିକ୍‌ଅପ ଭ୍ୟାନ ଓ ବାଇକ ମଧ୍ୟରେ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହାତୀବାରୀ ପଞ୍ଚାୟତ ଗିର୍ଲିଗୁଡା ଗାଁର ରାଜୁ ସିନ୍ଦେରି ବୋଲି ଜଣପାଡିଛି । ମୃତ ରାଜୁ ଆନ୍ଧ୍ର ସୀମାନ୍ତ ଚାଟୁଆ ପଞ୍ଚାୟତର ଆମ୍ବଟଗୁଡାରେ ରହି ବ୍ୟବସାୟ କରୁଥିଲେ । ସୂଚନା ଅନୁଯାଇ, ରାଜୁ ସିନ୍ଦେରୁ ଏକ ବାଇକ (ଏପି୩୧ଇଏଚ୬୩୦୩)ରେ ପାଡୁଆରୁ ଚାଟୁଆ ଅଭିମୁଖେ ଯାଉଥିଲେ । ତେବେ ଦାର୍ଲିପୁଟ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ (ଓଡି୧୦ଭି୬୭୨୩) ସହତି ଧକ୍କା ହେବାରୁ ରାଜୁ ବାଇକରୁ ଛିଟିକି ପଡି ରାସ୍ତକଡା ବୁଦା ଭିତରେ ପଡିଯାଇଥିଲେ । ଖବର ପାଇ ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । କିନ୍ତୁ ଏହି ସମୟ ମଧ୍ୟରେ ରାଜୁଙ୍କ ମୃତ୍ୟୁ ହୋଇଯାଇଥିଲା । ମୃତଙ୍କ ପରିବାର ଲୋକ ଓ ସ୍ଥାନିୟ ଲୋକ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେବାକୁ ଦାବି କରିଥିଲେ । ପରେ ସମାଧାନ ହେବା ପରେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

ନିୟମଗିରି କଳା ସଂସ୍କୃତି ପରିଷଦ କମିଟି ଗଠନ ବୈଠକ

କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ଅଞ୍ଚଳ ପାର୍ସାଲି ପଞ୍ଚାୟତର କାନସୁର୍ ଗ୍ରାମରେ ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛାଙ୍କ ମାର୍ଗଦର୍ଶନରେ ନିୟମଗିରି କଳା ସଂସ୍କୃତି ପରିଷଦ କମିଟି ଗଠନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଭାଷା ଓ କଳା ସଂସ୍କୃତି ଏବଂ ଲୋକକଳାର ପୁନଃରୁଦ୍ଧାର ସହ ପ୍ରଚାର ପ୍ରସାର ପାଇଁ ଏହା କାର୍ଯ୍ୟ କରିବ ବୋଲି ଜଣାପଡିଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଡି କେ ଡି ଏ ପ୍ରୋଜେକ୍ଟ ମେନେଜର ଅଲିପ୍‌ବାଗ୍ ଓ ସମ୍ମାନିତ ଅତିଥି ଭାବେ ଏକାଉଣ୍ଟେଣ୍ଟ ସଞ୍ଜୟ କୁମାର ମାଝୀ, ସମିତି ସଭ୍ୟ ବିକାଶ ବାଗ୍ ଉପସ୍ଥିତ ରହିଥିଲେ ସର୍ବସମ୍ମତି କ୍ରମେ ସଭାପତି ଭାବେ ବିଶ୍ୱନାଥ ମାଣ୍ଡିକା, ସମ୍ପାଦକ ବାମ ସିକକା, କୋଷାଧ୍ୟକ୍ଷ ସୁତୁ କର୍ସିକାଙ୍କୁ ଚୟନ କରାଯାଇଥିଲା ଏଥିରେ ସମସ୍ତ ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ।

ଗୋଳାବାରୁଦ କାରଖାନା ସୀମା ଜବର ଦଖଲକୁ ଉଚ୍ଛେଦ କଲା ପ୍ରଶାସନ

ସଇଁତଲା,(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତ ସ୍ଥିତ ଶିକାପତ୍ରାପାଲି ଗାଁ ପାଖରେ ଥିବା ବଡ଼ମାଳ ଗୋଳାବାରୁଦ କାରଖାନା ସୀମା ଲାଗି ରହିଥିବାରୁ ଲୋକେ ତାର ବାଡ଼ ଡେଇଁ ଭିତକୁ ପ୍ରବେଶ କରୁଥିବା ଅଭିଯୋଗରେ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷ। ତହସିଲଦାର ଓ ପୋଲିସ ପ୍ରଶାସନ ଉପସ୍ଥିତରେ ଜେସିବି ଦ୍ୱାରା ସୀମା ଅଞ୍ଚଳକୁ ତାର ବାଡ଼ ଦେବା ସହ ଭିତରକୁ ଯିବା ପାଇଁ ରାସ୍ତା ସ୍ଥାନଗୁଡିକରେ ବିରାଟ ଗର୍ତ୍ତମାନ କରିଥିବା ଜଣାଯାଇଛି। ପ୍ରକାଶ ଯେ, ଶିକାପତ୍ରାପାଲି ଗ୍ରାମର ମହେନ୍ଦ୍ର କୁମ୍ଭାର କାରଖାନା ବାଉଣ୍ଡୋରୀ (ସୀମା) ଭିତରେ କିଛି ଖପର ଓ ଗଛ ବଳି ଗୁଡିକ ସାଇତି ରଖିଥିଲେ। ଏ ନେଇ କାରଖାନା କର୍ତ୍ତୃପକ୍ଷ ମହେନ୍ଦ୍ରଙ୍କୁ ବାରମ୍ବାର ରଖିଥିବା ସାମଗ୍ରୀଗୁଡିକୁ ହଟାଇ ପାଇଁ ଅବଗତ କରାଇଥିଲେ କିନ୍ତୁ ହେଲେ ସାମାନ୍ୟ ଖପର ଓ ବଳି ପାଇଁ କାରଖାନା ପ୍ରଶାସନ ଘଟଣା ସ୍ଥଳକୁ ପହଞ୍ଚି କାରଖାନା ପରିସରକୁ ତାର ବାଡ଼ ଦେବା ସହ ସାମଗ୍ରୀଗୁଡିକୁ ହଟାଇ ଦିଆଯାଇଥିଲା। ଅନ୍ୟପଟେ କାହୁ ସାଗରଙ୍କ ମଧ୍ୟ ରାସ୍ତା କଡ଼ରେ ଥିବା ଗୁଡାକୁ ଜେସିପି ଦ୍ୱାରା ଭଙ୍ଗା ଯାଇଥିଲା। ଏହି ସମୟରେ କାରଖାନା ଡିଜିଏମ ପ୍ରଭାସ ଭୋଇ, କର୍ଣ୍ଣେଲ ଜନ୍ମେଜୟ ମିଶ୍ର, ତହସିଲଦାର ମାନସ ଫିଲ କେରକେଟା, ଆଇଆଇସି ଅବନୀ କୁମାର ସାହୁ, ବଡ଼ମାଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ମାଝୀ ସହ ଏକ ସେକ୍ସନ ପୋଲିସ ଫୋର୍ସ , କାରଖାନା ସିକ୍ୟୁରିଟି, ଅଗ୍ନିଶ୍ରମ ବିଭାଗ ଓ କାରଖାନା କର୍ମଚାରୀମାନେ ଉପସ୍ଥିତ ଥିଲେ।

ଟଙ୍କା ଲୁଟି ଚମ୍ପଟ ମାରିଥିବା ଡକାୟତ ଗିରଫ

ନୂଆପଡ଼ା,(ଭାସ୍କର ନ୍ୟୁଜ): ନୂଆପଡ଼ାସଦର ବ୍ଲକ ଖରିଆର ରୋଡ଼ ଏନ.ଏ.ସି ଗଣପତି ପେଲେସ ନିକଟରେ ଥିବା ଏକ ହୋଲସେଲ ଦୋକାନରେ ଜଣେ ଦୁର୍ବୃତ୍ତ ଡକାୟତି କରି ୧୧ ହଜାର ଟଙ୍କା ଲୁଟି ଚମ୍ପଟ ମାରିଥିଲା। ଏ ନେଇ ହୋଲସେଲ ଦୋକାନ ମାଲିକ ଅମିଲାଲ ଅଗ୍ରୱାଲ ଜୋଙ୍କ ଥାନାରେ ଏକ ଲିଖିତ ଅଭ

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।

-ସ୍ୱଭାବକବି ଗଙ୍ଗାଧର ମେହେର

ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।

- ଉତ୍କଳମଣି ଗୋପବନ୍ଧୁ ଦାସ

ପୁଣି ଏକ ଯୁଦ୍ଧର କଳା ବାଦଲ

ଇସ୍ରାଏଲ୍-ହମାସ୍ ଘମାଘୋଟ ଲଢ଼େଇ

ଗତ ୨୦୨୨ ମସିହା ଫେବୃୟାରୀ ମାସରୁ ଆରମ୍ଭ ହୋଇ ସାରା ବିଶ୍ୱକୁ ଥରହର କରୁଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଏପର୍ଯ୍ୟନ୍ତ ଘଟିନଥିବା ବେଳେ ଏବଂ ଉଭୟ ଦେଶ ନିଜ ନିଜର ଜିଦ୍‌ରେ ଅଟଳ ରହିଥିବା ସମୟରେ ଆଉ ଏକ ଯୁଦ୍ଧର କଳାବାଦଲ ଏବେ ଘୋଟି ଆସିଛି । ପାଲେଷ୍ଟାଇନ୍‌ର ଦୁର୍ଦ୍ଦାନ୍ତ ଇସଲାମୀୟ ଆତଙ୍କବାଦୀ ସଂଗଠନ ହମାସ୍ ଶନିବାର ଦିନ ଅତର୍କିତ ଭାବରେ ଇସ୍ରାଏଲ୍ ଉପରେ ଭୟଙ୍କର ଆକ୍ରମଣ କରିବା ପରେ ରକ୍ତମୁଖା ଇସ୍ରାଏଲ୍ ଏହି ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଛି । ଦୁଇଦିନ ଧରି ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍‌ର ହମାସ୍ ଗୋଷ୍ଠୀ ମଧ୍ୟରେ ଘମାଘୋଟ ଲଢ଼େଇ ଜାରି ରହିଥିବା ବେଳେ ଉଭୟ ପକ୍ଷରୁ ଶହ ଶହ ଲୋକଙ୍କ ପ୍ରାଣହାନି ଘଟିଥିବାର ଖବର ମିଳିଛି । କେବଳ ସେତିକି ନୁହେଁ, ଇସ୍ରାଏଲ୍ ଆକ୍ରମଣକାରୀ ହମାସ୍ ଗୋଷ୍ଠୀ ଉପରେ ପ୍ରତିଶୋଧ ନେବାକୁ ନିଜର ସଂକଳ୍ପ ଘୋଷଣା କରି ସାମରିକ ଅଭିଯାନକୁ ଅଧିକ ଜୋରଦାର କରିଛି। ଗତ କିଛିଦିନ ଧରି ଗାଜା ସୀମାରେ ଉତ୍ତେଜନା ଲାଗି ରହିଥିଲା । ଶନିବାର ସକାଳୁ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍‌ର ବିଭିନ୍ନ ସହରରେ ପ୍ରବେଶ କରି ସେଠାକାର ନାଗରିକମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ । ଗାଜାଷ୍ଟ୍ରିପ୍‌ରୁ ଇସ୍ରାଏଲ୍ ଉପରେ ୫ ହଜାରରୁ ଅଧିକ ରକେଟ୍ ମାଡ଼ ହୋଇଥିଲା । ମାତ୍ର ୨୦ ମିନିଟ୍ ଭିତରେ ଇସ୍ରାଏଲ୍ ଉପରେ ହଜାର ହଜାର ରକେଟ୍ ବର୍ଷା ହେବାକୁ ଜନଜୀବନର ନାହିଁ ନଥିବା କ୍ଷୟକ୍ଷତି ଘଟିଛି । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ସାଧାରଣ ଜନବସତି ଅଞ୍ଚଳକୁ ଟାର୍ଗେଟ୍ କରି ଏହି ଅମାନୁଷିକ ଆକ୍ରମଣ କରାଯାଇଥିଲା । ଏଭଳି ରକେଟ୍ ଆକ୍ରମଣରେ ସ୍ଥାନୀୟ ମେୟରଙ୍କ ସମେତ ୨୫୦ରୁ ଅଧିକ ଲୋକଙ୍କ ନିମିଷକ ମଧ୍ୟରେ ମୃତ୍ୟୁ ଘଟିଥିବା ସ୍ଥଳେ ପ୍ରାୟ ଦୁଇ ହଜାର ଲୋକ ଆହତ ହୋଇଥିଲେ । ଆତଙ୍କବାଦୀମାନେ ସମୁଦ୍ର ପଟୁ ଓ ଆକାଶ ମାର୍ଗରୁ ଆକ୍ରମଣ କରିଥିଲେ ଏବଂ ଏହି କାର୍ଯ୍ୟରେ ପାରା ଗ୍ଲାଇଡର୍‌ଙ୍କୁ ନିୟୋଜିତ କରାଯାଇଥିଲା । ହମାସ୍ ପକ୍ଷରୁ ବିଗତ ଦିନରେ ଇସ୍ରାଏଲ୍ ଉପରେ ଯେତେଥର ଆକ୍ରମଣ ହୋଇଥିଲା, ତା' ତୁଳନାରେ ଶନିବାର ଆକ୍ରମଣ ସବୁଠାରୁ ଭୟଙ୍କର ଥିଲା ଏବଂ ଏଥିନେଇ ଇସ୍ରାଏଲ୍ ପୂର୍ବରୁ ସାମାନ୍ୟତମ ସୁରାକ୍ ପାଇନଥିଲା । ଏହି ଅତର୍କିତ ଆକ୍ରମଣ ପରେ ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ଭିଡିଓ ବାର୍ତ୍ତା ଜାରି କରି ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ । ସେ ସ୍ପଷ୍ଟ କରିଥିଲେ ଯେ, ଏହା ଅପରେସନ୍ ନୁହେଁ କି ଉତ୍ତେଜନା ନୁହେଁ, ପୂରାପୂରି ଏକ ଯୁଦ୍ଧ ଏବଂ ଆମେ ଏହି ଯୁଦ୍ଧ ଜିତିବୁ । ହମାସ୍ ଆତଙ୍କବାଦୀ ଗୋଷ୍ଠୀ ଏବେ ଗାଜାଷ୍ଟ୍ରିପ୍‌କୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି । ଅଚାନକ ଆକ୍ରମଣ କରିବା ପରେ ସେମାନେ ଶତାଧିକ ଇସ୍ରାଏଲୀଙ୍କୁ ବନ୍ଦୀ କରି ନେଇଯାଇଥିବା ଜଣାପଡିଛି । ଏହି ଅଚାନକ ଯୁଦ୍ଧ ସାରା ବିଶ୍ୱକୁ ସ୍ତବ୍ଧ ଓ ଚକିତ କରି ଦେଇଥିବାବେଳେ ଅଧିକାଂଶ ବିଶ୍ୱନେତା ଏହାକୁ ତୀବ୍ର ନିନ୍ଦା କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ ଓ ଜର୍ମାନୀ ଭଳି ପାଶ୍ଚାତ୍ୟ ଦେଶଗୁଡ଼ିକ ଇସ୍ରାଏଲ୍‌କୁ ଦୃଢ଼ ସମର୍ଥନ ଜଣାଇବା ସଙ୍ଗେ ସଙ୍ଗେ ସାମରିକ ସହାୟତା ଯୋଗାଇଦେବେ ବୋଲି ଘୋଷଣା କରିଛନ୍ତି । ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଇସ୍ରାଏଲ୍ ପ୍ରତି ସମର୍ଥନ ଘୋଷଣା କରିଛନ୍ତି । ଇସ୍ରାଏଲ୍‌ରେ ବସବାସ କରୁଥିବା ଭାରତୀୟ ନାଗରିକମାନଙ୍କୁ ସେ ସତର୍କ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ଭାରତରୁ ଇସ୍ରାଏଲ୍‌କୁ ବିମାନ ଉଡ଼ାଣକୁ ବାତିଲ୍ କରିଦିଆଯାଇଛି । ଯେତେଦୂର ମନେ ହେଉଛି ଏଥର ଯୁଦ୍ଧରେ ଇସ୍ରାଏଲ୍ ଆତଙ୍କୀ ହମାସ୍ ଗୋଷ୍ଠୀକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ଲାଗି ଗାଜାଷ୍ଟ୍ରିପ୍‌କୁ ଧ୍ୱଂସ କରିଦେଇପାରେ । ରୁଷ୍-ୟୁକ୍ରେନ୍ ଯୁଦ୍ଧ ଭଳି ଏହି ଯୁଦ୍ଧ ମଧ୍ୟ ବିଶ୍ୱକୁ ପୁଣି ଥରେ ଘୋର ସଙ୍କଟ ଆଡକୁ ମୁହାଁଇ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

ସମାଜର ବନ୍ଧୁ : ଗୋପବନ୍ଧୁ

ଡ. ସତ୍ୟ ନାରାୟଣ ମିଶ୍ର
ଅଭିଲେଖାଧିକାରୀ, ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪ , ଭୁବନେଶ୍ୱର
ମୋ -୯୯୩୭୩୪୫୯୦୦

ଜନ୍ମ-ମୃତ୍ୟୁର ଅନବରତ ଘୂର୍ଣ୍ଣାୟନ ମଧ୍ୟରେ ବେଳେବେଳେ ଜଣେ ଜଣେ ପୁଣ୍ୟାତ୍ମା ଧରାପୃଷ୍ଠରେ ଜନ୍ମ ନେଇଥାନ୍ତି ସମାଜର, ଦେଶର ଓ ସଂସାରର ମଙ୍ଗଳ ନିମିତ୍ତ। ସେମାନଙ୍କର ଜନ୍ମ ହୋଇଥାଏ ସାର୍ଥକ ଜନ୍ମ ଓ ସେମାନଙ୍କର ପୂଣ୍ୟ ଶରୀର ମୃତ୍ୟୁ ପରେ ମଧ୍ୟ ସେମାନଙ୍କର କୃତିତ୍ୱ, ତ୍ୟାଗ, ସେବା ଆଦିର ମହନୀୟ ଗୁଣ ପାଇଁ ସମାଜ ସେମାନଙ୍କୁ ଯୁଗେ ଯୁଗେ ସ୍ମରଣ କରିଥାଏ। ସମାଜ ଯେକୌଣସି ବ୍ୟକ୍ତିଙ୍କୁ ଚିରଦିନ ପାଇଁ ମନେ ରଖିଥାଏ ଉକ୍ତ ବ୍ୟକ୍ତିର ସମାଜ ପ୍ରତି ତ୍ୟାଗ ପାଇଁ, ଭୋଗ ପାଇଁ ନୁହେଁ। ତ୍ୟାଗରେ ଥାଏ ଶାନ୍ତି ଓ ଚେତନା, ମାତ୍ର ଭୋଗରେ ଥାଏ ଅହଂକାର, ଦ୍ୱେଷ ଓ ହିଂସା। ଏହିପରି ଏକ ତ୍ୟାଗୀ ପୁରୁଷ, ଓଡ଼ିଶା ମାଟିର ସେବକ, ସମାଜର ବନ୍ଧୁ- ଉତ୍କଳମଣି ଗୋପବନ୍ଧୁ ଦାଶ। ୧୮୭୭ ମସିହା ଅକ୍ଟୋବର ୯ ତାରିଖ ଓଡ଼ିଶାର ପୁରୀ ଜିଲ୍ଲାର ସୁଆଣ୍ଡ ଗ୍ରାମରେ ଜନ୍ମ ଗ୍ରହଣ କରି ଓଡ଼ିଶାର ବରପୁତ୍ର ଓ ଉତ୍କଳର ମଣି ଭାବେ ସମାଜରେ କୀର୍ତ୍ତି ଅର୍ଜନ କରିଛନ୍ତି ଗୋପବନ୍ଧୁ ଦାଶ। ସମୟର ନିରବଚ୍ଛିନ୍ନ ଗତିର ପ୍ରବାହରେ ଜନ୍ମ ସ୍ଥାନରୁ ବାଲ୍ୟ ଶିକ୍ଷା ସମାପ୍ତ କରି ଗୋପବନ୍ଧୁ ୧୨ ବର୍ଷ ବୟସରେ ବିବାହ କରିଥିଲେ ଓ ୧୮୯୩ ମସିହାରେ ତାଙ୍କର ମାତାଙ୍କର ମୃତ୍ୟୁ ପରେ ସେ ପୁରୀ ଜିଲ୍ଲା ସ୍କୁଲକୁ ଅଧ୍ୟୟନ ପାଇଁ ଆସିଥିଲେ। ଗୋପବନ୍ଧୁଙ୍କ ଛାତ୍ର ଜୀବନରୁ ତ୍ୟାଗପୂତ ଜୀବନର ଅୟମାରମ୍ଭର ଝଲକ ଦୃଶମାନ ହେଉଥିଲା। ଉକ୍ତ ସମୟରେ ପୁରୀର କଲେରା ମହାମାରୀ ବ୍ୟାପୀଥିଲା ଓ ଗୋପବନ୍ଧୁ ଅନ୍ୟ ସାଥିମାନଙ୍କ ସାହାଯ୍ୟରେ 'ପୁରୀ ସେବା ସମିତି' ନାମରେ ଏକ ସଂଗଠନ ଗଠନ କରି ମହାମାରିର ପୀଡିତ ତଥା ମୃତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରୁଥିଲେ। ମାତ୍ର ଗୋପବନ୍ଧୁଙ୍କର ବାପାଙ୍କର ମୃତ୍ୟୁ ପରେ ଉଚ୍ଚତର ଶିକ୍ଷା ପାଇଁ ସେ ପୁରୀରୁ କଟକର ରେଭେନ୍ସା ମହାବିଦ୍ୟାଳୟକୁ ସ୍ଥାନାନ୍ତରିତ ହେଲେ। ସେଠାରେ ସେ ଆଞ୍ଚଳିକ ସାରସ୍ୱତ ପତ୍ରିକା 'ଇନ୍ଦ୍ରଧନୁ' ଓ 'ବିଜୁଳି' ମାଧ୍ୟମରେ ସାହିତ୍ୟ ଆନ୍ଦୋଳନ ଓ ଶିକ୍ଷାର ଆବଶ୍ୟକତା ଉପରେ ବିଷଦ ଆଲୋଚନା କରୁଥିଲେ। ରେଭେନ୍ସାର ରହଣି ସମୟରେ ସେ 'କର୍ତ୍ତବ୍ୟ ବୋଧିନୀ ସମିତି' ଭଳି ଏକ ଖୋଲା ମଞ୍ଚର ସଂଗଠନ ଗଠନ କରି ତାହାଦ୍ୱାରା ସମାଜରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟାଗୁଡିକ ଉପରେ ଆଲୋଚନା କରି ସମାଜକୁ ଉଚିତ୍ ଦିଗଦର୍ଶନ ଦେଉଥିଲେ। ଉକ୍ତ ସମୟରେ ଅର୍ଥାତ୍ ୧୯୦୩ ମସିହାରେ ସେ ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଆ ଜାତିର ସ୍ୱାଭିମାନ ଉପରେ ଗୁରୁତ୍ୱାରୋପ କରିଥିଲେ, ଏପରିକି ମଧୁସୂଦନ ଦାସଙ୍କ ଯୁକ୍ତି ଓଡ଼ିଆ କହିପାରୁଥିବା ଅଞ୍ଚଳକୁ ବେଙ୍ଗଲ ପ୍ରେସିଡେନ୍ସିରେ ସାମିଲ କରିବା ଯୁକ୍ତିକୁ ସେ ବିରୋଧ କରି ଓଡ଼ିଆମାନଙ୍କର ସ୍ୱାର୍ଥକୁ ଅକ୍ଷୁର୍ଣ୍ଣ ରଖିଥିଲେ ଓ ଓଡ଼ିଆ କହିପାରୁଥିବା ଅଞ୍ଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ପ୍ରସ୍ତାବ ଉପରେ ଗୁରୁତ୍ୱାରୋପ କରିଥିଲେ। ରେଭେନ୍ସାରେ ସେ ସ୍ନାତକ ଡିଗ୍ରୀ ଉତ୍ତୀର୍ଣ୍ଣ ପରେ ବନ୍ୟା ପ୍ରପୀଡିତ ଲୋକମାନଙ୍କୁ ସାହାଯ୍ୟ ସହଯୋଗ ନିମିତ୍ତ ଜନସାଧାରଣଙ୍କ ସେବାରେ ସେ ସମସ୍ତ ସମୟ ନିୟୋଜିତ କରିଥିଲେ। ଉକ୍ତ ସମୟରେ ତାଙ୍କର ଏକ ପୁତ୍ର ବିୟୋଗ ମଧ୍ୟ ହୋଇଥିଲା ଓ ଗୋପବନ୍ଧୁ ପୁତ୍ରକୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ବନ୍ୟାପ୍ରପିଡିତ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ। ଉକ୍ତ ଘଟଣା ପରେ ଗୋପବନ୍ଧୁ କଲିକତା ବିଶ୍ୱବିଦ୍ୟାଳୟକୁ ଯାଇ ସେଠାରେ ସ୍ନାତୋକୋତ୍ତର ଓ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଦୁଃଖ ସହିପାରୁଥିବା ବ୍ୟକ୍ତିଙ୍କୁ ତଥା ସମାଜ ପାଇଁ ଉତ୍ସର୍ଗ ଥିବା ବ୍ୟକ୍ତିଙ୍କୁ ଈଶ୍ୱର ଅଧିକ ଦୁଃଖ ଦେଇଥାନ୍ତି। ଗୋପବନ୍ଧୁ ଆଇନରେ ସ୍ନାତକ ଡିଗ୍ରୀ ଯେଉଁଦିନ ପାଇଲେ ସେହିଦିନ ତାଙ୍କ ଠାରୁ ତାଙ୍କର ପତ୍ନୀ ଇହଧାମ ତ୍ୟାଗ କଲେ। ତାଙ୍କୁ ୨୮ ବର୍ଷ ବୟସରେ ସେ ସ୍ତ୍ରୀଙ୍କୁ ହରାଇବା ସହ ତିନି ଜଣ ପୁତ୍ରଙ୍କୁ ମଧ୍ୟ ହରାଇଥିଲେ। ଏହାଥିଲା ବିଧିର ବିଧାନ ଓ ପରୀକ୍ଷାର ସମୟ। ମାତ୍ର ନିର୍ଭୀକ ଗୋପବନ୍ଧୁ ସମୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ବ୍ରତୀ ହୋଇ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କଲେ ଓ ସେଥିରେ ମଧ୍ୟ କୃତକାର୍ଯ୍ୟ ହୋଇଥିଲେ। ଶିକ୍ଷା ଗ୍ରହଣ ସମାପ୍ତି ପରେ କଟକ, ପୁରୀ ଓ ବାଲେଶ୍ୱରରେ କିଛିଦିନ ଚାକିରି କରି ସମାଜର ସେବା ନିମିତ୍ତ ଉକ୍ତ ଚାକିରିକୁ ତ୍ୟାଗ କରିଥିଲେ ଓ ସମାଜର ସେବା, ସଂସ୍କାର ଓ ଶିକ୍ଷାର ମାନ ବୃଦ୍ଧି ଉପରେ କର୍ତ୍ତବ୍ୟ ପରାୟଣ ହୋଇଥିଲେ। ୧୯୦୯ ମସିହାରେ ଶିକ୍ଷାର ପୁନର୍ବିନ୍ୟାସ ଓ ବିକେନ୍ଦ୍ରୀକରଣ ନିମିତ୍ତ ସେ ପୁରୀର ସାକ୍ଷୀଗୋପାଳ ଠାରେ 'ସତ୍ୟବାଦୀ ବକୁଳ ବନ' ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ ଯାହାର ଉଦ୍ଦେଶ୍ୟ ଥିଲା ଶିକ୍ଷାର ଉନ୍ନତି, ସ୍ଥିତି, ପରିସ୍ଥିତି ଓ ଆବଶ୍ୟକତା। ୧୯୧୭ ମସିହାରେ ସେ ବିଧାନ ପରିଷଦକୁ ନିର୍ବାଚିତ ହୋଇ ପ୍ରଥମେ ଚାରୋଟି ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥିଲେ ସେଗୁଡିକ ଥିଲା : ଓଡିଆ ଭାଷାର ସ୍ୱାଭିମାନ, ସ୍ୱାଧୀନତା ତଥା ପୁନରୁତ୍ଥାନ; ଦ୍ୱିତୀୟତଃ, ଓଡିଶାରୁ ବନ୍ୟା ଓ ଦୁର୍ଭିକ୍ଷର ନିରାକରଣ, ତୃତୀୟତଃ ଟିକସମୁକ୍ତ ଲୁଣ ଉତ୍ପାଦନ ଓ ଚତୁର୍ଥତଃ ମୂଲ୍ୟବୋଧ ଶିକ୍ଷାର ବିସ୍ତାର।



ଗୋପବନ୍ଧୁଙ୍କର ଜୀବନ ଏକ ଆଦର୍ଶର ଅଙ୍ଗାଳିକା, ଯେଉଁଠିଥିଲା ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର, ବିଧବା ପୁନର୍ବିବାହର ଆବଶ୍ୟକତା, ଶିକ୍ଷାର ପ୍ରଚାର ଓ ପ୍ରସାର ତଥା ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଆବଶ୍ୟକତା, ଅଧିକାର ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱ, ନାରୀଶିକ୍ଷାର ଆବଶ୍ୟକତା, ସର୍ବୋପରି ଦରିଦ୍ର ଓ ଅବହେଳିତମାନଙ୍କର ସର୍ବାଙ୍ଗୀନ ଉନ୍ନତି। ଗୋପବନ୍ଧୁ ହରିଜନ, ଗରିବ ଓ ଅବହେଳିତ, ନିଷ୍ପେଷିତ, ଲାଞ୍ଛିତମାନଙ୍କ ପାଇଁ ଉତ୍ସର୍ଗୀକୃତ ଥିଲେ ଯାହା ଏକଦା ଗାନ୍ଧୀଙ୍କୁ ଏକ ଶିକ୍ଷଣୀୟ ଉପାଦାନ ଦେଇଥିଲା। କଂଗ୍ରେସର ଏକ ସାଧାରଣ ସଭାରେ ଗାନ୍ଧୀ ଓ ଗୋପବନ୍ଧୁ ଏକାଠି ହୋଇ ଭୋଜନ କରିବାକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନିମନ୍ତ୍ରଣ କରାଯାଇଥିଲା। ମାତ୍ର ଦରଦୀ ଗୋପବନ୍ଧୁ, ଦରିଦ୍ରର ସେବକ ଉକ୍ତ ଜନସାଧାରଣଙ୍କ ସାଥିରେ ଭୂମିଉପରେ ଭୋଜନ କରିବାକୁ ପସନ୍ଦ କରିଥିଲେ ଯାହା ଗାନ୍ଧୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା ଓ ସେଇଠୁ ଗାନ୍ଧୀ ଗରିବ ଜନସାଧାରଣଙ୍କ ସାଥିରେ ରହିଛନ୍ତି ବୋଲି ତାହାର ନିଦର୍ଶନ ସ୍ୱରୂପ ସେହିଦିନରୁ ଧୋତି ପିନ୍ଧିବା ଆରମ୍ଭ କରିଥିଲେ ଯାହା ଦରିଦ୍ରମାନଙ୍କର ବସ୍ତ୍ର ବୋଲି ବିବେଚନା କରାଯାଏ। ଏହାଥିଲା ଗୋପବନ୍ଧୁଙ୍କର ଆତ୍ମଭାବନାର ପରିପ୍ରକାଶ ଯାହା ଗାନ୍ଧୀ ହୃଦବୋଧ କରିଥିଲେ। ଓଡ଼ିଆ ସାମ୍ବାଦିକତା ଓ ଓଡିଆମାନଙ୍କର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ବେଦନଶୀଳତାକୁ ହୃଦବୋଧକରି ଗୋପବନ୍ଧୁ ୧୯୧୪ ମସିହାରେ 'ସତ୍ୟବାଦୀ' ନାମରେ ଏକ ମାସିକ ପତ୍ରିକା ସଂସ୍କରଣ କରିଥିଲେ। ୧୯୧୯ ମସିହା ଅକ୍ଟୋବର ୪ ତାରିଖରେ ସେ ସାପ୍ତାହିକ ପତ୍ରିକା 'ସମାଜ' ର ପ୍ରତିଷ୍ଠା କରିଥିଲେ। ୧୯୨୨-୨୪ ମସିହାରେ ହଜାରିବାଗ ଜେଲ୍‌ରେ ଥିଲା ବେଳେ 'ବନ୍ଦିର ଆତ୍ମକଥା' ସୂଚାଇ ଦିଏ ଯେ ସେ କେତେ ପରିମାଣରେ ଓଡ଼ିଶାର ଗରିବ ତଥା ଜନସାଧାରଣଙ୍କୁ ଭଲ ପାଉଥିଲେ। ସେ ଜଣେ ଖ୍ୟାତି ସମ୍ପନ୍ନ ଲେଖକ ଓ କବି। ତାଙ୍କର ଲିଖିତ ପୁସ୍ତକଗୁଡିକ ହେଲା : 'ମାର କବିତା', 'ଧର୍ମପଦ', 'ବନ୍ଦିର ଆତ୍ମକଥା', 'କର କବିତା' ଇତ୍ୟାଦି ଇତ୍ୟାଦି। ସେ ଏକାଧାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ, ଲେଖକ, ସମାଜ ସଂସ୍କାରକ ଓ ସମାଜର ସେବକ। ତାଙ୍କର ଓଡିଆ ଭାଷା ପ୍ରତି ଆନୁଗତ୍ୟ ଓ ନିଷ୍ଠା ହେତୁ ମାଦ୍ରାସ, ବେଙ୍ଗଲ ବିହାରରୁ ଓଡ଼ିଶାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ମିଳିଥିଲା ଓ ଓଡ଼ିଆମାନେ ସେମାନଙ୍କର ଅଧିକାର ଓ ଦାବିକୁ ସାବ୍ୟସ୍ତ କରିପାରିଥିଲେ ସେଥିପାଇଁ ତାଙ୍କୁ ଉତ୍କଳ ମଣି ବୋଲି କୁହାଯାଏ। ପ୍ରକୃତରେ ଗୋପବନ୍ଧୁଙ୍କର ସଂପୂର୍ଣ୍ଣ ଜୀବନ ଉତ୍କଳ ଓ ଓଡିଶାର ସେବା ପାଇଁ ହିଁ ଉତ୍ସର୍ଗୀକୃତ ଥିଲା ସେ ସବୁବେଳେ ସାର୍ବଜନୀନ ସେବା, ଜାତୀୟତାବୋଧ, ଉତ୍ସର୍ଗୀକୃତ ସେବା, ସତ୍ୟ, ଅହିଂସା ଓ ଆଦର୍ଶର ନୀତିକୁ ଉଚିତ ମଣୁଥିଲେ ଓ ସେଥିରେ ସେ ଆତ୍ମତୃପ୍ତି ଅନୁଭବ କରୁଥିଲେ। କାହାର ହୃଦୟରେ ଆଘାତ ଦେବା ତାଙ୍କଠାରେ ସମ୍ଭବ ନଥିଲା। ସେ ଏପରି ଏକ ନିର୍ଭୀକ ନେତା ଥିଲେ ଯେ ବ୍ରିଟିଶ ସରକାରଙ୍କ ନିକଟରେ ଓଡିଶାର ଦୁଃଖ ଦୁର୍ଦ୍ଦଶା ଓ ସମସ୍ୟାର ପ୍ରକୃତ ଘଟଣାକ୍ରମକୁ ଉପସ୍ଥାପନ କରୁଥିଲେ। ଧର୍ମପଦ ଓ ନଚିକେତା ଥିଲେ ତାଙ୍କର ଆଦର୍ଶ। ଯିଏ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ପରିବାର ତଥା ନିଜର ଶରୀରର ଅସ୍ଥିକୁ ଓଡିଶାର ଗଭୀର ଗର୍ତ୍ତରେ ପୂରଣ ନିମିତ୍ତ ଉତ୍କଣ୍ଠା, ସେଭଳି ଯୁଗ ପୁରୁଷଙ୍କ ଦେଶ ପ୍ରତି ମମତା ଯେ କେତେ ଗଭୀର ତାହା ଅନୁମେୟ। ଶିକ୍ଷାର ସଂସ୍କାର ଓ ସେବାରେ ଆନନ୍ଦ ଥିଲା ଗୋପବନ୍ଧୁଙ୍କର ଚିନ୍ତାଧାରା। ସେଥିପାଇଁ ସେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଉପରେ ଗୁରୁତ୍ୱ ଦେଉଥିଲେ ଓ ପୁରାତନ ଶିକ୍ଷା ପଦ୍ଧତିର ଖସଡା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ସେ ଶିକ୍ଷାର ସାର୍ବଜନୀନ ବ୍ୟାପକତା, ଅର୍ଥନୈତିକ ସାମ୍ୟତା ଓ ପରିଧି ମଧ୍ୟରେ ଶିକ୍ଷାର ବିନ୍ୟାସ, ଅନୁଭବ ଯୁକ୍ତ ଶିକ୍ଷା, ଧାର୍ମିକ ନୀତି ଶିକ୍ଷା, ଆଦର୍ଶବାନ ଶିକ୍ଷକ, ଶିକ୍ଷାରେ ମାତୃଭାଷାର ପଚାର ଓ ପ୍ରସାର, ଶୃଙ୍ଖଳା, ସାର୍ବଜନୀନ ସେବା, ବ୍ୟକ୍ତିତ୍ୱର ବିକାଶ, ଅର୍ଥ ବାଧକ ବିହୀନ ଶିକ୍ଷା, ନୂତନ କୌଶଳ, ମାନବିକ ମୂଲ୍ୟବୋଧ ଆଦି ଉପରେ ଗୁରୁତ୍ୱ ଓ ଶିକ୍ଷାର ବିଭିନ୍ନ ଦିଗ ଉପରେ ସଂସ୍କାର ଆଣିବାକୁ ପ୍ରୟାସ କରିଥିଲେ। ସେ ସ୍ୱଦେଶୀ ଚିନ୍ତାଧାରାକୁ ସମ୍ମାନ ଦେଇ ବିଦ୍ୟାଳୟମାନଙ୍କରେ ଚରଖା, ଅରଟ ବ୍ୟବହାରରେ ସ୍ୱଦେଶୀ ବସ୍ତର ଉତ୍ପାଦନ ଉପରେ ଶିକ୍ଷା ଦେବା ପାଇଁ ଗୁରୁତ୍ୱାରୋପ କରୁଥିଲେ। ଗୋପବନ୍ଧୁଙ୍କ ଚିନ୍ତା ଓ ଦୂରଦର୍ଶିତାକୁ ଉପଲବ୍ଧି କରି ଭାରତର ସମ୍ବିଧାନର ଅନୁଚ୍ଛେଦ ୪୫ ରେ ୬ ରୁ ୧୪ ବର୍ଷ ସମସ୍ତ ପିଲାମାନଙ୍କୁ ଦେୟ ମୁକ୍ତ ଓ ବାଧ୍ୟତା ମୂଳକ ଶିକ୍ଷା ଉପରେ ନୀତି ନର୍ଦ୍ଧାରଣ କରାଯାଇଅଛି। ଦାର୍ଶନିକ ରୋଷୋଙ୍କ ମତରେ ମଣିଷ ମୁକ୍ତ ହୋଇ ଜନ୍ମ ହୋଇଥାଏ, ମାତ୍ର ସେ ସର୍ବତ୍ର ଶୃଙ୍ଖଳରେ ବନ୍ଧା। କିନ୍ତୁ ଗୋପବନ୍ଧୁ ଜନ୍ମ ହୋଇଥିଲେ ମୁକ୍ତ ଭାବରେ ମାତ୍ର ସମାଜର ସେବାରେ ସେ ନିଜକୁ ଶୃଙ୍ଖଳିତ ଶୃଙ୍ଖଳରେ ବାନ୍ଧି ଦେଇଥିଲେ। ସେ ଥିଲେ ସମାଜର ବନ୍ଧୁ। ମଣିଷ ଏକ ସାମାଜିକ ପ୍ରାଣୀ, ସମାଜରୁ ମଣିଷ ଶିକ୍ଷା ଆଦି ପାଇଥାଏ ଓ ସମାଜ ପ୍ରତି ମଧ୍ୟ ବ୍ୟକ୍ତିର କର୍ତ୍ତବ୍ୟ ଥାଏ। ମାତ୍ର ଗୋପବନ୍ଧୁ ସମାଜର ସେବା ପାଇଁ ଯେପରି ନି

ସମାଜସେବୀଙ୍କ ଦ୍ୱାରା ମାନସିକ ଅନଗ୍ରସର ମହିଳା ଉଦ୍ଧାର

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ନିକଟରେ ଜଣେ ଅପରିଚିତ ମାନସିକ ଅନଗ୍ରସର ମହିଳା ଅସହାୟ ଅବସ୍ଥାରେ ପଡିରହିଥିବା ଖବର ପାଇ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡେରେସନ୍‌ର କର୍ମକର୍ତ୍ତା ତଥା ସମାଜସେବୀ ଡଗ ନାଏକ ସେଠାରେ ପହଞ୍ଚି ଉଦ୍ଧାର କରିଛନ୍ତି । ଏ ନେଇ ଶ୍ରୀ ନାଏକ ଧର୍ମଗଡ଼ ଉପଜିଲ୍ଲାପାଳ ବିରଞ୍ଚି ନାରାୟଣ ଦରୱାନ, ସହକାରୀ ଜିଲ୍ଲାପାଳ ଗରିବ ଦୀପ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକଙ୍କୁ ଯୋଗାଯୋଗ କରି ଥଇଥାନ ପାଇଁ ଆଲୋଚନା କରିଥିଲେ । ମହିଳା ଜଣଙ୍କୁ ଧର୍ମଗଡ଼ ସ୍ଥିତ ମିଶନାରୀ ଅଫ୍ ଚାରିଟିରେ ରଖିବା ପାଇଁ ଉଭୟେ ନିର୍ଦ୍ଦେଶ ଦେଇଥିଲେ । ସମାଜସେବୀ ଶ୍ରୀ ନାଏକ ଚାରିଟିର ପରିଚାଳିକା ସହିତ ଯୋଗାଯୋଗ କରି ସେଠାରେ ଥଇଥାନ କରିଥିଲେ । ମହିଳାଙ୍କ ବୟସ ୪୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ତେବେ ତାଙ୍କର ପରିଚୟ ମିଳି ପାରିନାହିଁ । ଥଇଥାନ ସମୟରେ ସହକାରୀ ଜିଲ୍ଲାପାଳ ଗରିବ ଦୀପ, ଅଙ୍କିତ ଉପସ୍ଥିତ ରହି ଥିଲେ ।

ପତିଆଲପଡ଼ା- କେନ୍ଦୁଗୁଡ଼ା ରାସ୍ତା ଶୋଚନୀୟ

୫ ମାସରେ ଉଠିଗଲା ପିଚୁ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ-ଠିକ୍ ଏହି ଉକ୍ତିଟି ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ପ୍ରଯୁଜ୍ୟ ଦେଖାଦେଇଛି । ବିଭାଗ ତତ୍ତ୍ୱାବଧାନରେ ହୋଇଥିବା କାମଗୁଡ଼ିକ ଦୁର୍ନୀତି ଗୋଟାଏ ପରେ ଗୋଟାଏ ସାମ୍ନାକୁ ଆସୁଛି । ଅଧିକାରୀ ଓ ଠିକାଦାରଙ୍କ ପାଇଁ ସୁନା ଅଣ୍ଡା ଦିଆ କୁକୁଡ଼ା ସାଜିଛି ଯୋଜନା । ପ୍ରତି ବର୍ଷ ଏହି ବିଭାଗରେ ନୂତନ ରାସ୍ତା ନିର୍ମାଣ, ଉନ୍ନତିକରଣ ଆଦି ନାମରେ କୋଟିକୋଟି ଟଙ୍କା ଶ୍ରାଦ୍ଧ ହେଉଛି । ସରକାର ଯାତାୟାତ ବ୍ୟବସ୍ଥାକୁ ଉନ୍ନତମାନର କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଉପାନ୍ତ ଅଞ୍ଚଳମାନଙ୍କରେ ବିଭିନ୍ନ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ କରୁଥିବା ବେଳେ ରାସ୍ତା ନିର୍ମାଣର ମାତ୍ର ଅଳ୍ପ ଦିନ ଭିତରେ ତାହା ଯାତାୟାତ ଉପଯୋଗୀ ରହୁନାହିଁ । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମିଳିତ ଉଦ୍ୟମ ହିଁ ରାସ୍ତାର ଦୂରାବସ୍ଥାର କାରଣ ହେଉଛି । ତୁ ଯେତେ ମାଠିବୁ ମାଠ ସାଜିଛି ବିଭାଗ । ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହୋଇଥିବା ଗୋଲାମୁଣ୍ଡା ବ୍ଲକ ପତିଆଲପଡା ଠାରୁ କେନ୍ଦୁଗୁଡ଼ା ରାସ୍ତା ଉନ୍ନତିକରଣ ତା'ର ଏକ ଜ୍ୱଳନ୍ତ ଉଦାହରଣ । କାର୍ଯ୍ୟସ୍ଥଳରେ ଲାଗିଥିବା ସୂଚନା ଅନୁଯାୟୀ ପତିଆଲପଡ଼ା ଠାରୁ କେନ୍ଦୁଗୁଡ଼ା ରାସ୍ତା ଉନ୍ନତିକରଣ ପାଇଁ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗତ ୨୦୨୧/୨୨ରେ

୯୬.୧୯ଲକ୍ଷ ଟଙ୍କା ଅଟକଳ ବ୍ୟୟ ରଖିଥିଲା । ୧୯.୭୦କିମି ଏହି ରାସ୍ତା କାମ ଗତ ୭ମାର୍ଚ୍ଚ ୨୦୨୨ରେ ଆରମ୍ଭ ହୋଇ ୨୦ ଅପ୍ରେଲ ୨୦୨୩ରେ ଶେଷ ହୋଇଥିଲା । ୯୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ଥିବାବେଳେ ଠିକା ସଂସ୍ଥା ପକ୍ଷରୁ ୮୧.୭୬ଲକ୍ଷ ଟଙ୍କାରେ ଚୁକ୍ତିନାମା ହୋଇଥିଲା । ମାତ୍ର ୧୯.୭୦କିମି ରାସ୍ତାର ଉନ୍ନତିକରଣ ପାଇଁ ଠିକା ସଂସ୍ଥାକୁ ୧୩ମାସ ସମୟ ଦିଆଯାଇଥିଲା । ଜନୈକ 'ବି' ଶ୍ରେଣୀର ମହିଳା ଠିକାଦାର ଏହାର ନିର୍ମାଣ ଦାୟିତ୍ୱ ନେଇଥିଲେ । ସୂଚନା ଫଳକରେ ଥିବା ତଥ୍ୟ ଅନୁଯାୟୀ ଏହି କାର୍ଯ୍ୟ ସମ୍ପାଦିତ ହେବା ଇତିମଧ୍ୟରେ ପାଞ୍ଚ ମାସ ବିତିଯାଇଛି । ମାତ୍ର ପାଞ୍ଚ ମାସ ମଧ୍ୟରେ ରାସ୍ତା ଅବସ୍ଥା ବେହାଲ ହେଲାଣି । ହାତ ମାରିଦେଲେ ପିଚୁ ଉଠିଯାଉଛି । ଅନେକ ସ୍ଥାନରେ ପିଚୁ ଉଠି ଖାଲ ସୃଷ୍ଟି ହେଲାଣି । ସ୍ୱଳ୍ପ ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ପଞ୍ଚାୟତ ରାସ୍ତାଠାରୁ ମଧ୍ୟ ଅତି କଦର୍ଯ୍ୟ ହେଲାଣି ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ । ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଠିକାଦାରଙ୍କୁ ନିମ୍ନ ମାନମାନର କାମ କରିବା ପାଇଁ ସୁଯୋଗ ସୃଷ୍ଟି କରିଥିବା ବେଳେ ଏନେଇ ବାରମ୍ବାର ସ୍ଥାନୀୟ ଲୋକେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ବିଭାଗୀୟ ଅଧିକାରୀ ସେମାନଙ୍କ କଥାକୁ କର୍ଣ୍ଣପାତ କରିନଥିବା ଲୋକେ କହିଛନ୍ତି । ବିଭାଗ କେବଳ ଠିକାଦାର ପୋଷିବା ପାଇଁ କୋଟି କୋଟି ଟଙ୍କା ଶ୍ରାଦ୍ଧ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ରାଜ୍ୟ ବିଜେପି ସଭାପତି

ଭବାନୀପାଟଣା, (ଭାସ୍କର ନ୍ୟୁଜ): ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଆୟୋଜିତ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମରେ ନୂଆଦିଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ନିମନ୍ତେ ପବିତ୍ର ମାଟି ସଂଗ୍ରହ ପାଇଁ ରାଜ୍ୟ ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଯାତ୍ରା କଳାହାଣ୍ଡି ଜିଲ୍ଲାରେ ଗତ ୬ତାରିଖ ଦିନ ପହଞ୍ଚିଥିଲା । କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅନ୍ତର୍ଗତ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝୀଙ୍କ ଜନ୍ମସ୍ଥାନରୁ ପବିତ୍ର ମୃତ୍ତିକା ସଂଗ୍ରହ ପରେ ଗତ ୭ ତାରିଖ ଦିନ ଭବାନୀପାଟଣାସ୍ଥିତ ସର୍କିଟ ହାଉସ୍ ଠାରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି

ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ପ୍ରଭାରୀ ରମେଶ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ, ରାଜ୍ୟ କାର୍ଯ୍ୟନିର୍ବାହୀ ରମେଶ ମାଝୀ ଜିଲ୍ଲା ମିଡିଆ ସେଲ୍‌ର ପ୍ରେମନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରାଜ୍ୟ ସଭାପତି ଶ୍ରୀ ସାମଲ ରାଜ୍ୟ ସରକାରଙ୍କ ବିଫଳତାର ପେଡି ଖୋଲିବା ସହ ସେ ଯେତେବେଳେ ରାଜସ୍ୱ ମନ୍ତ୍ରୀ ଥିଲେ ସେତେବେଳେ କିଭଳି କାମ ହୋଇଥିଲା ବର୍ଣ୍ଣନା କରିବା ସହ ଏବେକାର ସରକାର ତାଙ୍କ ନିର୍ବାଚନୀ ଇସ୍ତାହାର ଖିଲାପ କରିଥିବା ପ୍ରକାଶ କରିଥିଲେ । ଜଳସେଚନରେ ରାଜ୍ୟର ବିଫଳତା, ଧାନ ଦର ବୃଦ୍ଧିରେ କେନ୍ଦ୍ର ସରକାରଙ୍କ ସହଯୋଗ କଥା କହିଥିଲେ । କଳାହାଣ୍ଡି ଜିଲ୍ଲାରେ ଉନ୍ନତମାନର କପା ଉତ୍ପାଦନ ହେଇଥିଲା ବେଳେ କୃଷିଭିତ୍ତିକ ଶିଳ୍ପର ଅଭାବ ରହିଛି । ଅନ୍ୟପକ୍ଷରେ ବିଜେପି ଆଗାମୀ ନିର୍ବାଚନରେ ଶାସନକୁ ଆସିଲେ ରାଜ୍ୟର ନଦୀ ସଂଯୋଗୀକରଣ, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ହଳଦୀ ବୋର୍ଡ ଗଠନ, କଳାହାଣ୍ଡିର ପର୍ଯ୍ୟଟନ ଶିଳ୍ପର ଉନ୍ନତି ସହ ଜମି, ଜଳ, ଖଣି, ଜଙ୍ଗଲର ସୁରକ୍ଷା ପାଇଁ କାମ କରିବ ବୋଲି ପ୍ରକାଶ କରିଥିଲେ । ରାଜ୍ୟରେ ଚାଲିଥିବା ଛାୟା ସରକାରଙ୍କ ସମାଲୋଚନା ଅରି ଶ୍ରୀ ସାମଲ କହିଥିଲେ ଯେ ଆମେ ଶାସନକୁ ଆସିଲେ ରାଜ୍ୟରେ ଏକ ସୁସ୍ଥ ସରକାର ଗଠନ ହୋବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ ।

ମନମୋହନ ସାମଲଙ୍କ ଦୁଇ ଦିନିଆ କଳାହାଣ୍ଡି ଗସ୍ତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୁଇ ଦିନିଆ କଳାହାଣ୍ଡି ଗସ୍ତର ଦ୍ୱିତୀୟ ଦିନରେ ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉପସ୍ଥିତ ହୋଇ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । ୯ବର୍ଷର ମୋଦୀ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ପ୍ରତି ବୁଥ୍‌ସ୍ତରରେ ପହଞ୍ଚାଇବା ତଥା, ଦ୍ୱାର ମୁହଁକୁ ଯାଇ ଜନଜାଗରଣ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ତାଙ୍କ ଅଭିଭାଷଣରେ ବୁଥ୍ ଜିଣିଲେ ନିର୍ବାଚନ ଜିଣିବା, ନିର୍ବାଚନ ଜିଣିଲେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନର ସରକାର ଗଢିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ତେଣୁ ରାଜ୍ୟରେ ବିଜେପିର ବୁଥ୍ ହାର ୨୦୨୪ରେ ୩୮%ରୁ ୫୨% କୁ ବୃଦ୍ଧି କରିବାକୁ ପଡ଼ିବ । ଏଥିପାଇଁ ପ୍ରତି ବୁଥ୍‌କୁ ସଶକ୍ତ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ

ଦେଇଥିଲେ । ସୂଚନା ଅନୁଯାୟୀ ଶ୍ରୀ ସାମଲଙ୍କ ଦୁଇ ଦିନିଆ କଳାହାଣ୍ଡି ଗସ୍ତର ପ୍ରଥମ ଦିନରେ ନର୍ଲା ନିର୍ବାଚନ ମଣ୍ଡଳୀର ମଦନପୁର ରାମପୁର ଓ ଭବାନୀପାଟଣାରେ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନରେ ଜୁନାଗଡ଼ ଓ ଧର୍ମଗଡ଼ରେ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ । ଧର୍ମଗଡ଼ଠାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ରଖିବା ସହ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ପ୍ରଶାନ୍ତ ସାହୁ, ସାଧାରଣ ସଂପାଦକ ସୁଧୀର ପାଟଯୋଶୀ, ଜୟ ଶଙ୍କର ନାଏକ, କଳାହାଣ୍ଡି ପ୍ରଭାରୀ ରମେଶ ସାହୁ, ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଯୁବକଙ୍କ ମୃତ୍ୟୁକୁ ନେଇ ରାସ୍ତା ଅବରୋଧ

ଯାତାୟାତ ଠପ୍

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଗାନ୍ଧୀଗ୍ରାମ ପଡାର ଗୋବିନ୍ଦବଲ୍ଲଭ ନାଏକ(୨୮) ଙ୍କ ମୃତ୍ୟୁକୁ ନେଇ ପରିବାର ଓ ଗ୍ରାମବାସୀ ଜୟପାଟଣା ମୋଟେର ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି । ଯାହାଫଳରେ ଯାତାୟାତ ଠପ୍ ରହିଛି । ସୂଚନା ଅନୁଯାୟୀ ଶନିବାର ୧୦ ଟାରେ ଗୋବିନ୍ଦବଲ୍ଲଭ ଜୟପାଟଣା ଗ୍ରାମର ଶୁଭମ ଅଗ୍ରୱାଲ ସାଙ୍ଗରେ ସପିଂ କରିବା ପାଇଁ ଭବାନୀପାଟଣା ଯାଇଥିଲେ । ରାତିରେ ମହିଚଲା ଗ୍ରାମ ନିକଟରେ ଦୁର୍ଘଟଣା ହୋଇ ଭବାନୀପାଟଣା ହସ୍ପିଟାଲରେ ଗୋବିନ୍ଦବଲ୍ଲଭ ଭର୍ତ୍ତି କରାଯାଇଥିବା ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି ବୋଲି ଶୁଭମ ଗୋବିନ୍ଦବଲ୍ଲଭଙ୍କ ମା'ଙ୍କୁ କହିଥିଲେ । କିନ୍ତୁ ସକାଳେ ଗୋବିନ୍ଦବଲ୍ଲଭଙ୍କ ଭବାନୀପାଟଣା ହସ୍ପିଟାଲରେ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଶୁଣିବାକୁ

ପାଇଥିଲେ । ତେବେ ବର୍ତ୍ତମାନ ପରିବାର ଲୋକେ ଗୋବିନ୍ଦବଲ୍ଲଭଙ୍କୁ ଡାକି ନେଇ ଶୁଭମ ଅଗ୍ରୱାଲ ମାରି ଦେଇଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ମହିଚଲା ନିକଟରେ ଦୁର୍ଘଟଣା ଘଟିଥିବା ବେଳେ ସ୍ଥାନୀୟ ସରପଞ୍ଚ ଓ କିଛି ଲୋକେ ଗୋବିନ୍ଦବଲ୍ଲଭଙ୍କୁ ନିସ୍ତୁକ ମାଡ଼ ମାରିଥିବା ବେଳେ ସେ ଅଚେତ ହେବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଜୁନାଗଡ଼ ଓ ପରେ ଭବାନୀପାଟଣା ହସ୍ପିଟାଲକୁ ନେଇଥିବା ଶୁଣିବାକୁ ମିଳିଛି । ବର୍ତ୍ତମାନ ଭବାନୀପାଟଣାରେ ଶବ ବ୍ୟବଚ୍ଛେଦ ହୋଇ ମୃତଦେହ ଘରକୁ ଫେରିଥିବା ବେଳେ ଅପରାଧୀଙ୍କୁ ତୁରନ୍ତ ଗିରଫ ସହ କ୍ଷତିପୂରଣ ଦାବି ନେଇ ଜୟପାଟଣା ଓ ମୋଟର ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ ଓ ପରିବାର ଲୋକେ । ଯାହାରି ଫଳରେ ଯାତାୟାତ ବନ୍ଦ ରହି ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଲୋକଙ୍କ ଭିତରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ମୁତୟନ ହୋଇଥିବା ଜଣାପଡିଛି । ଏପର୍ଯ୍ୟନ୍ତ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନଥିବା ଜଣାପଡିଛି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପ୍ରୟାସ ଜାରି ରଖିଛି ।

୧୫ତମ ଟ୍ରାଇବାଲ୍ ଯୁବ ବିନିମୟ କାର୍ଯ୍ୟକ୍ରମ ଯୋଗଦେବେ କଳାହାଣ୍ଡିର ୨୦ ଯୁବକ ଯୁବତୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର କଳାହାଣ୍ଡି ଠାରେ ଥିବା ୬୪ ବାଟାଲିୟନ ସିଆର୍‌ପିଏଫ୍ ଏବଂ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କଳାହାଣ୍ଡି ଜିଲ୍ଲା ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଓ ଭବାନୀପାଟଣା ବ୍ଲକର ବିଭିନ୍ନ ଅଞ୍ଚଳରୁ ୨୦ଜଣ ଯୁବକ ଯୁବତୀ ୮ତାରିଖ ରବିବାର ଚଣ୍ଡିଗଡ଼କୁ ଯାତ୍ରା କରିଛନ୍ତି । ପଞ୍ଜାବର ରାଜଧାନୀ ଚଣ୍ଡିଗଡ଼ଠାରେ ଆସନ୍ତା ୧୦ରୁ ୧୬ତାରିଖ ପର୍ଯ୍ୟନ୍ତ ସାତଦିନ ଧରି ହେବାକୁ ଥିବା ୧୫ତମ ଜନଜାତି ଯୁବ ବିନିମୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଯୁବକ ଯୁବତୀମାନେ ଅଂଶଗ୍ରହଣ କରି ନିଜ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ସମ୍ପର୍କରେ ନିଜ ଅନୁଭୂତିକୁ ଅନ୍ୟ ରାଜ୍ୟର ଯୁବକ

ଯୁବତୀଙ୍କ ମଧ୍ୟରେ ବାଣ୍ଟିବା ଓ ସେମାନଙ୍କ ରାଜ୍ୟ ସମ୍ପର୍କରେ ଅନୁରୂପ ଜ୍ଞାନ ଆହରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡିଛି । ଦେଶର ନକ୍ସଲ ପ୍ରଭାବିତ ରାଜ୍ୟରେ ଥିବା ବିଭିନ୍ନ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରେ ସୁରକ୍ଷା ଦାୟିତ୍ୱରେ ଥିବା ୬୪ ବାଟାଲିୟନ ସିଆର୍‌ପିଏଫ୍‌ଙ୍କ ପ୍ରତି ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ବିଶ୍ୱାସ ଓ ଲୋକପ୍ରିୟତା ବୃଦ୍ଧି ନିମନ୍ତେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କଳାହାଣ୍ଡି ୬୪ ସିଆର୍‌ପିଏଫ୍ ବାଟାଲିୟନ୍‌ର କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ ସୂଚନା ଦେଇଛନ୍ତି । ଗତ ୭ ତାରିଖ ଶନିବାର ସଂଧ୍ୟାରେ ସ୍ଥାନୀୟ ସିଆର୍‌ପିଏଫ୍ ୬୪ ବାଟାଲିୟନ୍ କାର୍ଯ୍ୟାଳୟଠାରେ ଯୁବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଚଣ୍ଡିଗଡ଼ ଯାତ୍ରା କରୁଥିବା ଯୁବକ ଯୁବତୀଙ୍କୁ ବିଭିନ୍ନ ସୂଚନା ଦେବା ପାଇଁ ସିଆର୍‌ପିଏଫ୍ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ଡା.ସଞ୍ଜୟ ରାଜାକ୍, ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, କଳାହାଣ୍ଡି ଯୁବକେନ୍ଦ୍ରର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଯାତ୍ରାକାଳୀନ ସତର୍କତା ସମ୍ପର୍କରେ ଯୁବକ ଯୁବତୀଙ୍କୁ ବିଭିନ୍ନ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ ଏହି ଦଳରେ ଯାତ୍ରା କରୁଥିବା ୧୦ଜଣ ଯୁବକଙ୍କ ସୁରକ୍ଷା ନିମନ୍ତେ ଏଚ୍.ସି/ଜିଡି ଏସ୍ ଏସ୍ ମିନା ଓ ୧୦ଜଣ ଯୁବତୀଙ୍କ ସୁରକ୍ଷା ନିମନ୍ତେ ସି.ଟି/ଜିଡି ଲିଲି ଭୋଇ ମଧ୍ୟ ଯାତ୍ରା କରିଛନ୍ତି । ଏହି ଅବସରରେ ସିଆର୍‌ପିଏଫ୍ ପକ୍ଷରୁ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ ଓ ନେହେରୁ ଯୁବକେନ୍ଦ୍ର ଅଧିକାରୀ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିବା ସହ ଯୁବକ ଯୁବତୀଙ୍କ ଯାତ୍ରାର ସଫଳତା କାମନା କରିଥିଲେ ।

ରାଶିଫଳ

ସୋମବାର, ୦୯ ଅକ୍ଟୋବର ୨୦୨୩

ମେଷ: ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ । ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି । କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ । ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି ।

ବୃଷ: ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟ ହେବ । ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ । ଶ୍ରବଣା

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ବର୍ତ୍ତମାନ ସମୟରେ ସାଇବର ଠକମାନେ ବିଭିନ୍ନ ଉପାୟରେ ଲୋକମାନଙ୍କୁ ଠକୁଛନ୍ତି । ଏହାକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ କଟକ ଓ ଯାଜପୁର ପୋଲିସର ମିଳିତ ସହଯୋଗରେ ସାଇବର ଠକେଇ ସଚେତନତା ରଥ ଆଜି ବଡଚଣାର ବୈରୀ, ଧାନମଣ୍ଡଳ ଓ ଚଣ୍ଡିଖୋଲ ଛକ ଠାରେ ପଥପ୍ରାନ୍ତ ନାଟକ, ସଂଗୀତ ଓ ନୃତ୍ୟ ମାଧ୍ୟମରେ ସୋସିଆଲ ମିଡିଆ ବ୍ୟବହାର କ୍ଷେତ୍ରରେ ସତର୍କତା, ଗେମିଂ ଆପ୍ଲିକେସନ, ଆର୍ଥିକ କାରବାର ଜନିତ ସୁରକ୍ଷା, ଶିଶୁ ପର୍ନୋଗ୍ରାଫି, ପ୍ରତିଶୋଧମୂଳକ ପର୍ନୋଗ୍ରାଫି, ରିପୋର୍ଟିଂ ବା ସୂଚନା ଦେବା ଆଦି ଉପରେ ସଚେତନ କରିବା ସହିତ ସାଇବର ଅପରାଧ ରୋକିବା ପାଇଁ ବିଭିନ୍ନ ଉପାଦେୟ, ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, କଟକ କ୍ରାଇମ ବ୍ରାଞ୍ଚ ଏସଆଇ ପ୍ରିୟ ଦର୍ଶନ ସେଠୀ, ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି, ସୁଜୁତା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଚଣ୍ଡିଖୋଲ ଅସ୍ଥାୟୀ ବଣିକ ସଂଘରସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସଭାପତି ମହେଶ୍ୱର ବଳ, ଏସଆଇ ମହମ୍ମଦ ସୁରଜ, ସୁବାଷ ଚନ୍ଦ୍ର ମୁଦୁଲି, ବିନତି ଦାସ, ବଡଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ, ଶିକ୍ଷକ ଅମଜାଦ ହୁସେନ, ରତିକାନ୍ତ ନାୟକ, ଶିକ୍ଷୟିତ୍ରୀ ପ୍ରଭାସିନି ମହାନ୍ତି ପ୍ରମୁଖ ସାଇବର ଠକେଇ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ । ସଚେତନତା ରଥ ବୈରୀ, ଧାନମଣ୍ଡଳ ଓ ଚଣ୍ଡିଖୋଲ ଠାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଚେତନତା ରଥକୁ ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଜିଆଇଇଟି ଛାତ୍ରଛାତ୍ରୀ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ଅଢେଇ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଅତ୍ୟାଧୁନିକ ବହୁମୁଖୀ କଲ୍ୟାଣ ମଣ୍ଡପ

ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ଟାଉନ ହଲ୍ ପରିସରରେ ନିର୍ମାଣ ହେବ ଦଶହଜାର ବର୍ଗଫୁଟ୍ ଏରିଆ ପରିମିତ ଏକ ବିରାଟ ବହୁମୁଖୀ କଲ୍ୟାଣ ମଣ୍ଡପ । ଏହାର କ୍ଷେତ୍ର ଭ୍ରମଣ ସହିତ ସ୍ଥାନ ଚୟନ ନିମନ୍ତେ ଆସିକା ତହସିଲଦାର ସଞ୍ଜୟ ସାମନ୍ତରା ଓ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ୍ ଟାଉନ ହଲ୍ ପରିସରରେ ଥିବା ସ୍ଥାନ ଚୟନ କରିଛନ୍ତି । ସମସ୍ତ ଟାଉନ ହଲ ପରିସର ୨୮୦୦୦ ବର୍ଗଫୁଟ୍ ଥିବାବେଳେ ଉକ୍ତ କଲ୍ୟାଣ ମଣ୍ଡପ ପାଇଁ ୧୦,୦୦୦ ହଜାର ବର୍ଗଫୁଟ୍ ସ୍ଥାନ ଆବଶ୍ୟକତା ରହିଥିବାରୁ ଏଠାରେ କଲ୍ୟାଣ ମଣ୍ଡପଟି କଲେ ସବୁ ଦୃଷ୍ଟିକୋଣରୁ ସୁବିଧା ହୋଇପାରିବ ବୋଲି ଆସିକାର ଜନସାଧାରଣ ଓ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି । ୫୦୦ସିଟ୍ ବିଶିଷ୍ଟ ଅଢେଇ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ବହୁମୁଖୀ କଲ୍ୟାଣ ମଣ୍ଡପ ଏଠାରେ ନିର୍ମାଣ ହେବା ଖବର ଆସିକାବାସୀଙ୍କ ପାଇଁ ଖୁସି ଖବର ଅଟେ । କଳା ଓ ସଂସ୍କୃତିର ସହର ଆସିକା ହୋଇଥିବା ବେଳେ ଗୋଟିଏ ହେଲେ ଅଡିଟୋରିୟମ୍ ଏଠାରେ ନାହିଁ । ଏହି କଲ୍ୟାଣ ମଣ୍ଡପଟି ହୋଇପାରିଲେ ଆସିକା ଅଞ୍ଚଳର କଳା ଓ ସଂସ୍କୃତିର ବିକାଶ ଘଟିବ ବୋଲି ମତ ପ୍ରକାଶ ପାଇଛି । ଆସିକାର ପ୍ରାଣକେନ୍ଦ୍ର ଭାବେ ପରିଚିତ ଏହି ଟାଉନ ହଲ୍ ଅବହେଳିତ ଅବସ୍ଥାରେ ପଡ଼ିଥିବାବେଳେ ତା'ର ପୁନଃରୁଦ୍ଧାର କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛି ଆସିକା ଏନଏସି ବୋଲି କହିଛନ୍ତି ସାଂସଦ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ । ଉପଯୁକ୍ତ ସ୍ଥାନ ଚୟନ କରାଯାଇ ନପାରିଲେ ଏହି ବୃହତ ପ୍ରକଳ୍ପଟି ଫେରିଯିବାର ସମ୍ଭାବନା ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ସେଥିପାଇଁ ଆସିକା ଜନସାଧାରଣ ଟାଉନ ହଲ୍ ଠାରେ ଏହି ପ୍ରକଳ୍ପ ହେବ ବୋଲି ଆଶା ବାନ୍ଧିଛନ୍ତି ।

ବିଜେପି ପକ୍ଷରୁ 'ବସ୍ତି ସମ୍ପର୍କ ଅଭିଯାନ'

ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଥାଇଲୋ ପଞ୍ଚାୟତ ଅଲିକଣ୍ଠା ଗ୍ରାମର ଦଳିତ ବସ୍ତିରେ ବିଜେପି ପକ୍ଷରୁ 'ବସ୍ତି ସମ୍ପର୍କ ଅଭିଯାନ' କାର୍ଯ୍ୟକ୍ରମଟି ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ତଥା ଯୁବ ସମାଜସେବୀ ସତ୍ୟ ସାରଥି ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିଜେପି କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ ହେବା ଅବସରରେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ କେନ୍ଦ୍ରୀୟ ଯୋଜନାର ଲାଭ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ । ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା, ଜଳ ମିଶନ ଯୋଜନାରେ ପିଇବା ପାଣି, ଅଟଳ ପେନସନ ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଓ ବିଧବା ଭତ୍ତା, ଆଜି ବି ଅନେକଙ୍କ ପାଇଁ ଅପହଞ୍ଚ ଥିବା ଅନୁଭବ କଲି ବୋଲି ଶ୍ରୀଯୁକ୍ତ ମହାନ୍ତି କହିଥିଲେ । ଗରିବ ଓ ଦଳିତ ଲୋକଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଉଥିବା ଅର୍ଥ ବାଟମାରଣା ହେବା ସହ ପିସି କାରବାର କାରଣରୁ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇପାରୁ ନାହାନ୍ତି ଯୋଗ୍ୟ ହିତାଧିକାରୀ । ନିଜ ନାମରେ କହି ଲୋକଙ୍କୁ ରାଜ୍ୟ ସରକାର ଚାଉଳ ଦେଉଥିବା କଥା କହୁଥିବା ବେଳେ, କିନ୍ତୁ କେନ୍ଦ୍ରରେ ଥିବା ମୋଦୀ ସରକାର ଦେଉଛନ୍ତି ବୋଲି ଏବେ ଧୀରେ ଧୀରେ ଲୋକମାନେ ବୁଝିଲେଣି । ମନରେଗା ଯୋଜନାରେ କେନ୍ଦ୍ର ଦେଉଥିବା ଅର୍ଥରେ ସ୍ଥାନୀୟ ଠିକାଦାରମାନେ ମେସିନ ଦ୍ୱାରା କାମ କରି ଲୁଟ୍ କରୁଥିବା ବେଳେ ଦଳିତ ଲୋକମାନେ ରୋଜଗାରକ୍ଷମ ହୋଇପାରୁ ନାହାନ୍ତି । କେନ୍ଦ୍ରର ଯୋଜନାକୁ ମିଳିମିଶି ସମସ୍ତେ ଚଳୁ କରୁଥିବା ବେଳେ ଉପଯୁକ୍ତ ହିତାଧିକାରୀ ଦୁଃଖରେ ଦିନ କାଟୁଛନ୍ତି ବୋଲି ବିଜେପି ଯୁବନେତା ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ମୋହିତ ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା କୋଡିନେଟର ନୃସିଂହ ଚରଣ ସାହୁ, କୃଷକ ନେତା ତପନ କୁମାର ବେହେରା, ଓବିସି ମୋର୍ଚ୍ଚାର ଅମର ଦଳାଇ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କ୍ଷେତ୍ରମୋହନ ସାହୁ ଓ ଯୁଧିଷ୍ଠିର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ ।

ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

କୋଣାର୍କ, (ଭାସ୍କର ନ୍ୟୁଜ୍) : କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ବସନ୍ତ ମଞ୍ଜରୀ ପାଠାଗାର, କୋଣାର୍କ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ଜାତୀୟ ବନ୍ୟପ୍ରାଣୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅତିଥି ଭାବରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । କୋଣାର୍କ ବନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଜାତୀୟ ସବୁଜ ବାହିନୀର ଅଧିକାରୀ ରାମକୃଷ୍ଣ ମହାନ୍ତି, ଶିକ୍ଷକ ମାନସ କୁମାର ମୁଦୁଲି, ବନବିଭାଗର ଅଧିକାରୀ ରବୀନ୍ଦ୍ର କୁମାର ସ୍ୱାଇଁ , ଶିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ୧୪୯ନଂ ଜାତୀୟ ରାଜପଥ ଉପରେ ଗାଡି ଧକ୍କାରେ ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନା ମୁତାବକ ରାଣା କାରଖାନା ନିକଟସ୍ଥ ରାଜପଥ ଉପରେ ବନରପାଳ ଥାନାର ନରେନ୍ଦ୍ରପୁର ଗ୍ରାମର ଜିତେନ୍ଦ୍ର ଗଡ଼ନାୟକ (୩୩ବର୍ଷ)ଭେଜିଆ ଅଞ୍ଚଳ ନିଜ ଶ୍ୱଶୁର ଘରୁ ଗାଁକୁ ବାଇକ୍‌ରେ ଫେରୁଥିଲାବେଳେ କୌଣସି ଏକ ଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଥିଲା । ଫଳରେ ମୃତ ଅବସ୍ଥାରେ ରାସ୍ତା ଉପରେ ରକ୍ତ ଜୁଡୁବୁଡୁ ହୋଇ ପଡିରହିଥିଲେ । ଖବର ପାଇ ପରଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଛନ୍ତି ।

ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ସାଇସିଦ୍ଧି ପୁରସ୍କୃତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ୬୯ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ କରଞ୍ଜିଆ ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ରୀ ସାଇସିଦ୍ଧି ମହାନ୍ତ ତୃତୀୟ ସ୍ଥାନ ଅଧିକାର ପୁରସ୍କୃତ ହୋଇଛନ୍ତି । ୭ ତାରିଖ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭବ୍ୟ ସମାରୋହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍, ପ୍ରଧାନ ବନ୍ୟପ୍ରାଣୀ ସଂରକ୍ଷକ ସୁଶିଲ୍ କୁମାର ପୋପଲି, ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଠାରୁ ମାନପତ୍ର, ସାର୍ଟିଫିକେଟ୍ ଓ ତିନି ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଡି ହୋଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସାଇସିଦ୍ଧି କ୍ରମାଗତ ଭାବେ ତୃତୀୟ ଥର ଏହି ପ୍ରତିଯୋଗୀତାରେ ପୁରସ୍କୃତ ହୋଇଛନ୍ତି । ସାଇସିଦ୍ଧି ନିଜକୁ ଜଣେ ସଫଳ ଓଡିଶୀ ନୃତ୍ୟଶଳ୍ପୀ ଓ ଜଣେ ରାଜ୍ୟସ୍ତରୀୟ କରାଟେ ଖେଳାଳୀ ଭାବରେ ନିଜକୁ ପ୍ରତିପାଦନ କରିଛନ୍ତି । ତାଙ୍କର ସବୁ ସଫଳତାକୁ ଆଧାରରେ କରଞ୍ଜିଆ ମହୋତ୍ସବ କମିଟି ତରଫରୁ ଓଡ଼ିଆ ଚଳଚ୍ଚିତ୍ର ବିଶିଷ୍ଟ ହାସ୍ୟାଭିନେତା ସ୍ୱର୍ଗତ ସଳିଲ୍ ମିତ୍ରଙ୍କ ସ୍ମୃତିରେ 'ମାଟିର ମହକ' ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଥିଲେ । ତାଙ୍କର ଏହି ସଫଳତା ପାଇଁ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ, ଏସିଏଫ୍ ଫାଲଗୁନି ବେହେରା,ଏସିଫ ମଦନ ମୋହନ ମହାନ୍ତ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ରାଜଲକ୍ଷ୍ମୀ ବେହେରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଜବରଦଖଲକାରୀଙ୍କ ପାଇଁ ଉପୁଜୁଛି ଟ୍ରାଫିକ ସମସ୍ୟା

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ତିନୋଟି ଜାତୀୟ ରାଜପଥର ସଂଗମ ସ୍ଥଳ ଚଣ୍ଡିଖୋଲ ଛକ ସବୁବେଳେ ଟ୍ରାଫିକ ସମସ୍ୟା ନେଇ ବିଭିନ୍ନ ଆଲୋଚନା ଓ ପର୍ଯ୍ୟାଲୋଚନା ହେଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରୁନାହିଁ ଫଳରେ ଦୈନିକ ବହୁ ଛୋଟବଡ଼ ଦୁର୍ଘଟଣାମାନ ଘଟି ଅନେକ ଧନଜୀବନ ନଷ୍ଟ ହେଉଛି । ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଯୋଗୁ ଏହା ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ଆଜି ବଡଚଣା ଥାନା ଅଧିକାରୀ ତଥା ଚଣ୍ଡିଖୋଲ ଟ୍ରାଫିକର ଭାରାପ୍ରାପ୍ତ ଅଧିକାରୀ ଶତର ଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱରେ ଏକ ଆଲୋଚନାଚକ୍ର ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ପାର୍କିଂ ବିଚ୍ଛେଦ, ରାଜପଥର ଫୁଟପାଥକୁ ଜବରଦଖଲ କରିଥିବା ଦୋକାନୀଙ୍କୁ ଉଚ୍ଛେଦ, ସରକାରୀ ଜମି ଜବର ଦଖଲ କରିଥିବା କେତେକ ବ୍ୟବସାୟୀଙ୍କୁ ହଟାଇବା ପାଇଁ ଆଜି ଆଲୋଚନାରେ ନିଷ୍ପତି ନିଆଯାଇଥିଲା । ଜବରଦଖଲ ଉଚ୍ଛେଦ ପାଇଁ ତିନିଦିନ ମଧ୍ୟରେ ଅବରୋଧ ହଟାଇବା ସହିତ ମାଇକ ଯୋଗେ ପ୍ରଚାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଯେଉଁ ଜବର ଦଖଲକାରୀମାନେ ତିନି ଦିନ ମଧ୍ୟରେ ଉଚ୍ଛେଦ ନକରିବେ ସେମାନଙ୍କ ବିରୋଧରେ ୨୯୦ ଧାରାରେ କେସ ରୁଜୁ କରାଯିବ ବୋଲି ଶ୍ରୀ ପାତ୍ର କହିଥିଲେ । ଏଥିସହିତ ଦର୍ପଣ ତହସିଲଦାରଙ୍କୁ ଜାତୀୟ ରାଜପଥର ସୀମା ନିର୍ଦ୍ଧାରଣ କରିବା ପାଇଁ ଅନୁରୋଧ କରାଯିବ ବୋଲି ଆଜିର ଆଲୋଚନାଚକ୍ରରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଆଲୋଚନାଚକ୍ରରେ ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘର ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ, ଅସ୍ଥାୟୀ ବଣିକ ସଂଘର ସଭାପତି ମହେଶ୍ୱର ବଳ, ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କିର୍ତ୍ତିରାଜ ସ୍ୱାଇଁ, ଚଣ୍ଡିଖୋଲ ବଣିକ ସଂଘର ସଭାପତି କ୍ଷୀରୋଦ ଚନ୍ଦ୍ର ମାହାଲା, ସମ୍ପାଦକ ରବିନ୍ଦ୍ର କୁମାର ରାଉତ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାସ , ଚଣ୍ଡିଖୋଲ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ, ପ୍ରେସ କ୍ଲବ ଚଣ୍ଡିଖୋଲ ପକ୍ଷରୁ ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ସେକ ସବିରୁଦ୍ଦିନ, ମୋହନ ଖିଲାର ଆଇନଜୀବୀ ସୁରେସ ଚନ୍ଦ୍ର ସାହାଣୀ ଦେବରାଜ ବେହେରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର କାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଫୁଟ୍‌ପାଥ୍ ଓ ଡ୍ରେନ୍ ଉପରେ କରିଥିବା ଦୋକାନୀଙ୍କୁ ୧୦ ତାରିଖ ସୁଦ୍ଧା ଉଠିଯିବା ପାଇଁ ପ୍ରଶାସନ ମାଇକ ଦ୍ୱାରା ପ୍ରଚାର କରାଯାଇଅଛି ।

ତିନି ପଞ୍ଚାୟତବାସୀଙ୍କୁ ରୋଜଗାରକ୍ଷମ କରିଛି କାଶଭି ଖଣି

ଯୋଡା, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳରେ ଅନେକ ଗୁଡିଏ ଖଣି କାର୍ଯ୍ୟକ୍ଷମ ଥିବାବେଳେ ଲୋକେ କାମଧନ୍ଦା ନପାଇ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଆସୁଛନ୍ତି । ଖଣି କମ୍ପାନୀ ଅଧିକ ଲାଭଖୋର ମନବୃତି ରଖି ଖଣି ଗୁଡିରେ ମେସିନ ସାହାଯ୍ୟରେ ଖଣି ଖନନ ଓ ଲୋଡିଙ୍ଗ ଇତ୍ୟାଦି କରିଆସୁଛନ୍ତି । ଯାହାଫଳରେ ଶ୍ରମିକ ଶ୍ରେଣୀୟ ଲୋକେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି । କିନ୍ତୁ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜରିବାହାଲ୍ ଲୁହା ପଥର ଖଣିଟିକୁ କାଶଭି ଇଣ୍ଟରନେସ୍‌ନାଲ କମ୍ପାନୀ ପରିଚାଳନା କରିବା ଦିନଠାରୁ ଉକ୍ତ ଖଣିକୁ ସଂଲଗ୍ନ କରୁଥିବା ତିନୋଟି ପଞ୍ଚାୟତବାସୀ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ରୋଜଗାରକ୍ଷମ ହୋଇପାରିଛନ୍ତି । ଜରିବାହାଲ୍ ଲୁହା ପଥର ଖଣିଟିକୁ ୨୦୨୦ ମସିହାରେ କାଶଭି କମ୍ପାନୀ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଉଚ୍ଚ ପ୍ରିମିୟମ ଦେଇ ଖଣିଟିକୁ ହାତେଇବାରେ ସକ୍ଷମ ହୋଇଥିଲା । ଉକ୍ତ ଖଣିଟି କାର୍ଯ୍ୟକ୍ଷମ ହେବା ପରଠାରୁ ପଳସା, ଜଳହରୀ ଓ ଜୁରୁଡି ପଞ୍ଚାୟତର ପାଖାପାଖି ପାଞ୍ଚ ହଜାର ଲୋକ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇଆସୁଛନ୍ତି । ଏହି ଖଣିରେ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କୁ ନିଯୁକ୍ତିକୁ ପ୍ରାଥମିକତା ଦିଆଯାଇଥାଏ । ସେଥିମଧ୍ୟରେ ନିକଟସ୍ଥ ଗ୍ରାମର ବାସିନ୍ଦାମାନେ ପ୍ରଥମେ ସୁଯୋଗ ପାଇଥାଆନ୍ତି । ଉକ୍ତ ଖଣିରେ ୯୦ପ୍ରତିଶତ ଲୋକ ନିକଟସ୍ଥ ଗ୍ରାମବାସୀ ଓ ଜିଲ୍ଲାବାସୀ ଅଟନ୍ତି । ଏହି ଖଣିରେ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ବିଭିନ୍ନ ଖଣି ନିୟମକୁ ସଠିକ ଭାବରେ ପାଳନ କରି ଲୁହା ପଥର ଉତ୍ତୋଳନ କରାଯାଇଥାଏ । ବିଭିନ୍ନ ସୁରକ୍ଷା ଉପକରଣ ପ୍ରଦାନ କରି ସୁରକ୍ଷିତ ଭାବରେ କାର୍ଯ୍ୟ କରାଯାଉଥିବା ମଧ୍ୟ ଏଠାରେ ଦେଖିବାକୁ ମିଳେ । କାଶଭି ଖଣିରେ ୨ଟି ସିଫ୍‌ଟ୍‌ରେ କାମ କରାଯାଇଥାଏ ଏବଂ ପ୍ରତିଟି ସିଫ୍‌ଟ ୮ ଘଣ୍ଟା ଲେଖାଏଁ । ପ୍ରଥମ ସିଫ୍‌ଟ୍ ସକାଳ ୬ ଟାରୁ ଦିନ ୨ଟା ଏ

ପୁରୀ (ଭାସ୍କର ନ୍ୟୁଜ) : ନବକଳେବର ରୋଡ ନନ୍ଦିଘୋଷ ଲେନ୍ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ନିକେତନ ପରିସରରେ ପଞ୍ଚମ ବାର୍ଷିକ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅଶୋକ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ଚାରୁଲତା ମିଶ୍ର ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ନିମନ୍ତେ ସମସ୍ତ ଉତ୍ତମ ଶିକ୍ଷା ପ୍ରଦାନ କରିଥିଲେ । ଏହା ପରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଚାରପତି ଭାବେ ପୂର୍ବତନ ବିଜ୍ଞାନ ଶିକ୍ଷକ ବ୍ରହ୍ମାନନ୍ଦ ଦାସ, ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସାହୁ ଯୋଗଦାନ କରିଥିଲେ । ସନ୍ଧ୍ୟାରେ ପ୍ରତିଯୋଗିତାରେ ଉତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ଅନୁଷ୍ଠାନର ସଭାପତି କମଳେଶ କୁମାର ନରେନ୍ଦ୍ର, ସମ୍ପାଦକ କବିରାଜ ପ୍ରଧାନ, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଯୋଗଦାନ କରି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟତ୍ରୀ ରଶ୍ମିତା ସମର୍ଥା, ସୁଜାତା ଲେଙ୍କା, ସଙ୍ଗୀତା ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶୋଇ, ଚନ୍ଦ୍ରଶେଖର ପାଢ଼ୀ, ବାଗଦେବି ମିଶ୍ର ଏବଂ ଜ୍ୟୋତିର୍ମୟୀ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ ଘୋଷଣା କରିଥିଲେ ।

ଓଡ଼ିଆ ବୈଜ୍ଞାନିକ ଡ଼ଃ ପ୍ରଦ୍ୟୁମ୍ନ କୁମାର ସାହୁ ବିଶ୍ୱର ଶ୍ରେଷ୍ଠ ୨% ଶୀର୍ଷ ବୈଜ୍ଞାନିକ ତାଲିକାରେ ସ୍ଥାନୀତ

ବୋଲଗଡ଼ (ଭାସ୍କର) ମାଣିକାଗୋଡ଼ା ଗଦାଧର ବାଞ୍ଚାନିଧି ସରକାରୀ ହାଇସ୍କୁଲ ଛାତ୍ର ଡ଼ଃ ପ୍ରଦ୍ୟୁମ୍ନ କୁମାର ସାହୁ ବିର୍ଲା ଇନସ୍ତିଚୁଟ ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି, ପିଲାନି, ହାଇଦ୍ରାବାଦର ଏଚୋଡ଼ି ରୂପେ କାର୍ଯ୍ୟରତ । ଆମେରିକା ଗବେଷଣା ସଂସ୍ଥା ଦ୍ୱାରା ସର୍ଭେକ୍ଷଣ କରାଯାଇ ତାଙ୍କୁ ବିଶ୍ୱ ଶ୍ରେଷ୍ଠ ୨%ବୈଜ୍ଞାନିକ ତାଲିକାରେ ସ୍ଥାନିତ କରିଛନ୍ତି । ଏହି ଖବର ବୋଲଗଡ ତଥା ତାଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ା ବ୍ଲକ , ଜଗନ୍ନାଥ ପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁହାରା ଗ୍ରାମରେ ଖୁସିର ଲହରୀ ଖେଳାଇ ଦେଇଛି । ଏହି ସଫଳତା ପାଇଁ ମାଣିକାଗୋଡ଼ା ଗ୍ରାମର ସମାଜସେବୀ ମହମ୍ମଦ ନୁରୁଦ୍ଦିନ ଅମିନ, ସମାଜସେବୀ ମହମ୍ମଦ ଅକ୍ଷରିଫ ଖାଁ, ସମାଜସେବୀ ଗାଲିବ ଅଖତାର ଖାଁ, ବୁଦ୍ଧିଜୀବୀ ଇଂ. କର୍ପୁର ସାହୁ, ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ଆଇନଜୀବୀ ଅମୀୟ ପଟନାୟକ, ଶିକ୍ଷାବିତ ତଥା ଡିଇଓ ନିବେଦିତା ପାଣି, ପୂର୍ବତନ ଡିଇଓ ପୂରେନ୍ଦ୍ର ବେହେରା, ପୂର୍ବତନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିମୟୀ ସାହୁ, ଆଦର୍ଶ ଶିକ୍ଷକ ସାମନ୍ତ କୁମାର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ଲେଙ୍କା,ସ୍କୁଲ କମିଟି ସଭ୍ୟ ଗୁଲଜଷ୍ଟର ଖାଁ, କବି ଜହିରୁଦ୍ଦିନ ଖାଁ, ସାହିତ୍ୟିକ ମହମ୍ମଦ ଆଜାଦ, ମିନିବ୍ୟାଙ୍କ ସମ୍ପାଦକ ବିରଞ୍ଚି ପ୍ରଧାନ, ନାଟ୍ୟକାର ସୋମ୍ୟରଞ୍ଜନ ସୁବୁଦ୍ଧି, ପୁରାତନ ଛାତ୍ର ସଂଘ ସଭାପତି ଫିରୋଜ ଖାଁ,ଓ ଦଳାଇସାହି ସରପଞ୍ଚ ସତ୍ୟଭାମା ଦେଇ ,ଓ ସମିତିସଭ୍ୟା ମନସ୍ୱିତା ଦଳାଇ ଇତ୍ୟାଦି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି ବୈଠକ

ଭଞ୍ଜନଗର(ଭାସ୍କର ନ୍ୟୁଜ): ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲାର ଅନ୍ୟତମ ଟାଣୁଆ ରାଜନେତା ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକ ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଭଞ୍ଜନଗର ରାଜ୍ ପେଲେସ୍ ଠାରେ ଆୟୋଜିତ ହୋଇଯାଇଛି । ଆବାହକ ରମେଶ ବେହେରା ଙ୍କ ଦ୍ୱାରା ଆହୂତ ଉକ୍ତ ବୈଠକରେ ଅଳି କିଶୋର ପଟ୍ଟନାୟକ, ପୋଲସରା ବ୍ଲକ ରମେଶ ଚନ୍ଦ୍ର ମିଶ୍ର, ଆଡଭୋକେଟ୍ ରବି ଦାସ, କବି ପ୍ରଶାନ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକ ଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଭଞ୍ଜନଗର ଠାରେ ଧୁମଧାମରେ ପାଳନ କରିବାକୁ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ୍ ଗୋପାଳ କୃଷ୍ଣ ପାଣିଗ୍ରାହୀ, ଦଣ୍ଡପାଣି ସ୍ୱାଇଁ, ସତ୍ୟଜିତ ସାହୁ, ସୂର୍ଯ୍ୟ ନାରାୟଣ ପାତ୍ର, ପ୍ରମୋଦ ପ୍ରଧାନ, ମନୋଜ ପଟ୍ଟନାୟକ, ପୂର୍ବତନ କାଉନସିଲର ଡି ଚେଲପତି ରାଓ, ନୌସାଦ୍ ମହମ୍ମଦ ଓ ବାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଦମ୍ ଦେଖାଇଲା...

ଭାବେ ବିବେଚନା କରାଯାଇଛି । ଏହିଦିନ ବାୟୁସେନା ଏହାର ନୂଆ ପତାକା ମଧ୍ୟ ହାସଲ କରିଛି । ନୌସେନା ଏହାର ଔପନିବେଶିକ ଅତୀତକୁ ଛାଡ଼ି ପତାକା ବଦଳାଇବାର ଏକବର୍ଷ ପରେ ବାୟୁସେନା ଅନୁରୂପ ପଦକ୍ଷେପ ଗ୍ରହଣ କରିଛି । ଏହି ନୂତନ ପତାକାର ଉପର ଡାହାଣ କୋଣରେ ଭାରତୀୟ ବାୟୁସେନାର ପ୍ରତୀକ ରହିଛି । ରବିବାର ପ୍ରୟାଗରାଜର ତ୍ରିବେଣୀ ସଂଗମ ଅଞ୍ଚଳରେ ଏକ ଗ୍ରାଣ୍ଡ ଏୟାର ଶୋର ଆୟୋଜନ କରାଯାଇଥିଲା । ଏଥରେ ଚିନୁକ, ଚେତକ, ଜାଗୁଆର, ଆପାଚେ, ରାଫେଲ ସମେତ ବହୁ ଅତ୍ୟାଧୁନିକ ବିମାନ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ । ବାୟୁସେନା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ବାୟୁସେନା ଯବାନଙ୍କ ମହାନ ସେବା ଓ ବଳିଦାନ ଆମ ଆକାଶର ସୁରକ୍ଷାକୁ ସୁନିଶ୍ଚିତ କରେ । ଭାରତୀୟ ବାୟୁସେନାର ସାହସିକତା, ପ୍ରତିବଦ୍ଧତା ଓ ନିଷ୍ଠା ପାଇଁ ଭାରତ ଗର୍ବିତ । ସେ ଏହି ଅବସରରେ ବାୟୁସେନାର ସାହସକୁ ଅଭିବାଦନ ଜଣାଇବା ସହ କହିଛନ୍ତି ଯେ ବାୟୁସେନାର ଏହି ଉତ୍ସର୍ଗ ପାଇଁ ଆମେ ବହୁତ ଗର୍ବିତ । ସୂଚନାଯୋଗ୍ୟ ଯେ ୧୯୩୨ ମସିହା ଆଜିର ଦିନରେ ବାୟୁସେନା ପ୍ରତିଷ୍ଠା କରାଯାଇଥିଲା । ସେତେବେଳେ ଏହାର ନାମ ଥିଲା ରୟାଲ ଇଣ୍ଡିଆନ ଏୟାରଫୋର୍ସ । ତେବେ ୧୯୫୦ ମସିହାରେ ଏହି ନାମ ବଦଳାଯାଇ ଇଣ୍ଡିଆନ ଏୟାରଫୋର୍ସ ନାମରେ ନାମିତ କରାଯାଇଥିଲା ।

ଯୁଦ୍ଧଭୂମିରେ...

ଏଥିସହ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ସହରଗୁଡ଼ିକ ମଧ୍ୟରେ ପ୍ରବେଶ କରି ସାଧାରଣ ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ । ଇସ୍ରାଏଲ ସେନାର କ୍ୟାମ୍ପଗୁଡ଼ିକୁ ମଧ୍ୟ ସେମାନେ ଟାର୍ଗେଟ କରିଥିଲେ । ତେବେ ଇସ୍ରାଏଲକୁ ବିଶ୍ୱର ବହୁ ରାଷ୍ଟ୍ରଙ୍କ ସମର୍ଥନ ମିଳିଛି । ଭାରତ ସମେତ ଆମେରିକା, ଜାପାନ, ଫ୍ରାନ୍ସ, ଇଂଲଣ୍ଡ, କାନାଡ଼ା ପ୍ରଭୃତି ରାଷ୍ଟ୍ରମାନେ ସମର୍ଥନ କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଗାଜାଷ୍ଟ୍ରିପ୍‌ରେ ହମାସ ଆତଙ୍କବାଦୀଙ୍କୁ ନିପାତ କରିବା ଲାଗି ଇସ୍ରାଏଲର ୫ ହଜାରରୁ ଅଧିକ ଯବାନ ନିୟୋଜିତ ହୋଇଛନ୍ତି । ବିଶେଷକରି ସେମାନେ ଆତଙ୍କବାଦୀଙ୍କ କ୍ୟାମ୍ପଗୁଡ଼ିକୁ ଟାର୍ଗେଟ କରୁଛନ୍ତି ।

ବର୍ଷବର୍ଷ ଧରି...

ବର୍ଷୀୟ ସାନ ଝିଅକୁ ଦାଦନ ଖଟିବା ପାଇଁ ମୁମ୍ବାଇ ପଠାଇ ଦେଇଥିଲେ । ହେଲେ ସେଠାରୁ ଝିଅ ଫେରିବା ବେଳକୁ ମୂକ ପାଲଟି ଯାଇଥିଲେ । ସାନ ଝିଅର ଏପରି ଅବସ୍ଥା ଦେଖି ବିଚଳିତ ହୋଇ ପଡ଼ିଥିଲେ ରିମା । କିପରି ସାନ ଝିଅକୁ ଦିଅର କବଳରୁ ବଞ୍ଚାଇବେ, ସେ ନେଇ ଚିନ୍ତାରେ ଥିଲେ । ଶେଷରେ ଚରମ ନିଷ୍ପତ୍ତି ନେଇ ରିମା ସାନ ଝିଅକୁ ଧରି ଘରୁ ବାହାରି ଆସିଥିଲେ । ହେଲେ ରାସ୍ତାରେ ବି ମାଂସଲୋଭୀ ରାକ୍ଷସମାନେ ସେମାନଙ୍କୁ ଛାଡ଼ି ନଥିଲେ । ଗତ ଶୁକ୍ରବାର ରିମା ଓ ତାଙ୍କ ଝିଅ ସଂପୂର୍ଣ୍ଣ ବିବସ୍ତ୍ର ହୋଇ ଓଡ଼ିଶାରେ ପ୍ରବେଶ କରିଥିଲେ । ଲଙ୍ଗଳ ଦେହକୁ ରକ୍ତାକ୍ତ ଶରୀର କେହି ବି ଦେଖି ନ ଦେଖିଲା ପରି ଚାଲି ଯାଉଥିଲେ । ତେବେ ମଧ୍ୟାହ୍ନରେ ମା'ଓ ଝିଅକୁ ଉଦ୍ଧାର କରିଥିଲେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ । ଉଭୟଙ୍କ ଆସ୍ଥା ଗୃହକୁ ନେଇ ରଖିଥିଲେ । ସେଠାରେ ସେମାନଙ୍କ ଚିକିତ୍ସା କରାଯାଇଥିଲା । ରବିବାର ପଚରାଉଚୁରା ପରେ ସବୁ ସତ ପଦାକୁ ଆସିଛି ଏବଂ ମାମଲାର ତଦନ୍ତ ପାଇଁ ପୋଲିସ ଏକ ଟିମ୍ ଗଠନ କରିଛି । ଏପରିକି ମା'-ଝିଅଙ୍କ ପରିଚୟ ପାଇବା ପାଇଁ ଝାଡ଼ଖଣ୍ଡ ସୀମାନ୍ତ ସମସ୍ତ ଥାନାକୁ ଉଭୟଙ୍କ ଫଟୋ ପଠାଇଛି । ଏ ନେଇ ସୂଚନା ଦେଇଛନ୍ତି ରାଉରକେଲା ଏସ୍‌ପି ପ୍ରତ୍ୟୁଷ ଦିବାକର ।

ଜିଲ୍ଲାସ୍ତରୀୟ ଅମଲା ମଞ୍ଚ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ଜିଲ୍ଲାସ୍ତରୀୟ ଅମଲା ମଞ୍ଚ, ପୁରୀ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଅମଲା କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପୁରୀ ଜିଲ୍ଲାର ବିଭିନ୍ନ ବିଭାଗରୁ ୫୦୦ ରୁ ଉର୍ଦ୍ଧ୍ୱ ଅମଲା ଯୋଗଦାନ କରି ନିଜ ନିଜର ମତ ପୋଷଣ କରିଥିଲେ । ଜିଲ୍ଲା ଅଧକ୍ଷ ମହେନ୍ଦ୍ର କୁମାର ମହାପାତ୍ର ଓ ଆବାହକ ପ୍ରଣବ କୁମାର ଚିନରାଙ୍କ ସୂଚନା ଅନୁଯାୟୀ, ମୂଳ ଦରମା ଲେବୁଲ ୯ (ଗ୍ରେଡ ପେ-୪୨୦୦) ଦାବିକରି ଜିଲ୍ଲା ସ୍ତରର ସମସ୍ତ ବିଭାଗର ଅମଲା ମାନେ ଗତ ଜୁନ ୧ ତାରିଖରୁ ଜୁନ ୧୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୭ ଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ । ଉକ୍ତ ଆନ୍ଦୋଳନକୁ ବିଭିନ୍ନ ଅଧିକାରୀ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କର ସମର୍ଥନ ଓ ସହଯୋଗ ମିଳିଥିଲା, ଅମଲାଙ୍କ ଯୋରଦାର ଆନ୍ଦୋଳନ ଫଳରେ ଜୁନ ୧୭ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଦାବି ପୂରଣ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ, ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା । ବିଭିନ୍ନ ସମୟରେ ମଞ୍ଚର ରାଜ୍ୟ ନେତୃବୃନ୍ଦ ମାନେ ରାଜ୍ୟ ସରକାରଙ୍କ ସହ ଯୋଗା ଯୋଗ କରୁଥିଲେ ମଧ୍ୟ ସରକାର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ଦାବିର ସମାଧାନ ନକରି କେବଳ ସମୟ ଗଡାଇ ଚାଲିଛନ୍ତି । ଦାବି ପୂରଣ ଦିଗରେ ସରକାରଙ୍କର ଅହେତୁକ ବିଳମ୍ବ ଯୋଗୁ ଅସନ୍ତୋଷ ହୋଇ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଆଜି ରାଜ୍ୟର ତିରିଶି ଗୋଟି ଜିଲାରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି । ତଥା ସ୍ଥଗିତ ଥିବା ଆନ୍ଦୋଳନକୁ ପୁନର୍ବାର ଆରମ୍ଭ କରିବା ପାଇଁ ସର୍ବ ସମ୍ମତିରେ ପ୍ରକାଶ ପାଇଥିଲା । ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନାକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରୁଥିବା ଜିଲ୍ଲା ସ୍ତରୀୟ ଅମଲା ବହୁତ ଦିନରୁ ନିର୍ଯାତୀତ ଓ ନିଷ୍ପେସିତ ବୋଲି ରାଜ୍ୟ ସଂଘର ସଭାପତି ଜ୍ଞାନ ରଞ୍ଜନ ଦାସ ମତବ୍ୟକ୍ତ କରିଥିଲେ ଏବଂ ଗୋଟିଏ ଦାବି କନିଷ୍ଠ ସହାୟକଙ୍କ ଦରମା ପେ-୯୩୦୦, ଗ୍ରେଡ ପେ-୪୨୦୦ ୨୦୧୭ ମସିହାରୁ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରିଥିଲେ । ଉକ୍ତ ସଭାରେ ବରିଷ୍ଠ ପରମର୍ଶଦାତା ପ୍ରଭାକର ପ୍ରଧାନ, ଦୂର୍ଗା ଚରଣ ମହାନ୍ତି, ଲଲାଟେନ୍ଦୁ ହୋତା, ବନମାଳୀ ଗିରି, ଓଡିଶା ଅମଲା ସଂଘର ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଟ୍ରେଜରି ସଭାପତି ଦେବାଶିଷ ଦାଶ ଜିଲ୍ଲା ନିବନ୍ଧନ ନେତୃବୃନ୍ଦ, ଯୁବନେତା ପ୍ରତାପ ମଲ୍ଲିକ, ବିଭୂଦତ୍ତ ନାୟକ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଲଭଲୀରାଣୀ ପରିଡା ପ୍ରମୁଖ ସଭାରେ ଉଦବୋଧନ ପ୍ରଦାନ କରିଥିଲେ । ରାଜ୍ୟ ସରକାର ନିଜ ପ୍ରତିଶ୍ରୁତି ପାଳନରେ ଅହେତୁକ ବିଳମ୍ବ କରି ପରୋକ୍ଷରେ ଜନସାଧାରଣଙ୍କୁ ଅସୁବିଧାରେ ପକାଇବା ପାଇଁ ଅମଲା ଆନ୍ଦୋଳନକୁ ପୁନର୍ବାର ଆମନ୍ତ୍ରଣ କରୁଛନ୍ତି । ସରକାର ଅମଲା ମାନଙ୍କର ନ୍ୟାର୍ଯ୍ୟ ଦାବି ମୂଳ ଦରମା ଲେବୁଲ-୯ ଯଥା ଶୀଘ୍ର ପୂରଣ କରିବା ପାଇଁ ପୁରୀ ଜିଲ୍ଲା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିଲା । ଶେଷରେ ସରକାର ଅମଲା ମାନଙ୍କର ଦାବି ଯଥାଶୀଘ୍ର ପୂରଣ ନ କଲେ, ଜିଲା ସ୍ତରୀୟ ଶୃଙ୍ଖଳିତ ଅମଲା ନିକଟ ଭବିଷ୍ୟତରେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରି ରାଜ ରାସ୍ତାରେ ପୁନର୍ବାର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ଉକ୍ତ ସଭାରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ ମାନେ ଯୋଗଦାନ କରି ନିଜ ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ ।

ଟାଙ୍ଗୀରେ ଠିକାଦାର ସଂଘର ବୈଠକ

ଟାଙ୍ଗି (ଖୋର୍ଦ୍ଧା)(ଭାସ୍କର ନ୍ୟୁଜ) : ଠିକାଦାର ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଆଜି ଟାଙ୍ଗି ଠିକାଦାର ସଂଘର ଆବାହକ ଶ୍ରୀ ପ୍ରଣୟ ପ୍ରତୀକ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଠିକାଦାର ଭାଇମାନଙ୍କୁ ନେଇ ଏକ ବୈଠକ ଟାଙ୍ଗି ବଳରାମଦେବ ମନ୍ଦିର ରେ ହୋଇଥିଲା । ଏଥିରେ ନିଷ୍ପତ୍ତି ହେଲା ଯେ,ଆଗକୁ ଟାଙ୍ଗି,ସବ ଡିଭିଜନ ଅଧିନରେ ଯାଉଥିବା ସରକାରଙ୍କର ସମସ୍ତ ଟେଣ୍ଡର ଗୁଡ଼ିକ ସିଡୁଲ୍ ?ରେଟ୍ ରେ ପଡ଼ିବ । ଲେସ୍‌ରେ ଟେଣ୍ଡର ପକାଇବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି । ଅନୀଲ୍ କୁମାର ପୃଷ୍ଟି ଓ ଆଲୋକ କୁମାର ମହାପାତ୍ର ପୂର୍ବରୁ ପାଇଥିବା ଟେଣ୍ଡର ବିଷୟରେ ଆଲୋଚନା କରିଥିଲେ । ଶ୍ରୀଗୁନଚନ୍ଦ୍ର ବେହେରା, ରାମଚନ୍ଦ୍ର ବେହେରା ,କମଲଜିତ ପ୍ରଧାନ, ସେକ୍ ଓ୍ୱହିଦ୍, ସୁଦର୍ଶନ ରାଉତରା, ସୁମନ୍ତ ରଣସିଂହ ନିଜ ନିଜର ବକ୍ତବ୍ୟ ରଖିଥିଲେଏବଂ ସଂଘକୁ ଆହୁରି ମଜବୁତ୍ କରିବାପାଇଁ ସଂକଳ୍ପ କରିଥିଲେ ।

ବିଷ ପାନକରି ନାବାଳିକା ମୃତ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : ବିଷପାନ କରି ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଗୌଡଗୁଡା ପଞ୍ଚାୟତ ଅନ୍ତର୍ଗତ ତଳମିଟିଙ୍ଗ ଗ୍ରାମରେ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଜଣା ପଡିଛି ।ଶନିବାର ସକାଳେ ନାବାଳିକାଙ୍କ ପରିବାରଙ୍କ ଅନୁପସ୍ଥିତିରେ ତାଙ୍କର କିଛି ସାଙ୍ଗ ମାନେ ଆସି ଘରର କବାଟ ବାଡେଇ ଥିଲେ । ବିଳମ୍ବରେ ସିଏ କବାଟ ଖୋଲିଥିଲା ।ତେବେ ସେଇ ସମୟରେ ନାବାଳିକା ଜଣକ ବାନ୍ତି କରିବାରୁ ସାଙ୍ଗ ମାନେ ବିଷ ପିଇ ଦେଇଥିବ ଭାବି ସନ୍ଦେହ କରିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ କାକିରିଗୁମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ନାବାଳିକା ଜଣକ ଗୁରୁତର ଥିବା କାରଣରୁ ଡାକ୍ତର ବିନା ପୋଲିସକୁ ଜଣାଇ କୋରାପୁଟ ଲକ୍ଷ୍ମଣ ନାୟଏକ ମେଡିକାଲ୍ କଲେଜ୍ କୁ ସ୍ଥାନାନ୍ତରିତ କରିଥିଲେ । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ସକାଳେ ନାବାଳିକା ମୃତ୍ୟୁ ହୋଇଥିବା ଜଣା ପଡ଼ିଥିଲା । ଏନେଇ ପରିବାର ଲୋକେ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିବା ପରେ ଘଟଣା ସ୍ଥଳକୁ ପୋଲିସ ଜାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ କାରୀ ଅଧିକାରୀ ଏସଆଇ ପଞ୍ଚାନନ ଶତପଥୀ କହିଛନ୍ତି । ଜଣେ ନାବାଳିକା ବିଷ ପାନ କରି କାକିରୀଗୁମା ଡାକ୍ତଖାନା ରେ ଭର୍ତି ହୋଇଥିଲେ ମଧ୍ୟ ଏତେବଡ଼ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଡାକ୍ତରଖାନା କର୍ତ୍ତୃପକ୍ଷ ହାଲୁକା ଭାବେ ଗ୍ରହଣ କରିବା ସହ କଣ ପାଇଁ ଲୁଚାଇଲେ,ସେମାନଙ୍କର କଣ ସ୍ୱାର୍ଥ ରହିଲା,ଡାକ୍ତରଖାନା କର୍ତ୍ତୃପକ୍ଷ କଣ ପାଇଁ ପୋଲିସକୁ ଜଣାଇଲେ ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ବେଳେ ପୋଲିସ ଏହାର ତଦନ୍ତ କରିବାକୁ ସାଧା

କଣିହାଁ, (ଭାସ୍କର ନ୍ୟୁଜ୍): ଅନଗୁଳ ଜିଲ୍ଲା ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ କଣିହାଁ ବ୍ଲକ କମିଟି ପକ୍ଷରୁ ବିଭିନ୍ନ ଦାବିରେ ଏକ ମହିଳା ସମ୍ମିଳନୀ ଗଦାଶିଳା ଗୋଷ୍ଠୀ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ରମ ବର୍ଦ୍ଧମାନ ନାରୀ ଓ ଶିଶୁ ନିର୍ଯାତନା ବନ୍ଦ, ମଦ ମାଦକ ଦ୍ରବ୍ୟକୁ ସଂପୂର୍ଣ୍ଣ ନିଷିଦ୍ଧ କରିବା, ଅଶ୍ଳୀଳତା-ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ କରିବା, ଗଣଦୁଷ୍କର୍ମ ଓ ନାରୀ ଚାଲାଣ ରୋକିବା, ନାରୀଙ୍କୁ ସାମାଜିକ ସୁରକ୍ଷା ଓ ନିରାପତ୍ତା ଯୋଗାଇ ଦେବା ଆଦି ଦାବି ନେଇ ସଂଗଠନର ବ୍ଲକ ଉପ ସଭାନେତ୍ରୀ ନିର୍ମଳା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ସଂଗଠନର ସଂପାଦିକା ମାନସୀ ସ୍ୱାଇଁ ଯୋଗଦେଇ ଆଜି ନାରୀ ନିର୍ଯାତନା, ଯୌତୁକ ଜନିତ ବଧୂହତ୍ୟା, ଗଣ ଦୁଷ୍କର୍ମ, ହତ୍ୟା, ନାରୀ ଚାଲାଣ ବଢିବଢି ଚାଲିଛି ବୋଲି ମତବ୍ୟକ୍ତ କରିବା ସହିତ ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏସ୍. ୟୁ. ସି. ଆଇ (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସଭ୍ୟ ତଥା ଅନୁଗୋଳ ଜିଲ୍ଲା ସଂପାଦକ ଭିକାରୀ ପ୍ରଧାନ ଯୋଗଦେଇ ନାରୀଙ୍କ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ସଙ୍ଗଠିକା ଜେମାମଣି ନାଏକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ବ୍ଲକରେ ଏଆଇଏମ୍‌ଏସ୍‌ଏସ୍‌କୁ ମଜବୁତ କରି ମହିଳା ଆନ୍ଦୋଳନ ଗଢି ତୋଳିବା ପାଇଁ ବୈଦେହି ପ୍ରଧାନ ଉପଦେଷ୍ଟା, ପ୍ରଗତିବାଳା ନାୟକ ସଭାପତି, ଗୌରୀ ନାଏକ ଓ ଲିଲି ସାହୁ ଉପସଭାପତି, ମିନତୀ ସାମଲ ସଂପାଦିକା, ଜେମାମଣି ନାଏକ ସହ ସଂପାଦିକା, ସଙ୍ଗିତା ସିଂ କୋଷାଧ୍ୟକ୍ଷ ଏବଂ କାବେରୀ ଜେନା, ସୁଷମା ନାଏକ, ମୀନା ନାଏକ, ସୁନିତି ସାହୁ, ଦୃତି ନାଏକ, ପ୍ରମିଳା ନାଏକ, ତହଟ ସାହୁ, ଉଷା ନାଏକ ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଭ୍ୟଭାବେ ମନୋନୀତ କରାଯାଇ ଏକ ୨୪ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା।

କଟକ ଦକ୍ଷିଣ ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଆଜି କଟକ ଦକ୍ଷିଣ ଡାକମଣ୍ଡଳର ୪୩ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଜଗତସିଂହପୁର ଆଦିକବି ଶାରଳା ଦାସ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ୨୫-୦୯-୧୯୮୦ ମସିହାରେ କଟକ ଦକ୍ଷିଣ ଡାକମଣ୍ଡଳର ପ୍ରତିଷ୍ଠା ହୋଇଥିଲା । ସଭାରେ କଟକ ଦକ୍ଷିଣ ଡାକମଣ୍ଡଳର ଡାକ ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଓଡିଶା ପରିମଣ୍ଡଳର ନିର୍ଦ୍ଦେଶକ ମାଡାମ ଶୁଚିସ୍ମିତା ସ୍ୱାଇଁ(ଆଇପିଓଏସ୍) ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଭାରତର ସବୁଠାରୁ ଭରସା ଯୋଗ୍ୟ ଏବଂ ପୁରୁଣା ସଂସ୍ଥା ପୋଷ୍ଟାଲର ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ କବି ଓ ଲେଖକ ଡ଼କ୍ଟର ଶୁଭ କୁମାର ଦାସ ଯୋଗଦେଇ ପୋଷ୍ଟାଲ ଡିଭିଜନର ଭିତ୍ତିଭୂମି ସବୁବେଳେ ସୁଦୃଢ ରହିଛି ଏବଂ ଏହା ଉପରେ ସବୁବେଳେ ଲୋକଙ୍କ ଆସ୍ଥା ରହିଛି ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ କଟକ ସିଟି ପୋଷ୍ଟାଲ ଡିଭିଜନର ବରିଷ୍ଠ ଡାକ ଅଧିକ୍ଷକ ସର୍ବେଶ୍ୱର ମିଶ୍ର, ବ୍ୟଙ୍ଗ କବି ଜ୍ଞାନ ହୋତା, ପ୍ରସିଦ୍ଧ ଲେଖକ ଓ ଶିକ୍ଷାବିତ ତୃପ୍ତି ରଞ୍ଜନ ଦାସ ଯୋଗଦେଇ ନିଜର କବିତା ମାଧ୍ୟମରେ ଚିଠିର ଚାହିଦା କିପରି ରହିଥିଲା ଓ ତା ସହିତ ଭାରତର ସର୍ବପୁରାତନ ସଂସ୍ଥା ପୋଷ୍ଟ ଅଫିସ ଲୋକଙ୍କ ସହ ସବୁବେଳେ ରହି ଆସିଚି ଏବଂ ଆଧୁନିକ ଟେକନୋଲୋଜି ସହ ତାଳ ଦେଇ ପୋଷ୍ଟ ଅଫିସ କାମ କରୁଛି ବୋଲି କହିଥିଲେ । ପରେ ପରେ କଟକ ଦକ୍ଷିଣ ଡାକ ମଣ୍ଡଳର ୨୦୨୨-୨୦୨୩ ବିତ୍ତୀୟ ବର୍ଷରେ ଉତ୍ତମ ପଦର୍ଶନ କରିଥିବା ଡାକ କର୍ମଚାରୀଙ୍କୁ ମଞ୍ଚାସିନ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହୃଷିକେଶ ବେହେରା ଓ ଇସ୍ପା ପ୍ରଜ୍ଞା ପରିଡା ସଞ୍ଚାଳନା କରିଥିବା ବେଳେ ମଣ୍ଡଳର ସହକାରୀ ଡାକ ଅଧିକ୍ଷକ ବିଭୂଦତ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଚାରୀଙ୍କ ଦ୍ୱାରା ସଂସ୍କୃତି ଭବନ ପରିସରରେ ଏକ ବୃକ୍ଷ ଡୋନେସନ କ୍ୟାମ୍ପ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଡାକ କର୍ମଚାରୀମାନଙ୍କ ଦ୍ୱାରା ଡ୍ରାମା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ମଣ୍ଡଳର ସହକାରୀ ଡାକ ଅଧିକ୍ଷକ ବ୍ରଜେନ୍ଦ୍ର ହେମ୍ବ୍ରମ, ଡାକ ନିରୀକ୍ଷକ ରଜନୀକାନ୍ତ ବାରିକ, ବିକାଶ ପରିଡା ସହିତ ସମସ୍ତ ଡାକ କର୍ମଚାରୀ, ପୋଷ୍ଟାଲ ଏଜେଣ୍ଟ ଓ ବୁଦ୍ଧିଜିବୀ ମାନେ ଯୋଗ ଦେଇଥିଲେ ।

ସାଇବର ସଚେତନତା ରାଲି

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ସାଇବର ସଚେତନତା ନେଇ କରଞ୍ଜିଆ ଥାନା ପକ୍ଷରୁ ଏକ ସଚେତନତା ରାଲିର ଆୟୋଜିତ ହୋଇଥିଲା । ରବିବାର ସକାଳ ୯ ଘଟିକା ସମୟରେ କରଞ୍ଜିଆ ଥାନା ପୋଲିସ ପକ୍ଷରୁ ଆୟୋଜିତ ସାଇବର ସଚେତନତା ରାଲିକୁ କରଞ୍ଜିଆ ଉପଜିଲ୍ଲାପାଳ ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ସବୁଜ ପତାକା ଦେଖାଇ ସାଇକେଲ ରାଲି ଆରମ୍ଭ କରିଥିବା ବେଳେ ଏଥିରେ କରଞ୍ଜିଆ ସହରର ଜନସାଧାରଣ, ସାମିଲ ହେବା ସହିତ ସାମ୍ବାଦିକ, ସ୍କୁଲ କଲେଜରେ ଛାତ୍ରଛାତ୍ରୀ, ଏନ୍‌ସିସି ପିଲା ସାମିଲ ହଇ କରଞ୍ଜିଆ ସହର ସାରା ସାଇକେଲ ରାଲି କରିଥିବା ଦେଖିବାକୁ ମିଳିଥିଲା । ଆସନ୍ତା ୧୦ ତାରିଖରେ କରଞ୍ଜିଆ ଉପଖଣ୍ଡକୁ ଏହି ରଥ ପହଂଚିବ ବୋଲି ସୂଚନା ଦେଇଛନ୍ତି କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ।

ସାଇବର ସୁରକ୍ଷା ଅଭିଯାନ ସଚେତନତା ଓ ସାଇକ୍ଲୋଥନ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଆଜି ଜଗତସିଂହପୁର ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଅଭିଯାନ ପରିପେକ୍ଷିରେ ଏକ ସଚେତନତା ଶୋଭାଯାତ୍ରା, ସାଇକେଲ ରାଲି ଓ ପଥପ୍ରାନ୍ତ ସଚେତନତା ନାଟକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରୁ ଜିଲ୍ଲା ପାଳଙ୍କ କାର୍ଯ୍ୟଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ଓ ଆଶ୍ରମ ପାଟଣା ମହା ବିଦ୍ୟାଳୟର ୨୩୦ ଜଣ ଛାତ୍ରଛାତ୍ରୀ ଓ ୨୦ ଜଣ ଜନସାଧାରଣ ଯୋଗଦେଇଥିବା ବେଳେ ୮୦ ଜଣ ପୋଲିସ କର୍ମଚାରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କର ଶୃଙ୍ଖଳା, ପ୍ରତିଶ୍ରୁତିବଦ୍ଧତା ଓ ଅନ୍ତରିକତାର ଉଚ୍ଚ ପ୍ରଶଂସା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପଡିଆରେ ଏକ ସଚେତନତା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା ପରିଚାଳନା କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଚିନାରା ବାପୁଜି ସୁବୁଦ୍ଧି, ଆରକ୍ଷୀ ନିରୀକ୍ଷକ ଗୋକୁଳ ରଞ୍ଜନ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ରିଜର୍ଭ ଇନସପେକ୍ଟର ଉମାକାନ୍ତ ବେହେରା, କଲେଜ ଅଧ୍ୟାପକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଶେଷରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ବେଆଇନ ବାଣତିଆରି କାରଖାନା ଉପରେ ଚଢ଼ାଉ

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ବ୍ଲକ୍ ଜଗତପୁର ଥାନା ଅଧିନ ପଦ୍ମପୁର ଓଡ଼ିଶାର ଶିବକାଶି ଭାବେ ପରିଚିତ। ପଦ୍ମପୁର ଓ ଏହାର ଆଖପାଖ ଗ୍ରାମ ବାଣ ତିଆରି ପାଇଁ ପ୍ରସିଦ୍ଧ ଅର୍ଜନ କରିଛି । ମାତ୍ର ବିନା ଲାଇସେନ୍ସରେ ଏକାଧିକ ଲୋକ ବାଣ ତିଆରି କରି ବ୍ୟବସାୟ କରିଥାନ୍ତି । ଯାହା ଧନ ଜୀବନ ପାଇଁ ବିପଦ ସୃଷ୍ଟି କରିଥାଏ । ସରକାର ବେଆଇନ ବାଣ ତିଆରି ପାଇଁ ଲଗାମ ଲଗାଇ ଥିବାରୁ ବାଣ ତିଆରି କମିଛି । ଗତକାଲି ରାତିରେ ପଦ୍ମପୁର ସନ୍ନିକଟ ମହାଜନପୁରରେ ଚୋରାରେ ବାଣ ତିଆରି ହେଉଥିବା ଖବର ପାଇ ଜଗତପୁର ଥାନା ଅଧିକାରୀ ରବିନ୍ଦ୍ର କୁମାର ମେହେର ଓ ପାଗାଫାଣ୍ଡି ଅଧିକାରୀ କୁଞ୍ଜବିହାରୀ ଧିର ମହାଜନପୁର ଗ୍ରାମରେ ଚଢ଼ାଉକରି ଚୋରାରେ ତିଆରି ହୋଇଥିବା ବାଣକୁ ଜବତ କରିବା ସହ ବାଣ ତିଆରି ପାଇଁ ବ୍ୟବହୃତ ବାରୁଦ ଓ ଅନ୍ୟାନ୍ୟ ଜିନିଷକୁ ଜବତ କରିଛନ୍ତି । ବାଣ ତିଆରି କରୁଥିବା ବାଣ କାରିଗର କେଦାର ନାୟକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି। ଆଗକୁ ଦଶହରା ଓ ଦୀପାବଳୀ ଆସୁଥିବାରୁ ଚୋରାରେ ବାଣ ତିଆରି ସାଲେପୁର ଅ□ଳର ବିଭିନ୍ନ ସ୍ଥାନରେ ବାଣ ତିଆରି ଚାଲିଛି । ତେବେ ଆଗକୁ ଏହି ଚଢ଼ଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

କିର୍ମିରାରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ଝାରସୁଗୁଡା ବିଧୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ କିର୍ମିରା ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତାକୁ ଆଜି କିର୍ମିରା ବ୍ଲକରେ ଘରେ ଘରେ ପହଂଚାଇଛନ୍ତି ବିଧୟିକା ଦୀପାଳି ଦାସ ଏବଂ ବିଜୁ ଜନତା ଦଳର କର୍ମୀମାନେ । କିର୍ମିରାରେ ପଦଯାତ୍ରା ଏବଂ ସଭା କରି ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟ, ନାରୀ ସଶକ୍ତିକରଣ ବିଷୟରେ ଲୋକଙ୍କୁ ଅବଗତ କରାଇଛନ୍ତି ଦୀପାଳି ଦାସ । ଚାଷୀ, ମୂଳିଆ, ଗରିବଙ୍କ ଠୁ ନେଇ ପ୍ରତେକ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି । ରାଜ୍ୟର ବିକାଶ ଏବଂ ରାଜ୍ୟବାସୀଙ୍କ ଉନ୍ନତମାନର ଜୀବନ ଯାପନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜୁ ଜନତା ଦଳ କାର୍ଯ୍ୟ କରୁଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଓଡିଶା ବିକାଶର ଗୋଟିଏ ପରେ ଗୋଟିଏ ମାଇଲ ଖୁଣ୍ଟ ଅତିକ୍ରମ କରୁଛି । ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟ, ଜନ ସାଧାରଣଙ୍କ ପ୍ରତି ଭଲ ପାଇବା ଲୋକଙ୍କୁ ବିଜୁ ଜନତା ଦଳ ସହ ଯୋଡି ରଖିଛି । ତେଣୁ ରାଜ୍ୟବାସୀଙ୍କ ଆଶୀର୍ବାଦ ଏବଂ ଭଲ ପାଇବା ସଦାସର୍ବଦା ମୁଖ୍ୟମନ୍ତ୍ରୀ ଏବଂ ବିଜୁ ଜନତା ଦଳ ପ୍ରତି ରହିଛି ଏବଂ ରହିଥିବବୋଲି ବିଧୟିକା ଦୀପାଳି ଦାସ କହିଛନ୍ତି ଆଜିର ଜନ ସମ୍ପର୍କ ପଦଯାତ୍ରାରେ ଦିପାଳୀ ଦାସ ସମେତ ଜିଲ୍ଲା ସଭାପତି ଶ୍ରୀ ରବି ସିଂ, ଜିଲ୍ଲା ପରିଷଦ ଅଧକ୍ଷା ତୁଲାବତି ମିଞ୍ଜ, ଜିଲ୍ଲା ପରିଷଦ ସଦସ୍ୟ ରିତା ବାଗ, ବ୍ଲକ ଅଧକ୍ଷା କୃଷ୍ଣପ୍ରିୟା ସାହୁ, ତପି ମାରେଇ, ଗୋପାଳ କଳାର, ଚୂଡ଼ାମଣି ସାହୁ,ତେଜ ସାହୁ, ପିଙ୍କୁ ପାଣିଗ୍ରାହି ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ଜାତୀୟ ବନ୍ୟଜୀବ ସପ୍ତାହ ପାଳିତ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରାମଗୁଡା ସଂରକ୍ଷିତ ଜଙ୍ଗଲରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ଜାତୀୟ ବନ୍ୟଜୀବ ସପ୍ତାହ' ପାଳନ କରାଯାଇଅଛି। ଅକ୍ଟୋବର ୨ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ 'ଜାତୀୟ ବନ୍ୟଜୀବ ସପ୍ତାହ' ଭାବେ ସମଗ୍ର ଭାରତରେ ପାଳନ କରାଯାଏ। ବନ୍ୟଜୀବଙ୍କ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୯୫୨ ମସିହାରୁ 'ଜାତୀୟ ବନ୍ୟଜୀବ ସପ୍ତାହ' ପାଳିତ ହୋଇଆସୁଛି। ବନ୍ୟଜୀବ ସୁରକ୍ଷା ଏବଂ ପ୍ରୋତ୍ସାହନ ପାଇଁ ପ୍ରାକୃତିକ ବାସସ୍ଥାନ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ଭିତ୍ତିକରି ରାମଗୁଡା ସଂରକ୍ଷିତ ଜଙ୍ଗଲରେ ଥିବା ମା କାନ୍ତିକାଳୁଆ ପୀଠ ସ୍ଥଳୀରେ ସଫେଇ କାର୍ଯ୍ୟକ୍ରମ ବ୍ରହ୍ମପୁର ସବୁଜ ବାହିନୀ ତରଫରୁ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏ.ପ୍ରକାଶ, ସହ ସମ୍ପାଦକ ପି.ବିନୋଦ,କୋଷାଧ୍ୟକ୍ଷ ଗଣେଶ ପାଣିଗ୍ରାହୀ, ମୁନ୍ନା ଶତପଥୀ, ସାଗର ପ୍ରସାଦ ପାତ୍ର, ପ୍ରବୀଣ ନାୟକ,ଆକାଶ ରାଉତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ପିକଅପ୍ ଜବତ, ୨୭ ଗୋରୁ ଉଦ୍ଧାର

ବୋଲଗଡ଼, (ଭାସ୍କର ନ୍ୟୁଜ୍) ବେଆଇନ ଭାବେ ଗୋ-ଚାଲାଣ ବେଳେ ପିକପ୍ ଭ୍ୟାନକୁ ଜବତ କରିଛି ବେଗୁନିଆ ପୁଲିସ । ଅତି ଦୟନୀୟ ଅବସ୍ଥାରେ ଏକ ପିକପ୍ ଭ୍ୟାନ ଯୋଗେ ବାହାର ରାଜ୍ୟକୁ ଗୋ-ଚାଲାଣ ହେଉଥିବା ସମୟରେ ବୋଲଗଡ଼ ବ୍ଲକ ଦକ୍ଷିଣପରୀକ୍ଷେତା ନିକଟ ରାସ୍ତାରୁ ପିକପ୍ ଭ୍ୟାନକୁ ଜବତ କରିଛି ପୁଲିସ । ରବିବାର ଭୋର ସମୟରେ ଖବର ପାଇ ପୁଲିସ ବୋଲଗଡ଼ ବ୍ଲକ ଜାମୁସାହିରୁ ଦକ୍ଷିଣପରୀକ୍ଷେତା ଦେଇ ଯାଉଥିବା ଏହି ଗୋରୁ ବୋଝେଇ ଗାଡିକୁ ଅଟକାଇଥିଲେ । ଅଟକାଇବା ବେଳେ ଗୋ ମାଫିଆ ପୋଲିସକୁ ଦେଖି ଫେରାର ହୋଇଯାଇଥିବା ବେଳେ ଗାଡିରୁ ୨୭ଟି ଗୋରୁ ଚାଲାଣ ହେଉଥିବା ଜଣାପଡିଥିଲା । ତୁରନ୍ତ ପୋଲିସ ଗୋରୁଗୁଡିକୁ ନିୟମ ଅନୁଯାୟୀ ଗୋଶାଳାକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଦିନକୁ ଦିନ ରାଜ୍ୟରେ ସକ୍ରିୟ ହୋଇପଡିଛନ୍ତି ଗୋ ମାଫିଆ। ଦିନ ଦିହିପ୍ରହରରେ ପୋଲିସକୁ ଚାଲେଞ୍ଜ କରି ଗୋ ମାଫିଆ ମାନେ ଗୋ ଚାଲଣ ସହ ଗୋ ମାସଂ ଚାଲଣ କରୁଥିବା ନଜରକୁ ଆସିଛି। ବାରମ୍ବାର ଗାଡି ଜବତ ସହ ଗୋ ଚାଲଣକାରୀ ଜେଲ ଯାଉଥିଲେ ବି ସେଥିରେ ତାଙ୍କ ଉପରେ କିଛି ଫରକ୍ ପଡୁନି । ଏନେଇ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ଭୁବନ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା

ଭୁବନ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ତଥା ଲୋକାଭିମୁଖୀ ଯୋଜନାକୁ ଜନ ସମ୍ପର୍କ ପଦଯାତ୍ରା ମାଧ୍ୟମରେ ପ୍ରତି ଘରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ । ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ୧୧ ତାରିଖ ଜୟପ୍ରକାଶ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ । ଭୁବନ ଏନ୍ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ୧ ନମ୍ବର ୱାର୍ଡ ସ୍ଥିତ ରାମ ମନ୍ଦିର ପରିସରରୁ ପଦଯାତ୍ରା ବାହାରି ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସାହି ଓ ଛକ ମାନଙ୍କରେ ପଥ ପ୍ରାନ୍ତ ସଭା କରି ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ଦେଶରେ ସ୍ୱାସ୍ଥ୍ୟ ସେବାରେ ରୋଲ୍ ମଡେଲ ସାଜିଛନ୍ତି । ଏହି ଯୋଜନାରେ ପୁରୁଷ ମାନେ ୫ ଲକ୍ଷ୍ୟ ଏବଂ ମହିଳା ମାନେ ୧୦ ଲକ୍ଷ୍ୟ ଟଙ୍କାର ଚିକିତ୍ସା ସହାୟତା ପାଉଛନ୍ତି ବୋଲି କହିଥିଲେ । ଏହି ପଦଯାତ୍ରାରେ ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ, ୭ ନମ୍ବର ୱାର୍ଡ କାଉନସିଲର ନରେନ୍ଦ୍ର ବେହେରା, ୯ ନମ୍ବର୍ ୱାର୍ଡ କାଉନସିଲର ପପୁ କୁମାର ସାହୁ, ୧୪ ନମ୍ବର ୱାର୍ଡ କାଉନସିଲର କଳ୍ପନା ବେହେରା ଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ମହିଳା ଯୋଗଦେଇଥିଲେ ।

ମାଓବାଦୀର ଆତ୍ମସମର୍ପଣ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ପୋଲିସ ନ

ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ପ୍ରାୟ ବର୍ଷେ ହେବ ମହାମାରୀ କରୋନା ଭାରତ ସମେତ ବିଶ୍ୱରୁ ଏକ ପ୍ରକାର ଲୋପ ହୋଇଯାଇଥିଲା । କିନ୍ତୁ ଗତ କିଛି ଦିନ ହେବ କରୋନା ସଂକ୍ରମଣ ପୁଣି ଦେଖାଯିବା ଆରମ୍ଭ କରିଛି । ରବିବାର କେନ୍ଦ୍ରସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଭାରତରେ ୪୩ଟି କରୋନା ଜୀବାଣୁ ସଂକ୍ରମଣ ହୋଇଥିବା ଜଣାପଡିଛି । ଏଥିସହିତ, ୩୬୯ ସକ୍ରିୟ ମାମଲା ପଞ୍ଜିକୃତ ହୋଇଛି । ସକାଳ ୮ଟାରେ ଅପଡେଟ ହୋଇଥିବା ତଥ୍ୟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ୫,୩୨,୦୩୪ରେ ପହଞ୍ଚିଛି । ଦେଶରେ କୋଭିଡ ସଂକ୍ରମଣ ସଂଖ୍ୟା ୪.୪୯କୋଟି (୪,୪୯,୯୯,୩୨୮) । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବସାଇଟ ଅନୁଯାୟୀ ଏହି ରୋଗରୁ ମୁକ୍ତି ପାଇଥିବା ଲୋକଙ୍କ ସଂଖ୍ୟା ୪,୪୪,୬୬,୯୨୫କୁ ବୃଦ୍ଧି ପାଇଛି ଏବଂ ଜାତୀୟ ପୁନରୁଦ୍ଧାର ହାର ୯୮.୮୧ ପ୍ରତିଶତ ରହିଛି । ଏହି ଘଟଣାରେ ମୃତ୍ୟୁହାର ୧.୧୮ ପ୍ରତିଶତ ରହିଛି । ମନ୍ତ୍ରଣାଳୟର ୱେବସାଇଟ ଅନୁଯାୟୀ ଦେଶରେ ଏପର୍ଯ୍ୟନ୍ତ ୨୨୦.୬୭ କୋଟି ଡୋଜ କୋଭିଡ ଟିକା ଦିଆଯାଇଛି ।

ଚନ୍ଦ୍ର-ସୂର୍ଯ୍ୟ ପରେ ଗଗନୟାନ ମିଶନର ପରୀକ୍ଷା ଆରମ୍ଭ କରିବ ଇସ୍ରୋ

ଭାରତୀୟ ନୌସେନାର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା

ହାଇଦ୍ରାବାଦ: ଚନ୍ଦ୍ର-ସୂର୍ଯ୍ୟ ପରେ ଏବେ ଗଗନୟାନ ମିଶନର ପରୀକ୍ଷା ଆରମ୍ଭ କରିବ ଇସ୍ରୋ । ଗଗନୟାନ ମିଶନ ପାଇଁ ମାନବବିହୀନ ଫ୍ଲାଇଟ ଟେଷ୍ଟ କରିବ ଇସ୍ରୋ । ଏଥିପାଇଁ ପ୍ରସ୍ତୁତି ଚାଲିଛି । ଫ୍ଲାଇଟ ଟେଷ୍ଟ ଭେହିକଲ ଆବୋର୍ଟ ମିଶନ-୧ ପାଇଁ ଇସ୍ରୋ ଜୋରଦାର ପ୍ରସ୍ତୁତି ଚଳାଇଛି । ତେବେ ଆବୋର୍ଟ ବିମାନ ପରୀକ୍ଷା ଗଗନୟାନ ମିଶନ ପାଇଁ ଭାରତୀୟ ନୌସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଇସ୍ରୋ କହିଛି ଭାରତୀୟ ନୌସେନାର ଏକ ଜାହାଜ ଏବଂ ଡାଇଭିଂ ଟିମ ବ୍ୟବହାର କରି ବଙ୍ଗୋପସାଗରରେ ଅବତରଣ କରିବା ପରେ କ୍ରୁ ମଡ୍ୟୁଲକୁ ଉଦ୍ଧାର କରାଯିବ । ଏହି କ୍ରୁ ମଡ୍ୟୁଲ ସହିତ ଏହି ପରୀକ୍ଷଣ ଯାନ ମିଶନ ସାମଗ୍ରିକ ଗଗନୟାନ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । କାରଣ ଫ୍ଲାଇଟ ପରୀକ୍ଷଣ ପାଇଁ ପ୍ରାୟ ଏକ ସମ୍ପୂର୍ଣ୍ଣ ସିଷ୍ଟମ ଏକୀଭୂତ ହୋଇଛି । ଏହି ପରୀକ୍ଷଣ ବିମାନର ସଫଳତା ଅବଶିଷ୍ଟ ଯୋଗ୍ୟତା ପରୀକ୍ଷଣ ଏବଂ ଭାରତୀୟ ମହାକାଶଚାରୀଙ୍କ ସହିତ ପ୍ରଥମ ଗଗନୟାନ ମିଶନ ସହିତ ଭବିଷ୍ୟତରେ ମାନବ ବିହୀନ ମିଶନ ପାଇଁ ଏକ ପ୍ଲାଟଫର୍ମ ସ୍ଥାପନ କରିବ । ମଣିଷକୁ ମହାକାଶକୁ ପଠାଇବା ଏବଂ ସେମାନଙ୍କୁ ନିରାପଦରେ ଫେରାଇ ଆଣିବା ପାଇଁ ଗଗନୟାନ ପ୍ରକଳ୍ପ ଲକ୍ଷ୍ୟ ରଖିଛି । ଗଗନୟାନ ମିଶନ ପାଇଁ ମାନବିହୀନ ଫ୍ଲାଇଟ ଟେଷ୍ଟ ଭେହିକଲ ଆର୍ବୋଟ ମିଶନ-୧ ପାଇଁ କ୍ରିଉ ଏସକେପ ସିଷ୍ଟମ ପାରଦର୍ଶିତାର ପ୍ରଦର୍ଶନ କରାଯିବ । ଗଗନୟାନ ଅଭିଯାନରେ ମହାକାଶକୁ ମଣିଷ ପଠାଯିବ । ପୂର୍ବରୁ ୨୦୨୨ରେ ଏହି ମିଶନ ହେବାର ଥିଲା । ଏବେ ୨୦୨୫ରେ ଆରମ୍ଭ ପାଇଁ ଲକ୍ଷ୍ୟ ରଖିଛି ଇସ୍ରୋ । ମହାକାଶକୁ ମଣିଷ ପଠାଯିବା ପୂର୍ବରୁ ଦୁଇଟି ମାନବବିହୀନ ଅଭିଯାନ କରାଯିବ । କ୍ରୁକୁ ପୃଥିବୀର ପ୍ରାୟ ୪୦୦ କିଲୋମିଟରର ଏକ ବୃତ୍ତାକାର କକ୍ଷପଥକୁ ୧ ରୁ ୩ ଦିନିଆ ମିଶନ ପରେ ନିରାପଦରେ ପୃଥିବୀକୁ ଫେରାଇ ଆଣିବ । ଭାରତର ପ୍ରଥମ ମାନବ ବିହରନ ମହାକାଶ ଆବୋର୍ଟ ଉଡ଼ାଣ ପ୍ରକଳ୍ପର ପରୀକ୍ଷା ଚଳିତ ମାସ ଶେଷରେ ହେବାର ସମ୍ଭାବନା ରହିଛି ।

ସିକିମ୍ ବନ୍ୟା ମୃତ୍ୟୁ ସଂଖ୍ୟା ୬୮କୁ ବୃଦ୍ଧି

ସିକିମ୍: ସିକିମ୍‌ରେ ପ୍ରଳୟଙ୍କାରୀ ବନ୍ୟାରେ ମୃତ୍ୟୁସଂଖ୍ୟା ୬୮କୁ ବୃଦ୍ଧି ପାଇଛି । ୨୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇ ଥିବାବେଳେ ୩୦ ଜଣଙ୍କ ମୃତଦେହ ପଶ୍ଚିମବଙ୍ଗର ତୀସ୍ତା ନଦୀ ଅବବାହିକାରେ ଲାଗିଛି । ସିକିମ୍‌ରୁ ୨୬ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ତିସ୍ତା ନଦୀ ଅବବାହିକାର ପଶ୍ଚିମବଙ୍ଗ ଏବଂ ବାଂଲାଦେଶରୁ ୩୨ରୁ ଅଧିକ ମୃତଦେହ ମିଳିଛି । ଏବେବି ପ୍ରାୟ ୧୦୦ ଜଣଙ୍କ ପତ୍ତା ମିଳୁନଥିବା ସୂଚନା ମିଳିଛି । ବରଦଙ୍ଗଠାରୁ ନିଖୋଜ ୨୨ ଯବାନଙ୍କ ମଧ୍ୟରୁ ଏବେବି ୭ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଅନ୍ୟମାନଙ୍କ ସହ ମୋଟ ୧୪୨ଜଣଙ୍କୁ ଖୋଜାଯାଉଥିବା ସୂଚନା ମିଳିଛି । ଅକ୍ଟୋବର ୪ରେ ସିକିମରେ ବନ୍ୟାର ବିଭୀଷିକା ଦେଖିବାକୁ ମିଳିଥିଲା । ହଠାତ୍ ବାଦଲ ଫଟା ବର୍ଷା କାରଣରୁ ସ୍ଥଳଭାଗକୁ ମାଡି ଆସିଥିଲା ବନ୍ୟା ପାଣି । ଏଥିରେ ଏହା ୨୫,୦୦୦ ରୁ ଅଧିକ ଲୋକଙ୍କୁ ପ୍ରଭାବିତ ହୋଇଛନ୍ତି । ବିଭିନ୍ନ ଅଞ୍ଚଳରୁ ୨,୪୧୩ ଲୋକଙ୍କୁ ଉଦ୍ଧାର କରାଯାଇଛି ଏବଂ ରାଜ୍ୟରେ ଥିବା ୨୨ଟି ରିଲିଫ୍ କ୍ୟାମ୍ପରେ ୬,୮୭୫ ଲୋକଙ୍କୁ ଆଶ୍ରୟ ଦିଆଯାଇଛି । ବନ୍ୟାରେ ଭାସି ଯାଇଥିବା ସେନା ଗାଡ଼ିର ଅସ୍ତଶସ୍ତ ନଦୀ ଭିତରେ ବିସ୍ଫୋରିତ ହେଉଛି । ତେବେ ଏଥିରେ କାହାରି କିଛି କ୍ଷତି ହୋଇନାହିଁ । ଏନ୍‌ଡିଆରଏଫ୍, ସେନା ଓ ଆଇଟିବିପି ଯବାନ ପ୍ରାଣମୂର୍ଚ୍ଛା ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି ।

ଇସ୍ରାଏଲକୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ ଏୟାର ଇଣ୍ଡିଆର ଉଡ଼ାଣ ବାତିଲ

ନୂଆଦିଲ୍ଲୀ : ଇସ୍ରାଏଲ ଏବେ ହମାସ ପକ୍ଷରୁ ଯୁଦ୍ଧର ସାମ୍ନା କରୁଛି । ଶନିବାର ହମାସ ଆତଙ୍କବାଦୀ ଇସ୍ରାଏଲ ଉପରେ ଆକ୍ରମଣ କରିଦେଇଥିଲେ । ଏହା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ହମାସ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି । ଭାରତୀୟ ଦୂତାବାସ ମଧ୍ୟ ଇସ୍ରାଏଲରେ ବସବାସ କରୁଥିବା ଭାରତୀୟଙ୍କ ନିମନ୍ତେ ଆଡଭାଇଜରୀ ଜାରି କରିଛନ୍ତି । ଏଥିରେ ଏବେ ଏୟାର ଇଣ୍ଡିଆ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଇସ୍ରାଏଲକୁ ଉଡାଣ ବାତିଲ କରିଦେଇଛି । ଏୟାର ଇଣ୍ଡିଆ ୧୪ ଅକ୍ଟୋବର ପର୍ଯ୍ୟନ୍ତ ତେଲଆଭିବରୁ ଆସୁଥିବା ଉଡାଣକୁ ରଦ୍ଦ କରିଦେଇଛି । ଏୟାର ଇଣ୍ଡିଆ ଏକ ବୟାନରେ କହିଛନ୍ତି ଯେ ଆମର ଯାତ୍ରୀ ଓ ଚାଳକ ଦଳଙ୍କ ସୁରକ୍ଷା ନିମନ୍ତେ ତେଲଆଭିବରୁ ଆମର ଉଡାଣ ଅକ୍ଟୋବର ୧୪ ପର୍ଯ୍ୟନ୍ତ ବାତିଲ ରହିବ । କମ୍ପାନୀର ଜନୈକ ମୁଖପାତ୍ର ଏହା ମଧ୍ୟ କହିଛନ୍ତି ଯେ, ଏହି ସମୟରେ କୌଣସି ଉଡାଣରେ ରିଜର୍ଭେସନ କନଫର୍ମ ଥିବା ଯାତ୍ରୀଙ୍କୁ ସହାୟତା ନିମନ୍ତେ ସବୁମନ୍ତେ ଉଦ୍ୟମ କରାଯିବ । ଭାରତର ରାଜଧାନୀ ନୂଆ ଦିଲ୍ଲୀରୁ ପ୍ରତି ସପ୍ତାହରେ ୫ ଥର ତେଲଆଭିବକୁ ଉଡାଣ ହୋଇଥାଏ । ଦିଲ୍ଲୀରୁ ସୋମବାର, ମଙ୍ଗଳବାର, ଗୁରୁବାର, ଶନିବାର ଓ ରବିବାର ତେଲଆଭିବକୁ ବିମାନ ଉଡାଣ କରିଥାଏ । ତେବେ ଏୟାର ଇଣ୍ଡିଆ ଶନିବାର ତେଲଆଭିବକୁ ଉଭୟ ଯିବା ଓ ଆସିବା ରାସ୍ତାରେ ବିମାନ ଉଡାଣ ବାତିଲ କରିଦେଇଛି । ଇସ୍ରାଏଲର ଗାଜା ଷ୍ଟ୍ରିପରେ ଶନିବାର ସକାଳେ ହମାସ ଆତଙ୍କବାଦୀମାନେ ଆକ୍ରମଣ କରିଦେଇଥିଲେ । ଏଥିରେ ହମାସ ହଜାର ହଜାର ରକେଟ ମାଡ କରିବା ସହିତ ଯୋଦ୍ଧାମାନେ ଆକାଶ, ଜଳ ଓ ସ୍ଥଳ ମାର୍ଗରେ ଇସ୍ରାଏଲରେ ଅନୁପ୍ରବେଶ କରିଥିଲେ । ହମାସର ଏପରି ଆକ୍ରମଣରେ ଇସ୍ରାଏଲ ଆଚମ୍ବିତ ହୋଇଥିଲା । ଗତ କିଛି ବର୍ଷରେ ହୋଇଥିବା ଆକ୍ରମଣରେ ଏହା ସବୁଠୁ ଘାତକ ବୋଲି ଇସ୍ରାଏଲ କହିଛି ।

ଗୋବର୍ଦ୍ଧନ ପୂଜା ପାଇଁ ଛତିଶଗଡ ସରକାରଙ୍କ ଛୁଟି ଘୋଷଣା

ରାୟପୁର : ଗୋବର୍ଦ୍ଧନ ପୂଜା ପାଇଁ ଛୁଟି ଘୋଷଣା କରିଛନ୍ତି ଛତିଶଗଡ ସରକାର । ଛତିଶଗଡ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ଆସନ୍ତା ନଭେମ୍ବର ୧୩ତାରିଖ ରାୟପୁର ସହର ଏବଂ ଅଟଳନଗରସ୍ଥିତ ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ସଂସ୍ଥା ନିମନ୍ତେ ଛୁଟି ଘୋଷଣା କରାଯାଇଛି । ସେହିପରି ନଭେମ୍ବର ୧୫ତାରିଖ ଭାଇ ଦୁଜ ପର୍ବ ପାଇଁ ରାୟପୁର ଅଟଳ ନଗର ଏବଂ ରାୟପୁର ସ୍ଥିତ ସରକାରୀ କାର୍ଯ୍ୟାଳୟ ଏବଂ ସଂସ୍ଥାଗୁଡିକ ନିମନ୍ତେ ଛୁଟି ଘୋଷଣା କରାଯାଇଛି । ତେବେ ଏହା ବ୍ୟାଙ୍କ, ଟ୍ରେଜେରୀ ଏବଂ ଉପକୋଷାଗାର ପାଇଁ ଲାଗୁ ହେବ ନାହିଁ ।

ଜୀବିତପୁତ୍ରିକା ଉତ୍ସବରେ ଅଘଟଣ, ନଦୀରେ ବୁଡ଼ି ୨୨ ମହିଳାଙ୍କ ମୃତ୍ୟୁ

ପାଟନା : ବିହାରରେ ଜୀବିତପୁତ୍ରିକା ଉତ୍ସବ ପାଳନ ଅବସରରେ ଏକ ବଡ ଅଘଟଣ ଘଟିଛି । ନଦୀ, ପୁଷ୍କରିଣୀରେ ଗାଧୋଇବା ବେଳେ ବୁଡ଼ିଯାଇ ୨୨ ଜଣଙ୍କ ମୃତ୍ୟୁ ଘଟିଛି । ଜୀବିତପୁତ୍ରିକା ଉତ୍ସବରେ ଭାଗ ନେଇଥିବା ମହିଳାମାନେ ପିଲାମାନଙ୍କ କଲ୍ୟାଣ ପାଇଁ ଉପବାସ ବ୍ରତ ପାଳନ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ମହିଳାମାନେ ନଦୀ ଓ ବିଭିନ୍ନ ପୁଷ୍କରିଣୀରେ ଗାଧୋଇବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୨ଜଣ ମହିଳାଙ୍କ ମୃତ୍ୟୁ ଘଟିଛି । ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି । ଭୋଜପୁର ଜିଲାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜେହନାବାଦରେ ୪, ପାଟନା ଓ ରୋହତକରେ ୩ ଜଣ ଲେଖାଏ, ଦରଭଙ୍ଗା ଏବଂ ନୱାଦାରେ ୨ ଜଣ ଲେଖାଏ ପ୍ରାଣ ହରାଇଛନ୍ତି । ଏହା ବ୍ୟତୀତ କାଇମୁର, ମାଦେପୁରା ଓ ଔରଙ୍ଗାବାଦରେ ଜଣେ ଲେଖାଏ ଗାଧୋଇବା ବେଳେ ବୁଡ଼ିଯାଇ ଜୀବନ ହାରିଛନ୍ତି ।

ପୁଷ୍ଟିହୀନତା ଦୂର ଏବଂ ବିଦ୍ୟାଳୟରୁ ଶୂନ୍ୟ ଡ୍ରପ୍ ଆଉଟ ଉପରେ ଶାହଙ୍କ ଅଗ୍ରାଧିକାର

ଉତ୍ତରାଖଣ୍ଡ: ଏଠାରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ସେଣ୍ଟ୍ରାଲ ଜୋନାଲ କାଉନସିଲର ୨୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶ୍ରୀ ଶାହ ପିଲାମାନଙ୍କ ମଧ୍ୟରେ ଅପପୁଷ୍ଟି ସମସ୍ୟା ସମାଧାନ ଦିଗରେ ସାମୂହିକ ପ୍ରୟାସର ଆବଶ୍ୟକତା ରହିଥିବା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ ଗୁରୁତ୍ୱ ଦେଇ କହିଥିଲେ ଯେ ଏହି ପ୍ରସଙ୍ଗର ସମାଧାନ ନିମନ୍ତେ ସମ୍ବେଦନଶୀଳତା ଏବଂ ଜରୁରୀ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ସମାବେଶକୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧୀନରେ ଜୋନାଲ କାଉନସିଲଗୁଡିକର ବିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ । କେନ୍ଦ୍ରୀୟ ଜୋନାଲ କାଉନସିଲରେ ଥିବା ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଛତିଶଗଡ ଆଦି ରାଜ୍ୟ ସମୂହ ରାଷ୍ଟ୍ରର ଜିଡିପି ଏବଂ ସାମଗ୍ରିକ ବିକାଶ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ଏହି ରାଜ୍ୟଗୁଡିକ କୃଷି, ପ୍ରାଣୀ ପାଳନ, ଖାଦ୍ୟ ଶସ୍ୟ ଉତ୍ପାଦନ, ଖଣି, ଜଳ ଯୋଗାଣ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏଥିସହିତ ବୈଠକ ଅବସରରେ ଭାରତୀୟ ଆଥଲେଟ×ମାନଙ୍କ ଦ୍ୱାରା ଏସୀୟ କ୍ରୀଡାରେ ଅନନ୍ୟ ଚମତ୍କାର ପ୍ରଦର୍ଶନ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇ ସର୍ବସମ୍ମତ କ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ବୈଠକରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମି, ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ପ୍ରମୁଖ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗ ଦେଇଥିଲେ । ଏଥିସହିତ ଛତିଶଗଡ ଗୃହ ବିଭାଗ ମନ୍ତ୍ରୀ ତାମ୍ରଧ୍ୱଜ ସାହୁ, କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ସଚିବ, ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ସଚିବ, ସଦସ୍ୟ ରାଜ୍ୟଗୁଡିକର ମୁଖ୍ୟ ଶାସନସଚିବଗଣ ଏବଂ ରାଜ୍ୟ ସରକାର ତଥା କେନ୍ଦ୍ର ମନ୍ତ୍ରଣାଳୟସମୂହ ଓ ବିଭାଗଗୁଡିକର ବରିଷ୍ଠ ପଦାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

ବାଣିଜ୍ୟ

ନୂଆଦିଲ୍ଲୀ : ଗାଜାରେ ହମାସ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ଇସ୍ରାଏଲ ଉପରେ ଅପ୍ରତ୍ୟାଶିତ ଆକ୍ରମଣ ପରେ ତେଲ ଅଭିବ ଷ୍ଟକ ଏକ୍ସଚେଞ୍ଜରେ ବହୁତ ହ୍ରାସ ଘଟିଛି । ଆଗାମୀ ସମୟ ନିବେଶକମାନଙ୍କ ପାଇଁ ଅନିଶ୍ଚିତତା ଆଣିବ ବୋଲି ଇସ୍ରାଏଲ ଗଣମାଧ୍ୟମ ଏହି ସୂଚନା ଦେଇଛି । ବ୍ଲୁ-ଚିପ କମ୍ପାନୀଗୁଡିକର ଟିଏ-୩୫ ଷ୍ଟକ ଇଣ୍ଡେକ୍ସ ୪.୮ପ୍ରତିଶତ ହ୍ରାସ ପାଇଛି, ବେଞ୍ଚମାର୍କ ଟିଏ-୧୨୫ ସୂଚକାଙ୍କ ୫ ପ୍ରତିଶତ ହ୍ରାସ ପାଇଛି ଏବଂ ସର୍ବାଧିକ କ୍ୟାପିଟାଲାଇଜେଶନ ଷ୍ଟକ ଉପରେ ନଜର ରଖିଥିବା ଟିଏ-୯୦ ସୂଚକାଙ୍କ ୫.୮ ପ୍ରତିଶତ ହ୍ରାସ ପାଇଛି । ଟାଇମ୍ସ ଅଫ ଇସ୍ରାଏଲରେ ଏହା କୁହାଯାଇଛି । ଯଦିଓ ଇସ୍ରାଏଲରେ ଆତଙ୍କବାଦୀ ଆକ୍ରମଣ କିଛି ନୂଆ ନୁହେଁ, ଶନିବାର ଭଳି ଆକ୍ରମଣ ପୂର୍ବରୁ ହୋଇ ନ ଥିଲା ବୋଲି ସିଏନଏନ ରିପୋର୍ଟ କରିଛି । ସିଏନଏନ ରିପୋର୍ଟ ମୁତାବକ, ଇସ୍ରାଏଲର ସୈନ୍ୟବାହିନୀ ଶନିବାର ହଠାତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ । ହମାସ ବନ୍ଧୁକଧାରୀମାନେ ବାୟୁ, ସମୁଦ୍ର ଏବଂ ସ୍ଥଳଭାଗରେ ଆସିଥିଲେ । ସେମାନେ ସାଧାରଣ ନାଗରିକଙ୍କ ଉପରକୁ ଗୁଳି ଚଳାଇ ସେମାନଙ୍କୁ ବନ୍ଧକ ରଖିଥିଲେ ଏବଂ ଲୋକଙ୍କୁ ଘର ଭିତରେ ରହିବାକୁ ବାଧ୍ୟ କରିଥିଲେ । ସକାଳେ ଆରମ୍ଭ ହୋଇଥିବା ଏହି ଆକ୍ରମଣ ଅପରାହ୍ନରେ ଇସ୍ରାଏଲର ୭୫ ବର୍ଷର ଅସ୍ତିତ୍ୱର ଏକ ଘାତକ ଆକ୍ରମଣରେ ପରିଣତ ହୋଇଥିଲା ।

ସରିଲା ଆଇଟି ଏକ୍ସପୋ ୨୦୨୩

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆଇଟି ଆସୋସିଏସନ୍ ଅଫ୍ ଓଡ଼ିଶା (ଆଇଟିଏଓ) ଓ ଓସିଏସି ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ଆଇଟି ଏକ୍ସପୋ ୨୦୨୩ ଆଜି ଉଦଯାପିତ ହୋଇଯାଇଛି । ଯେଉଁଥିରେ ଶିଳ୍ପନେତା, ପ୍ରଯୁକ୍ତିପ୍ରେମୀ ଏବଂ ଉଦ୍ଭାବକମାନେ ଏକାଠି ହୋଇଥିଲେ । ଆଇଟିଏଓର ସଭାପତି ଅବିନାଶ ପଟ୍ଟନାୟକ ସମସ୍ତ ଅଂଶଗ୍ରହଣକାରୀ, ପ୍ରଯୋଜକ ଓ ସମର୍ଥକଙ୍କୁ ଆନ୍ତରିକ ପ୍ରଶଂସା କରି କହିଛନ୍ତି ଯେ ନୂଆ ଯୁଗର ଯୁବ ଓ ଆଇଟି ଉତ୍ସାହୀମାନେ ଆଇଟି ବିଶେଷଜ୍ଞଙ୍କ ଦ୍ୱାରା ଆୟୋଜିତ ସେମିନାର ଓ ଅଧିବେଶନରେ ଯୋଗ ଦେବାର ସୁଯୋଗ ପାଇଥିଲେ ଏବଂ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରି ଭବିଷ୍ୟତରେ ସୂଚନା ପ୍ରଯୁକ୍ତିବିଦ୍ୟାର ମହତ୍ତ୍ୱ ଓ ଉପକାରିତା ଉପରେ ଆଲୋଚନା କରିଥିଲେ । ଆଇଟିଏଓର ସମ୍ପାଦକ ଦେବାଶିଷ ତ୍ରିପାଠୀ କହିଛନ୍ତି, ଏକ୍ସପୋରେ ଅନେକ ଆନ୍ତଃ ମହାବିଦ୍ୟାଳୟ ବୈଷୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହା ଥିଲା ପ୍ରଥମ ଥର ପାଇଁ 'ଡିସ୍କଭର୍ ଅନଲାଇନ୍ ଏକ୍ସପେରିଏନ୍ସ ଅଫଲାଇନ' ଶୀର୍ଷକରେ ଯେଉଁଠାରେ ପର୍ଯ୍ୟଟକମାନେ ଅଫଲାଇନ ମୋଡରେ ସମସ୍ତ ଉତ୍ପାଦ, ପ୍ରଯୁକ୍ତି ଏବଂ ସେବାଗୁଡିକୁ ଦେଖିବା ସହିତ ଅନୁଭବ କରିଥିଲେ ଏବଂ ଉନ୍ନତ କାରବାର ଲାଭ କରିଥିଲେ । ୮୦ ହଜାରରୁ ଅଧିକ ଦର୍ଶକ ଏହି ଏକ୍ସପୋକୁ ଆସିଥିଲେ । ଶେଷ ଦିନରେ ଅଟୋମେସନ ଟେକ୍ନୋଲୋଜି- ଟ୍ରାକିଂ ଆଣ୍ଡ ଇମେଜ୍ କ୍ୟାପଚର ଉପରେ ଏକ ବୈଷୟିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଫେସର ସୁତାପା ପତି, ଗୌତମ ମହାନ୍ତି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ସିଟିଟିସିର ବରିଷ୍ଠ ଯନ୍ତ୍ରୀ ରିତୁ ମୈତଙ୍କ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ବିଗ୍ ଡାଟା, ସାଇବର ସିକ୍ୟୁରିଟି ଏକ୍ସପର୍ଟ ପ୍ରଶାନ୍ତ ସାହୁ (ସାଇବର ସିକ୍ୟୁରିଟି ଏକ୍ସପର୍ଟ), ସ୍ମାର୍ଟ କ୍ଲାସ ସଲ୍ୟୁସନ୍ (ମଦର୍ସ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା)ଙ୍କ ଦ୍ୱାରା ସ୍ମାର୍ଟ କ୍ଲାସ୍ ସଲ୍ୟୁସନ୍ ଆଦି ବିଷୟଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପ୍ୟାନେଲିଷ୍ଟ- ସୁତାପା ପତି, ପ୍ରଶାନ୍ତ ସାହୁ, ପଲି ପଟ୍ଟନାୟକ, ରିତୁ ମାଇତିଙ୍କ ସହ ସାଇବର ନିରାପତ୍ତା ଉପରେ ଏକ ପ୍ୟାନେଲ ଆଲୋଚନା । ଅଂଶୁମାନ ପଟ୍ଟନାୟକ (ଆଇଟିଏଓ), ପ୍ରଶାନ୍ତ ସ୍ୱାଇଁ (ଆଇଟିଏଓ) ଏହି ଆଲୋଚନାଚକ୍ର ପରିଚାଳନା କରିଥିଲେ ।

ଯୋଗଦେଲ

ଖେଳ ଖବର

ଭୁବନେଶ୍ୱର: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟ ଉପକନିଷ୍ଠ ବାଳକ ହକିରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି) ବିଜେତା ହୋଇଛି। ଶନିବାର ଫାଇନାଲ୍‌ରେ ଏହି ଦଳ ୨-୧ (୩-୩) ସୁଟ୍‌ଆଉଟ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ୩-୩ ସାମନସ୍ତରରେ ସରିବାରୁ ସୁଟ୍‌ଆଉଟ୍‌ରେ ଫଳାଫଳ ବାହାରି ଥିଲା। ତୃତୀୟ ସ୍ଥାନ ଲାଗି ହୋଇଥିବା ମ୍ୟାଚ୍‌ରେ କିଟ୍ ଓ କିସ୍ ୫-୨ ଗୋଲ୍‌ରେ ଦେବଗଡ଼କୁ ହରାଇ ଦେଇଛି। ଦେବଗଡ଼ର ସଲମାନ ଲାକ୍ରା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆର୍‌ଏସ୍‌ପିର ଜଗଦୀପ ବାର୍ଲା (ଗୋଲି), ସୁନ୍ଦରଗଡ଼ର ବିମଳ ଲାକ୍ରା (ଡିଫେଣ୍ଡର), କିଟ୍ ଓ କିସ୍‌ର ସଂଜୀବ ମାଝି (ମିଡ୍‌ଫିଲ୍ଡର), ଖୋର୍ଦ୍ଧାର ଆଲୋକ କୁଜୁର (ଷ୍ଟ୍ରାଇକର) ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଆଇନଜୀବୀ ମନୋଜ କୁମାର ଖୁଣ୍ଟିଆ, ଏସ୍‌ବିଆଇ ଡିଜିଏମ୍ ସିଡିଓ ମନୋଜ କୁମାର ସିଂହ, ଡିଜିଏମ୍ ସିସିଓ ରାଜୀବ ରମନ, ହକି ଏଚ୍‌ପିସି ପକଜ୍ଜ ନିର୍ଦ୍ଦେଶକ ରାଜୀବ ସେଠ୍, କଳିଙ୍ଗ ଷ୍ଟାଡିୟମ ବୌଷୟିକ ନିର୍ଦ୍ଦେଶକ ଏ ରାଜେଶ, ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ, ଦୌଡ଼କୁଦ ସିଓଓ ଦୀନେଶ ସୁରି ଓ ଓଡ଼ିଶା ଭାରୋତ୍ତୋଳନ ସଂଘ ସମ୍ପାଦକ ରବି କୁମାର ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚୟନକର୍ତ୍ତା ମୁଖ୍ୟ ଲୁସେଲା ଏକ୍କା, ହକି ଓଡ଼ିଶା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଏବଂ ହକି ଏଚ୍‌ପିସି ମୁଖ୍ୟ ପ୍ରଶିକ୍ଷକ ପିନ୍‌ହାସ ଦାସ ଉପସ୍ଥିତ ଥିଲେ।

୧୯ତମ ଏସିଆଡ ଉଦ୍‌ଯାପିତ, ଚୀନ୍‌କୁ ୨୦୧ ସ୍ୱର୍ଣ୍ଣ ସହ ୩୮୩ ପଦକ

୨୦୨୬ରେ ଜାପାନ ଆୟୋଜନ କରିବ ପରବର୍ତ୍ତୀ ଏସିଆନ ଗେମ୍ସ

ହାଙ୍ଗଝୋୟୁ(ଚୀନ): ଚୀନର ହାଙ୍ଗଝୋୟୁ ଠାରେ ଗତ ସେପ୍ଟେମ୍ବର ୨୩ ତାରିଖରୁ ଆରମ୍ଭ ହୋଇଥିବା ୧୯ତମ ଏସିଆନ୍ ଗେମ୍ସ ଅକ୍ଟୋବର ୮ ତାରିଖ ଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ମହା ସମାରୋହରେ ଉଦଯାପିତ ହୋଇ ଯାଇଛି। ସ୍ଥାନୀୟ ଅଲିମ୍ପିକ ସ୍ପୋର୍ଟ୍ସ ସେଣ୍ଟର ଷ୍ଟାଡିୟମରେ ଅନୁଷ୍ଠିତ ଉଦଯାପନୀ ଉଦଯାପନୀ ଉତ୍ସବରେ ସମସ୍ତ ଅଂଶ ଗ୍ରହଣକାରୀ ରାଷ୍ଟ୍ରର ପ୍ରତିଯୋଗୀଙ୍କ ସମାବେଶ ଏକ ନିଆରା ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ହକି ଦଳର ଭେଟେରାନ ଗୋଲ ରକ୍ଷକ ପିଆର ଶ୍ରୀଜେଶ ଉଦଯାପନୀ ଉତ୍ସବରେ ଅନ୍ୟାନ୍ୟ ଦେଶର ଜାତୀୟ ପତାକାଧାରୀ ଆଥଲେଟଙ୍କ ସହିତ ମାର୍ଚ୍ଚପାଷ୍ଟରେ ଭାରତୀୟ ଜାତୀୟ ପତାକା ଧରିଥିଲେ। ଷ୍ଟାଡିୟମରେ ଉପସ୍ଥିତ ଅଗଣିତ କ୍ରୀଡାପ୍ରେମୀ ଅଂଶ ଗ୍ରହଣ କରିଥିବା ସମସ୍ତ ଆଥଲେଟଙ୍କୁ ବିପୁଳ ଉତ୍ସାହର ସହିତ କରତାଳି ଦେଇ ବିଦାୟ କାଳୀନ ଅଭିନନ୍ଦନ ଜଣାଇ ଥିଲେ।ଆଥଲେଟଙ୍କ ସହିତ ଏସିଆନ ଗେମ୍ସର ମାସ୍କଟ ଚେନଚେନ, କୋଙ୍ଗକୋଙ୍ଗ ଓ ଲିଆନଲିଆନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର କଳାକାରଙ୍କ ସହିତ ନିଜର ପ୍ରଦର୍ଶନ ପରିବେଷଣ କରିଥିଲେ। ଚୀନର ଜାତୀୟ ସଙ୍ଗୀତ ଗାନ ପରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଲିମ୍ପିକ୍ ଆସୋସିଏସନ ଅଫ ଏସିଆ(ଓସିଏ)ର ଅନ୍ତରୀଣ ସଭାପତି ରାଜା ରଣଧୀର ସିଂ ଆନୁଷ୍ଠାନିକ ଭାବେ ୧୯ତମ ଏସିଆନ ଗେମ୍ସର ପରିସମାପ୍ତି ଘୋଷଣା କରିଥିଲେ।ଏହି କାର୍ଯ୍ୟକ୍ରମ ସହିତ ୨୦୨୬ ଏସିଆନ ଗେମ୍ସର ଆୟୋଜକ ଜାପାନକୁ ଓସିଏ ପତାକା ହସ୍ତାନ୍ତର କରି ଅନ୍ତରୀଣ ସଭାପତି ରନ୍ଧିର ସିଂ କହିଥିଲେ ଯେ ସଫଳତାର ସହିତ ଏହି ସମ୍ମାନଜନକ କ୍ରୀଡାର ଆୟୋଜନ କରିଥିବା ଜୀନକୁ ବିଶେଷ ଧନ୍ୟବାଦ। ଏହି ଅବସରରେ ଏସିଆନ ଗେମ୍ସର ଜ୍ୟୋତି ଲିଭିଯିବ,ମାତ୍ର ଏସିଆନ ଗେମ୍ସର ସ୍ପିରିଟ ସବୁଦିନ ପାଇଁ ପ୍ରଜ୍ୱଳିତ ହୋଇ ରହିବ। ଆଉ ତିନି ବର୍ଷ ପରେ ଜାପାନରେ ଆମେ ପୁଣି ପରସ୍ପରକୁ ଭେଟିବା।

ଭାରତର ପଦକ ସଂଖ୍ୟା ୧୦୦ ପାର, ମାତ୍ର ସନ୍ତୋଷ ଜନକ ନୁହେଁ

ନୂଆଦିଲ୍ଲୀ: ଜୀନରେ ଅନୁଷ୍ଠିତ ଚଳିତ ବର୍ଷର ଏସିଆନ୍ ଗେମ୍ସରେ ଭାରତ ୨୮ ସ୍ୱର୍ଣ୍ଣ ସହିତ ୧୦୭ ପଦକ ଅକ୍ତିଆର କରିଛି। ୧୯୫୧ରୁ ଆରମ୍ଭ ହୋଇଥିବା ଏସିଆନ ଗେମ୍ସ ଇତିହାସରେ ଭାରତ କେବେ ଏତେ ସଂଖ୍ୟକ ପଦକ ହାସଲ କରି ନ ଥିଲା। ତେଣୁ ଭାରତର ଏହି ପ୍ରଦର୍ଶନ ନିଶ୍ଚିତ ଖୁସିର ବିଷୟ। କାରଣ ପ୍ରଥମ ଥର ପାଇଁ ଭାରତ ୧୦୦ରୁ ଅଧିକ ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି। ଗତ ୨୦୧୮ ଏସିଆଡରେ ଭାରତ ୧୬ ସ୍ୱର୍ଣ୍ଣ ସହିତ ମୋଟ ୭୦ ପଦକ ପାଇ ଥିବା ବେଳେ ଚଳିତ ବର୍ଷର ଏସିଆନ ଗେମ୍ସ ସଫଳତା ଭାରତୀୟ ଆଥଲେଟଙ୍କ ପାଇଁ ଅଧିକ ଉତ୍ସାହ ଆଣି ପାରିଛି। ମାତ୍ର ଏହା ସନ୍ତୋଷ ଜନକ ନୁହେଁ। କାରଣ ଏଥର ରେକର୍ଡ ସଂଖ୍ୟକ ୬୬୧ ଭାରତୀୟ ଆଥଲେଟ ହାଙ୍ଗଝୋୟୁ ଏସିଆନ ଗେମ୍ସରେ ପ୍ରତିନିଧିତ୍ୱ କରିଥିବା ବେଳେ ମିଳିଲା କେବଳ ୧୦୭ ପଦକ। ଭାରତୀୟ ସୁଟର ମାନେ ୨୨ ଓ ଟ୍ରାକ ଆଥଲେଟ ମାନେ ୨୯ ପଦକ ଅକ୍ତିଆର କରିଛନ୍ତି। ମାତ୍ର ବକ୍ସିଂ ଓ ରେସଲିଂ ସହିତ ଅନ୍ୟ କେତେକ ଅଲିମ୍ପିକ୍ କ୍ରୀଡା ଇଭେଣ୍ଟରେ ଭାରତର ପ୍ରଦର୍ଶନ ଅତି ନୈରାଶ୍ୟ ଜନକ ହୋଇଛି। ଏହି ଏସିଆନ ଗେମ୍ସରେ ଭାରତ ଯେଉଁ ଇଭେଣ୍ଟରେ ଅଧିକ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ କାଂସ୍ୟ ପଦକ ପାଇଛି ,ସେହି ସବୁ କ୍ରୀଡା ଇଭେଣ୍ଟ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ସ୍ଥାନ ପାଇବ ନାହିଁ। ମାତ୍ର ୨୦୨୦ ଟୋକିଓ ଅଲିମ୍ପିକ ଅପେକ୍ଷା ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଅଧିକ ପଦକ ପାଇବା ପାଇଁ ଭାରତୀୟ କ୍ରୀଡାବିତ ଆଶା ରଖିଛନ୍ତି। ତେଣୁ ଆଗାମୀ ୨୦୨୪ ପ୍ୟାରିସ ଅଲିମ୍ପିକ କ୍ରୀଡାରେ ଆଶନୁରୂପ ସଫଳତା ପାଇବାକୁ ହେଲେ ଭାରତୀୟ ଆଥଲେଟ ମାନେ ଅନେକ ସାଧନା କରିବାକୁ ପଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ହାଙ୍ଗଝୋୟୁ ଏସିଆନ ଗେମ୍ସରେ ଭାରତୀୟ ପ୍ରତିଯୋଗୀ ପାଇଥିବା ଐତିହାସିକ ସଫଳତା ନେଇ ସମଗ୍ର ଦେଶବାସୀ ଅତ୍ୟନ୍ତ ଖୁସି ଓ ଗର୍ବ ଅନୁଭବ କରୁଛନ୍ତି। କ୍ରୀଡାବିତଙ୍କର ଅଦମ୍ୟ ପ୍ରଚେଷ୍ଟା, କଠିନ ପରିଶ୍ରମ ଓ ନିରନ୍ତର ପ୍ରୟାସ ଆମ ପାଇଁ ଏକ ସ୍ମରଣୀୟ ମାହୋଲ ସୃଷ୍ଟି କରି ପାରିଛନ୍ତି। ତେବେ ଅନ୍ୟ ଏକ ଦିଗ ଉପରେ ନଜର ପକାଇଲେ ଏହା ସ୍ପଷ୍ଟ ହୁଏ ଯେ ଚୀନ ଆମ ଠାରୁ କେତେ ଆଗରେ ରହିଛି। ୧୯୮୨ ଏସିଆନ ଗେମ୍ସ ପରଠାରୁ ସବୁବେଳେ ପଦକ ହାସଲରେ ଆଗୁଆ ରହି ଆସୁଥିବା ଚୀନ ଚଳିତ ବର୍ଷର ଏସିଆନ ଗେମ୍ସରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ୪୦ କ୍ରୀଡା ଇଭେଣ୍ଟରେ ଭାଗ ନେଇ ୨୦୧ ସ୍ୱର୍ଣ୍ଣ ସହିତ ମୋଟ ୩୮୩ ପଦକ ହାସଲ କରିଛି। ମାତ୍ର ଭାରତ ହାସଲ କରିଛଇ ମୋଟ ୧୦୭ ପଦକ। ସେହିପରି ଜାପାନ ୨୦୧୮ ଏସିଆଡରେ ୭୫ ସ୍ୱର୍ଣ୍ଣ ପାଇଥିବା ବେଳେ ଏଥର ପାଇଛି ୫୨ ସ୍ୱର୍ଣ୍ଣ। ସେହିପରି ଏସିଆନ ଗେମ୍ସର ଅନ୍ୟତମ ଶକ୍ତିଶାଳୀ ଦେଶ ଦକ୍ଷିଣ କୋରିଆ ୪୨ ସ୍ୱର୍ଣ୍ଣ ସହିତ ପଦକ ତାଲିକାର ତୃତୀୟ ସ୍ଥାନରେ ରହିଛି। ତେଣୁ ଆଗାମୀ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଓ ୨୦୨୬ ଏସିଆନ୍ ଗେମ୍ସରେ ଅଧିକ ସଫଳତା ପାଇବାକୁ ହେଲେ ଭାରତୀୟ କ୍ରୀଡାବିତ ମାନେ ଆହୁରି ଅଧିକ କଠିନ ପରିଶ୍ରମ ଓ ସାଧନା କରିବାକୁ ପଡିବ।

ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଲେ ୱାର୍ନର

ନୂଆଦିଲ୍ଲୀ: ଭାରତରେ ଚାଲିଥିବା ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ପୂର୍ବତନ ଖେଳାଳି ସଚିନ ତେନ୍ଦୁଲକର ଓ ଦକ୍ଷିଣ ଆଫ୍ରିକାର ଏବିଡି ଭିଲର୍ସଙ୍କ ରେକର୍ଡ ଅତିକ୍ରମ କରିଛନ୍ତି ଅଷ୍ଟ୍ରେଲିଆ ଦଳର ଭେଟେରାନ ଓପନର ଡେଭିଡ ୱାର୍ନର।ତେନ୍ଦୁଲକର ଓ ଡିଭିଲର୍ସ ଦିନିକିଆ ବିଶ୍ୱକପରେ ପ୍ରଥମ ୨୦ ଇନିଂସ ଖେଳି ୧୦୦୦ ରନ ପୂରଣ କରିଥିବା ବେଳେ ଡେଭିଡ ୱାର୍ନର ୧୯ ଇନିଂସ ଖେଳି ଦିନିକିଆ ବିଶ୍ୱକପରେ ୧,୦୦୦ ରନ ପୂରଣ କରିଛନ୍ତି। ରବିବାର ଚେନ୍ନାଇର ଏମ ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଚଳିତ ବିଶ୍ୱକପର ଭାରତ ବିପକ୍ଷ ମ୍ୟାଚରେ ୱାର୍ନର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲକୁ ଚୌକା ମାରି ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେହିପରି ଅଷ୍ଟ୍ରେଲିଆର ଚତୁର୍ଥ ବ୍ୟାଟର ଭାବେ ୱାର୍ନର ଦିନିକିଆ ବିଶ୍ୱକପରେ ଏହି ମାଇଲ ଖୁଣ୍ଟ ଛୁଇଁଛନ୍ତି। ଏହା ପୂର୍ବରୁ ଅଷ୍ଟ୍ରେଲିଆର ରକି ପଣ୍ଟିଂ ଦିନିକିଆ ବିଶ୍ୱକପରେ ୧,୭୪୩,ଆଦାମ ଗିଲକ୍ରିଷ୍ଟ ୧,୦୮୫ ଓ ମାର୍କ ୱ୍ୱ ୧,୦୦୪ ରନ କରିଥିଲେ। ତେବେ ତେନ୍ଦୁଲକର ଦିନିକିଆ କ୍ରିକେଟ ବିଶ୍ୱକପ ଇତିହାସର ସଫଳ ବ୍ୟାଟର ଭାବେ ସର୍ବାଧିକ ୨,୨୭୮ ରନ ସଂଗ୍ରହ କରିଥିବା ରେକର୍ଡ ଅତୁଟ ରହିଛି। ସୂଚନା ଯୋଗ୍ୟ ଯେ ୩୬ ବର୍ଷୀୟ ୱାର୍ନର ୧୫୧ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୬,୦୦୦ ରନ ପୂରଣ କରିଛନ୍ତି। ପାଞ୍ଚଥର ବିଶ୍ୱକପ ବିଜେତା ଅଷ୍ଟ୍ରେଲିଆ ଦଳର ସେ ଜଣେ ପ୍ରମୁଖ ଖେଳାଳି। ତେବେ ଏହା ହେଉଛି ତାଙ୍କର ଶେଷ ଦିନିକିଆ ବିଶ୍ୱକପ ପଦାର୍ପଣ।

ଦିନିକିଆ ବିଶ୍ୱକପ: ସ୍ପିନରଙ୍କ କମାଲ, କୋହଲି ଓ ରାହୁଲଙ୍କ ଦମଦାର ବ୍ୟାଟିଂ

ଅଷ୍ଟ୍ରେଲିଆକୁ ହରାଇ ବିଜୟରୁ ଭାରତର ଅଭିଯାନ ଆରମ୍ଭ

ଚେନ୍ନାଇ: ବିରାଟ କୋହଲି ଓ କେଏଲ ରାହୁଲଙ୍କ ଲଢୁଆ ବ୍ୟାଟିଂ ଓ ସ୍ପିନରଙ୍କ ସଫଳତା ବଳରେ ଭାରତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଦମଦାର ବିଜୟ ହାସଲ କରିଛି। ଅଷ୍ଟ୍ରେଲିଆ ଧାର୍ଯ୍ୟ କରିଥିବା ୨୦୦ ରନ ବିଜୟ ଟାର୍ଗେଟକୁ ଭାରତ ୪୧.୨ ଓଭରରେ ୪ ୱିକେଟ ହରାଇ ୨୦୧ ରନ କରି ସହଜ ବିଜୟ ହାସଲ କରିଛି। ତେଙ୍ଗୁରେ ଆକ୍ରାନ୍ତ ହୋଇ ଏହି ମ୍ୟାଚ ଖେଳି ପାରି ନ ଥିବା ଶୁବମନ ଗିଲଙ୍କ ଅନୁପସ୍ଥିତିରେ ଅଧିନାୟକ ରୋହିତ ଶର୍ମାଙ୍କ ସହିତ ଅନ୍ୟତମ ଓପନର ଇଶାନ କିଶାନ ଇନିଂସ ଆରମ୍ଭ କରି ଥିଲେ ହେଁ ଉଭୟ ବିଫଳ ହୋଇ ଥିଲେ। ଏହି ଦୁଇ ଖେଳାଳିଙ୍କ ଠାରୁ ତେଣୁ ଭଲ ପ୍ରଦର୍ଶନ ଆଶା କରା ଯାଉ ଥିଲେ ହେଁ ଭାରତ ଖାତା ଖୋଲିବା ପୂର୍ବରୁ ଦୁହେଁ ୦ରେ ଆଉଟ ହୋଇଥିଲେ। ସେହିପରି ଏମାନଙ୍କ ପଦାଙ୍କ ଅନୁସରଣ କରି ଅନ୍ୟତମ ନିର୍ଭର ଯୋଗ୍ୟ ବ୍ୟାଟର ଶ୍ରେୟସ ଆୟାର ମଧ୍ୟ କୌଣସି ରନ ନ କରି ପ୍ୟାଭିଲିୟନ ଫେରିବା ଫଳରେ ଭାରତ ବିଜୟ ଟାର୍ଗେଟ ହାସଲ କରିବା ନେଇ ଆଶଙ୍କା ସୃଷ୍ଟି ହୋଇ ଥିଲା। ଭାରତ ୨ ରନରେ ୩ ପ୍ରମୁଖ ବ୍ୟାଟରଙ୍କୁ ହରାଇବା ଯୋଗୁଁ ସାମୟିକ ସଙ୍କଟରେ ପଡିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅନୁଭବୀ ବ୍ୟାଟର ବିରାଟ କୋହଲି ଓ କେଏଲ ରାହୁଲ ଲଢୁଆ ବ୍ୟାଟିଂ କରି ଭାରତକୁ ବିଜୟ ପଥରେ ଆଗେଇ ନେଇ ଥିଲେ। କୋହଲି ଏକଦା ଜୀବନଦାନ ପାଇବା ପରେ ଆଉ ପଛକୁ ଫେରି ନ ଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କୁ କଡା ମୁକାବିଲଶ କରି କୋହଲି ୬ ଚୌକା ବଳରେ ୧୧୬ ବଲରୁ ୮୫ ରନ କରି ହାଜେଲଉଡଙ୍କ ବଲରେ ଆଉଟ ହେବା ସହ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇ ଥିଲେ। ମାତ୍ର କେଏଲ ରାହୁଲ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖି ୨ ଛକା ଓ ୮ ଚୌକା ବଳରେ ୧୧୫ ବଲରୁ ଅପରାଜିତ ୯୭ ରନ କରି ଭାରତର ବିଜୟ ମୁଣ୍ଡି ମାରିଥିଲେ। ତାଙ୍କ ସହିତ ହାର୍ଦ୍ଦିକ ପାଣ୍ଡ୍ୟା ୧ ଛକା ସହିତ ୮ ବଲରୁ ୧୧ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋସ ହାଜେଲଉଡ ୩ ଓ ମିଚେଲ ଷ୍ଟାର୍କ ୧ ୱିକେଟ ଅକ୍ତିଆର କରିଥିଲେ। ଫଳରେ ଭାରତ ୬ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଜୟରୁ ଆରମ୍ଭ କରିଛି ବିଶ୍ୱକପ ଅଭିଯାନ। ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ଅଷ୍ଟ୍ରେଲିଆ ଭାରତୀୟ ବୋଲିଂକୁ ସଠିକ ମୁକାବିଲା କରି ନ ପାରି ୪୯.୩ ଓଭରରେ ୧୯୯ ରନ କରି ଅଲ ଆଉଟ ହୋଇ ଯାଇଥିଲା। ଓପନର ଡେଭିଡ ୱାର୍ନର ୪୧, ଷ୍ଟିଭେନ ସ୍ମିଥ ୪୮ ,ଲାବୁସେନେ ୨୭ ଓ ମିଚେଲ ଷ୍ଟାର୍କଙ୍କ ୨୮ ରନ ଯୋଗଦାନ ବ୍ୟତିତ ଅଷ୍ଟ୍ରେଲିଆର ଅନ୍ୟ କୌଣସି ବ୍ୟାଟର ୨୦ ଅଙ୍କ ଛୁଇଁବା ସମ୍ଭବ ହୋଇ ନ ଥିଲା। ଭାରତୀୟ ସ୍ପିନର ମାନେ ଅଷ୍ଟ୍ରେଲିଆକୁ ସମସ୍ୟା ଘେରରେ ପକାଇ ୬ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲର ଯଶପ୍ରୀତ ବୁମ୍ରା ୨ ଓ ମହମ୍ମଦ ସିରାଜ ୧ ୱିକେଟ ଅକ୍ତିଆର କରିଥିବା ବେଳେ ରବିନ୍ଦ୍ର ଜାଡେଜା ୩ ,କୁଳଦୀପ ଯାଦବ ୨ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ୱିକେଟ ହାସଲ କରିଥିଲେ।

୧୮ରୁ ବାଙ୍କୋଇରେ ରାଜ୍ୟସ୍ତରୀୟ କବାଡି

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ବଙ୍କୋଇ ଗ୍ରାମର ଛତ୍ରି ଯାତ୍ରା ଅବସରରେ କଚେରି ବର ଛକଠାରେ ଅନୁଷ୍ଠିତ ହୋଇ ଆସୁଥିବା ରାଜ୍ୟ ସ୍ତରୀୟ ମା ରାମଚଣ୍ଡୀ କବାଡି ଟୁର୍ଣ୍ଣାମେଣ୍ଟ ୪୩ତମ ସଂସ୍କରଣ ଚଳିତମାସ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରୁଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୨୪ ତାରିଖ ଦିନ ପବିତ୍ର ଦୂର୍ଗାପୂଜା ଅବସରରେ ଅନୁଷ୍ଠିତ ହେବ। ତିନୋଟି ପର୍ଯ୍ୟାୟରେ ନକଆଉଟ୍ ଭିତ୍ତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର କାଳିକାପ୍ରସାଦ ଓ ଡମସାହି, ଖୋର୍ଦ୍ଧା ଜିଲ୍ଲାର ଜଟଣୀ ଓ ବେଣାପଞ୍ଚରୀ, ଭୁବନେଶ୍ୱରର ବାରଙ୍ଗ, ପଟିଆ ଓ ୟୁନିଟ-୯ କବାଡି ଦଳ ଗୁଡିକ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ସୁରେଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି।

ବିଦ୍ୟାଭାରତୀ ଅଖିଳ ଭାରତୀୟ ଖେଳକୁଦ ଖୋ-ଖୋ:

ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଅକ୍ଟୋବର ୫ରୁ ୮ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ମିରଟଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ଖେଳକୁଦ ଖୋ-ଖୋ ପ୍ରତିଯୋଗିତାରେ ପୂର୍ବକ୍ଷେତ୍ର ତରଫରୁ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମର୍କତ ନଗର, କଟକ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖୋର୍ଦ୍ଧାର ଅଣ୍ଡର-୧୪ ଗ୍ରୁପ ମିଳିତ ପ୍ରତିଭାଗୀମାନେ ଅଂଶ ଗ୍ରହଣ କରି ସର୍ବଭାରତୀୟ ସ୍ତରରେ ଖୋ-ଖୋ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏହି ବିଜେତା ଖେଳାଳିମାନେ ଆଗାମୀ ଦିନରେ ଏସଜିଏଫଆଇ ସ୍ତରରେ ହେଉଥିବା ପ୍ରତିଯୋଗୀତାରେ ବିଦ୍ୟାଭାରତୀ ତରଫରୁ ଭାଗ ନେବେ। ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ତରଫରୁ ଏହି କୃତୀ ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତୀୟ ବ୍ୟାଟରଙ୍କ ଅଲୋଡା ରେକର୍ଡ

'୦'ରେ ଆଉଟ ହେଲେ ରୋହିତ, ଇଶାନ ଓ ଶ୍ରେୟସ

ଚେନ୍ନାଇ: ରବିବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ ମ୍ୟାଚରେ ଭାରତର ଦୁଇ ଓପନର ରୋହିତ ଶର୍ମା, ଇଶାନ କିଶାନଙ୍କ ସହିତ ଶ୍ରେୟସ ଆୟାର ସମସ୍ତଙ୍କୁ ନିରାଶ କରି ଏମାନେ ୦ ରନରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୧୯୯ ରନରେ ଅଲଆଉଟ ହୋଇ ଯାଇଥିଲା। ଭାରତ ପଛରେ ବ୍ୟାଟିଂ କରି ଅଷ୍ଟ୍ରେଲିଆର ଦୁଇ ପ୍ରଭାବୀ ପେସ୍ ବୋଲର ପ୍ରାରମ୍ଭରୁ ଜୋରଦାର ଝଟକା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। କାରଣ ପୂର୍ବରୁ ଭାରତ ଅନ୍ୟ କୌଣସି ମ୍ୟାଚରେ ଏପରି ପରିସ୍ଥିତି ଭୋଗି ନ ଥିଲା। ତେବେ ଆଜି ଭାରତୀୟ ଦଳର ଏହି ତିନି ବ୍ୟାଟର ଏକ ଖରାପ ରେକର୍ଡ ପ୍ରତିଷ୍ଠା କରି ଚର୍ଚ୍ଚା ପରିସରକୁ ଆସିଛନ୍ତି। ଭାରତ ପାଇଁ ଚଳିତ ବିଶ୍ୱକପର ଏହା ପ୍ରଥ

ବିବିଧବର୍ଣ୍ଣା

ଅନେକ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟରୁ ବାଦାମ ଗୋଟିଏ । ଏହା ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ । ବାଦାମରେ କ୍ୟାଲସିୟମ ଭରପୁର ମାତ୍ରାରେ ରହିଛି । ଯାହା ଶରୀରକୁ ଶାନ୍ତ କରିବା ସହ ମାଂସପେଶୀକୁ ଆରାମ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହାସହ ଅଖରୋଟର ମଧ୍ୟ ସେବନ କରିପାରିବେ । ଦହିରେ ମଧ୍ୟ ପ୍ରଚୁର ମାତ୍ରାରେ ଭିଟାମିନ ଡି ଓ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଛି । ତେଣୁ ଅଳ୍ପ ପରିମାଣରେ ଦହିର ମଧ୍ୟ ସେବନ କରନ୍ତୁ । ଏହାଦ୍ୱାରା ମଧ୍ୟ ଭଲ ନିଦ ହୋଇଥାଏ । ପାଳଙ୍ଗ ଶାଗରେ ବିଭିନ୍ନ ଭିଟାମିନ ସହ ବହୁ ପୋଷକ ତତ୍ତ୍ୱ ରହିଛି । ଏହାର ସେବନ ଦ୍ୱାରା ମଧ୍ୟ ଭଲ ନିଦ ହୋଇଥାଏ । ଜାଇଫଳ ଶିରାପ୍ରଶିରାକୁ ଆରାମ ପ୍ରଦାନ କରିବା ସହ ଏହା ସେରୋଟୋନିନ ପ୍ରସ୍ତୁତ କରି ଆରାମ ଦାୟକ ନିଦ ହେବାରେ ସହାୟକ ହୋଇଥାଏ । ଏହାକୁ ଅଳ୍ପ ମାତ୍ରାରେ ଉଷୁମ କ୍ଷୀରରେ ମିଶାଇ ପିଇ ପାରିବେ । କନ୍ଦମୂଳ ରାତ୍ରି ଭୋଜନରେ ସାମିଲ କରିବା ଖୁବ ଉପକାରୀ । ଏଥିରେ ପୋଟାସିୟମ, ମେଗ୍ନିସିୟମ, କ୍ୟାଲସିୟମ ଆଦି ଭରପୁର ମାତ୍ରାରେ ରହିଛି । ଏଥିରେ ଥିବା ଖଣିଜ ଶିରାପ୍ରଶିରାକୁ ଶାନ୍ତ ରଖିବା ସହ ଉତ୍ତମ ନିଦ ହେବାରେ ବେଶ ସହାୟକ ହୋଇଥାଏ ।

୩ରେ ରିଲିଜ ହେବ ସୁସ୍ମିତାଙ୍କ 'ଆର୍ଯ୍ୟା ୩'

ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ସୁସ୍ମିତା ସେନ ଫିଲ୍ମ ଓ ଓଟିଟିରେ ଧମାଲ ସୃଷ୍ଟି କରିଛନ୍ତି । ଅଭିନେତ୍ରୀଙ୍କ ଆର୍ଯ୍ୟା ଧାରାବାହିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । 'ଆର୍ଯ୍ୟା'ର ତୃତୀୟ ସିଜନରେ ଖୁବଶୀଘ୍ର ସୁସ୍ମିତାଙ୍କୁ ଦେଖିବାକୁ ମିଳିବ । ହୃଦଘାତରେ ପୀଡିତ ହୋଇଥିଲେ ମଧ୍ୟ ଅଭିନେତ୍ରୀ ଏହି ବହୁ ପ୍ରତୀକ୍ଷିତ ଧାରାବାହିକ ପାଇଁ ସୁଟିଂ କରିଥିଲେ । 'ଆର୍ଯ୍ୟା ୩'କୁ ଉତ୍ସାହର ସହିତ ପ୍ରଶଂସକମାନେ ଅପେକ୍ଷା କରିଥିବା ବେଳେ ସୁସ୍ମିତା ଏହି ସିରିଜର ରିଲିଜ ଡେଟ ଘୋଷଣା କରିଛନ୍ତି । ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ସୁସ୍ମିତା ସେନ ଏକ କ୍ଷୁଦ୍ର ଆନିମେଟେଡ ପ୍ରୋମୋ ସେୟାର କରିଛନ୍ତି । ଏହି ପ୍ରୋମୋ ହଳଦିଆ କାନ୍ଥରେ ଦୃଶ୍ୟମାନ ହେଉଥିବା ମାର୍କ ଚିହ୍ନରୁ ଆରମ୍ଭ ହୁଏ । କାନ୍ଥରେ ଥିବା ମାର୍କ ଗର୍ତ୍ତରୁ, କ୍ୟାମେରା ଆପଣଙ୍କୁ ଅନ୍ୟ ଏକ ମେରୁନ ସ୍କ୍ରିନକୁ ନେଇଯାଏ, ଯେଉଁଥିରେ ନଭେମ୍ବର ୩ ତାରିଖ ସ୍ପଷ୍ଟ ଦେଖାଯାଏ । ଏହା ସହିତ ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି, ଶେ ?ନୀ ଫେରିବାର ସମୟ ଆସିଛି । ସୁସ୍ମିତା ସେନ ସୋସିଆଲ ମିଡିଆରେ 'ଆର୍ଯ୍ୟ'ର ତୃତୀୟ ସିଜନ ଘୋଷଣା କରିଥିଲେ । ନିକଟରେ ତାଙ୍କ ଏମି-ମନୋନୀତ ଥ୍ରୀଲର ସିରିଜର ନୂଆ ସିଜିନର ସୁଟିଂ ଶେଷ ହୋଇଛି । ସୁସ୍ମିତା ସେନ ଆର୍ଯ୍ୟ ସିଜନ ୩ ବିଷୟରେ କହିଥିଲେ ଯେ, ଆର୍ଯ୍ୟ ସରିଜ ପାଇଁ ଏହା ଏକ ନୂଆ ଦିନ, ସେ ଏଥିପାଇଁ ପ୍ରସ୍ତୁତ । ସିଜନ ୩ରେ, ସେ ଅତୀତକୁ ମୁକ୍ତ କରି ନିଜ କାହାଣୀ ଲେଖୁଛନ୍ତି । ଆର୍ଯ୍ୟାଙ୍କୁ ବଦଳାଇବା ଏକ ନୂତନ ଦୁଃସାହସିକ କାର୍ଯ୍ୟ ପାଇଁ ପୁରୁଣା ଜିନ୍ସ ପିନ୍ଧିବା ପରି । ରାମ ମାଧବାନୀ ଏବଂ ସନ୍ଦୀପ ମୋଦିଙ୍କ ଦ୍ୱାରା ନିର୍ଦ୍ଦେଶିତ ଆର୍ଯ୍ୟା ହେଉଛି ଲୋକପ୍ରିୟ ଡଚ କ୍ରାଇମ-ଡ୍ରାମା ପେନୋଜର ଅଫିସିଆଲ ରିମେକ, ଯାହା ଜଣେ ମଧ୍ୟବୟସ୍କ ମହିଳାଙ୍କୁ ଘେରିଥାଏ । ତାଙ୍କ ପରିବାରକୁ ସମସ୍ତ ଅସୁବିଧାରୁ ରକ୍ଷା କରିବା ପାଇଁ ସଂଗ୍ରାମ କରିଥିଲା । ଏହି ସିରିଜ ଡିଜନି ପ୍ଲସ ହଟଷ୍ଟାରରେ ପ୍ରିମିୟର ହେବ ।

ରୋମାଣ୍ଟିକ ଜୀବନସାଥୀ ଚାହୁଁଛନ୍ତି କ୍ରୀତି

ଘାମୀ ଅଭିନେତ୍ରୀଙ୍କ ମଧ୍ୟରୁ କ୍ରୀତି ସାନନ୍ ଜଣେ । କ୍ରୀତି ଏବେ ଖୁବ୍ ଚର୍ଚ୍ଚାରେ । କାରଣ ତାଙ୍କ ଜୀବନସାଥୀ କିପରି ହେବା ଦରକାର ସେନେଇ ଖୁଲମ୍‌ଖୁଲା ପ୍ରକାଶ କରିଛନ୍ତି । କ୍ରିତି ଏମିତି ଜଣେ ଜୀବନସାଥୀ ଚାହାଁନ୍ତି, ଯାହାଙ୍କ ନିକଟରେ ଗୋଟିଏ ଭଲ ହୃଦୟ ଥିବ, ବହୁତ ଭଲ ପାଇବା ଥିବ, ବିଲକୁଲ ସଜା ଓ ଇମାନଦାର ହୋଇଥିବେ । ନିକଟରେ ଏକ ସାକ୍ଷାତକାରରେ କ୍ରିତି ଆହୁରି କହିଥିଲେ ଯେ, ସେ କେଉଁ ପ୍ରକାର ଜୀବନସାଥୀ ଚାହୁଁଛନ୍ତି । ସେ କହିଛନ୍ତି ଯେ, ମୁଁ ବହୁତ ରୋମାଣ୍ଟିକ୍ । ତେଣୁ ମୋର ଜୀବନସାଥୀ ଜଣକ ରୋମାଣ୍ଟିକ ହୋଇଥିବା ଦରକାର । ମୁଁ ପ୍ରେମରେ ରହିବାକୁ ଚାହେଁ । ଯାହାଙ୍କ ନିକଟରେ ବହୁତ ସାରା ଭଲପାଇବା ରହିବା ସହ ସଚ୍ଚୋଟତା ବି ଥିବ । ମୁଁ ଉଚ୍ଚାଭିଳାଷୀ ଏବଂ ପ୍ରେରଣାଦାୟୀ ଲୋକମାନଙ୍କ ପ୍ରତି ବେଶୀ ଆକର୍ଷିତ ହୋଇଥାଏ । ନିଜର ଟ୍ୟାଲେଣ୍ଟକୁ ନେଇ ଧୀରେ ଧୀରେ ବଲିଉଡରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି ଅଭିନେତ୍ରୀ କ୍ରିତି ସାନନ । ୨୦୧୪ରେ ଫିଲ୍ମ 'ହିରୋପନ୍ତୀ' ଜରିଆରେ ବଲିଉଡରେ ଡେବ୍ୟୁ କରିଥିଲେ । ସେ ସିନେପ୍ରେମୀଙ୍କୁ ପୈସା ଓ୍ୱସୁଲ ମନୋରଞ୍ଜନ ଫିଲ୍ମ ଦେଇ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି । ଏହାର ପ୍ରମାଣ ହେଉଛି ସେ ଜିତିଥିବା ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ୨୦୨୩ । ବଲିଉଡ ଅଭିନେତା ଟାଇଗର ଶ୍ରଫଙ୍କ ସହ କ୍ରିତି ସାନନଙ୍କ ସମ୍ପର୍କ ଥିବା ନେଇ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର ଧରିଛି । କ୍ରିତିଙ୍କ ଭଉଣୀ ନୁପୁର କହିଛନ୍ତି ଯେ କ୍ରିତି ଏପର୍ଯ୍ୟନ୍ତ ଦୁଇଜଣ ଯୁବକଙ୍କୁ ଡେଟ କରିଛନ୍ତି । ନିକଟରେ ଯେତେବେଳେ ଅଭିନେତ୍ରୀ ଇଣ୍ଡିଆ ଟୁଡେ କନକ୍ଲେଭ ମୁମ୍ବାଇ ୨୦୨୩ରେ ଯୋଗ ଦେଇଥିଲେ, ଶେଷରେ ସେ ତାଙ୍କ ସମ୍ପର୍କ ସ୍ଥିତି ବିଷୟରେ କହିଥିଲେ ।

ଟାଇଗର ଶ୍ରଫଙ୍କ ଫିଲ୍ମ ଫ୍ଲପ

ବଲିଉଡ଼ ଅଭିନେତା ସନ୍ନି ଦେଓଲଙ୍କ ଅଭିନିତ ଫିଲ୍ମ 'ଗଦର ୨' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ହେଲେ ନିକଟରେ ରିଲିଜ୍ ହୋଇଥିବା ତାଙ୍କ ପୁଅ ରାଜବୀର ଦେଓଙ୍କ ଫିଲ୍ମ 'ଦୋନୋ' ଫ୍ଲପ୍ ହୋଇଛି । ଏହି ଫିଲ୍ମକୁ ଲୋକେ ପସନ୍ଦ କରିନାହାନ୍ତି । ସବୁଠୁ ବଡ଼ କଥା, ଏହି ଫିଲ୍ମଟି ୨୦ କୋଟି ଟଙ୍କାରେ ନିର୍ମିତ ହୋଇଥିବା ବେଳେ ଏହାର ମାତ୍ର ୯୦ଟି ଟିକେଟ୍ ବିକ୍ରି ହୋଇଛି, ଯାହା ପ୍ରଯୋଜନା ସଂସ୍ଥାକୁ ଜୋରରେ ଧକ୍କା ଲାଗିଛି । ବକ୍ସ ଅଫିସରେ ଏହି ଫିଲ୍ମର ଆୟ ଓ ଅଗ୍ରୀମ ବୁକିଂକୁ ଦେଖିଲେ ଏଭଳି କିଛି ମନେ ହେଉଛି । ସନ୍ନି ଦେଓଲଙ୍କ ପୁଅ ରାଜବୀରଙ୍କ ଡେବ୍ୟୁ ଫିଲ୍ମ 'ଦୋନୋ' । ହେଲେ ରିଲିଜ୍ ପରେ ବକ୍ସ ଅଫିସରେ ଫିଲ୍ମଟି ଫ୍ଲପ ହୋଇଥିବା ଚର୍ଚ୍ଚା ହେଉଛି । ସିନେ ସମୀକ୍ଷକ କମାଲ ଆର ଖାନ୍(କେଆରକେ) ଏକ୍ସରେ ପୋଷ୍ଟ କରି ଏଭଳି ଦାବି କରିଛନ୍ତି । ଆଉ ଟ୍ୱିଟ କରି କହିଛନ୍ତି ଯେ, "ସନ୍ନିଙ୍କ ପୁଅ ରାଜବୀରଙ୍କ ଡେବ୍ୟୁ ଫିଲ୍ମ 'ଦୋନୋ' ସୁପରଫ୍ଲପ ହୋଇଛି । ଶୁକ୍ରବାର ଦିନ କେବଳ ୯୦ଟି ଟିକେଟ୍ ବିକ୍ରି ହୋଇଥିବା ବେଳେ ଶନିବାର ପାଇଁ କେବଳ ୪୨ଟି ଏବଂ ରବିବାର ପାଇଁ କେବଳ ୪୩ଟି ଟିକେଟ୍ ବିକ୍ରି ହୋଇଛି । ମୁଁ ନିଶ୍ଚିତ ଯେ କେବଳ ପ୍ରଯୋଜକମାନେ ଏହି ଟିକେଟ୍ କିଣିଛନ୍ତି । ତେବେ ଏହି ଫିଲ୍ମରେ ରାଜବୀରଙ୍କ ସହ ଅଭିନେତ୍ରୀ ପୁନମ ଢ଼ିଲନଙ୍କ ଝିଅ ପଲୋମା ଠାକେରିଆ ମଧ୍ୟ ବଲିଉଡରେ ଡେବ୍ୟୁ କରିଥିବା ଜଣାପଡ଼ିଛି ।

୨ ସପ୍ତାହ ଥରେ ଉଠନ୍ତି ଯୁବତୀ



କୁମ୍ଭକର୍ଣ୍ଣ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି । ଯିଏକି ବର୍ଷକରେ ୬ ମାସ ଶୋଇଥାଏ । ଏ ଘଟଣା ପୁରାଣର । କିନ୍ତୁ ଏବେ ବି ଏପରି ଜଣେ ଯୁବତୀ ଅଛନ୍ତି, ଯିଏକି ଏପରି ଶୋଇଥାନ୍ତି । ଯୁବତୀ ଜଣକ ହେଉଛନ୍ତି ଆମେରିକାର । ସେ ଲଗାତାର ୨ ସପ୍ତାହ ଶୋଇଥାନ୍ତି । ଏମିତି କି ସେ ଶୋଇବା ବେଳେ ତାଙ୍କ ପାଖରେ ବୋମା ଫୁଟିଲେ ବି ସେ ଜାଣିପାରିବେନି । ସେ ଶୋଇଥିବାରୁ ନିଜ ଜନ୍ମଦିନ ବି ଭୁଲି ଯାଇଛନ୍ତି । ପରିବାରର ସମସ୍ତେ ପାର୍ଟି କରୁଥିବା ବେଳେ ସେ ଶୋଇରହିଥିଲେ । ଏବେ ଚିନ୍ତା କରୁଥିବେ ଏମିତି କେମିତି ? ବାସ୍ତବରେ ଯୁବତୀ ଜଣକ ଏକ ରୋଗରେ ପୀଡିତ ଅଛନ୍ତି । ଏହି ରୋଗର ନାଁ ହେଉଛି ସ୍ଲିପିଙ୍ଗ୍ ବ୍ୟୁଟି ସିଣ୍ଡ୍ରୋମ୍। ଏହି କାରଣରୁ ଯୁବତୀ ଜଣକ ଦୀର୍ଘ ୧୪ ଦିନ ଧରି ଶୋଇ ରହୁଛନ୍ତି । ୨୪ ବର୍ଷୀୟ ଯୁବତୀ ହେଉଛନ୍ତି ବେଲା ଏଣ୍ଡ୍ରୋୟୁ । ସେ ଜଣେ ନର୍ସ । ତାଙ୍କର ଏହି ବିରଳ ରୋଗ ଯୋଗୁଁ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତାଙ୍କ କହିବା ଅନୁଯାୟୀ, କିଛି ବର୍ଷ ପୂର୍ବେ ଡାକ୍ତର କହିଥିଲେ କି ତାଙ୍କୁ ଆଟେନ୍ସନ୍ ସିକିଙ୍ଗର ପ୍ରୋବ୍‌ଲେମ୍ ଅଛି । କିନ୍ତୁ ଗତ ମାସରେ ସେ ଜାଣିବାକୁ ପାଇଲେ ଯେ ତାଙ୍କୁ କ୍ଲିନ-ଲେଭିନ୍ ସିଣ୍ଡ୍ରୋମ ନାମକ ଏକ ସମସ୍ୟା ରହିଛି । ଏହି କାରଣରୁ ସେ ଲଗାତାର ଶୋଇଥାନ୍ତି । ଅନେକ ସମୟ ସେ ୨ ସପ୍ତାହରୁ ଅଧିକ ଶୋଇ ରହିଥାନ୍ତି । ୨୦୧୬ରେ ପ୍ରଥମେ ସେ ଏପରି ଅନୁଭବ କରିଥିଲେ । ସେ ଏକ ପାର୍ଟିକୁ ଯାଇଥିଲେ ଏବଂ ସେଠାରେ ଏକ ଡ୍ରିଙ୍କ୍‌ସ ପିଇଥିଲେ । କିନ୍ତୁ ଘରକୁ ଆସିବା ପରେ ସେ ପ୍ରାୟ ୧୦ ଦିନ ଶୋଇଥିଲେ । ସେବେଠାରୁ ଏପରି ଅନେକ ଥର ହୋଇଛି । ବେଳା ପ୍ରତି ୪ ରୁ ୫ ସପ୍ତାହରେ ଏମିତି ୧୦ରୁ ୧୨ ଦିନ ଲଗାତାର ଶୋଇଥାନ୍ତି । ପରିବାର ଲୋକଙ୍କ କହିବା କଥା ହେଉଛି, ବେଳା ଯେତେବେଳେ ଶୋଇଥାନ୍ତି ସେତେବେଳେ ସେ ଏକ ଗଭୀର ନିଦ୍ରାକୁ ଯାଇଥାନ୍ତି । ଏମିତିକି ଯିଦି ତାଙ୍କ ପାଖରେ ବିସ୍ଫୋରଣ ବି ହୁଏ ସେ ଜାଣିପାରିବେନି । କିଛି ଦିନ ପୂର୍ବରୁ ବ୍ରିଟେନରୁ ମଧ୍ୟ ଏପରି ମାମଲା ସାମ୍ନାକୁ ଆସିଥିଲା । ରୋଡା ରୋଡ୍ରିଗେଜ୍ ଡିଆଜ୍ ନାମକ ୨୧ ବର୍ଷୀୟ ଯୁବତୀ ଏହି ରୋଗରେ ପୀଡିତ ଥିଲେ । ସେ ୩ ସପ୍ତାହ ପର୍ଯ୍ୟନ୍ତ ଲଗାତାର ଶୋଇ ରହୁଥିଲେ । ସେ ଥରେ ଶୋଇବା ପରେ ଅତିକମରେ ୨୧ ଘଣ୍ଟା ଯାଏଁ ଶୋଇ ରହିଥାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଏହି ରୋଗର କୌଣସି ଉପଶମ ନାହିଁ । ଡାକ୍ତରଙ୍କ ଅନୁଯାୟୀ ଏହା ଏକ ସ୍ନାୟୁଗତ ରୋଗ । ବୟସ ବଢିବା ସହିତ ଏହି ସ୍ଲିପିଙ୍ଗ୍ ବିୟୁଟି ସିଣ୍ଡ୍ରୋମର ପ୍ରଭାବ କମିଯିବ ।

ପ୍ରୋଟିନରେ ଭରପୁର ମସୁର ଡାଲି



ମସୁର ଡାଲି ଭାରତରେ ଏକ ଲୋକପ୍ରିୟ ଖାଦ୍ୟ । ଏହାକୁ ପ୍ରାୟ ଲୋକ ଖାଆନ୍ତି । ଏହା ବିଭିନ୍ନ ରଙ୍ଗରେ ଉପଲବ୍ଧ ରହିଥାଏ । ଯେପରିକି କଳା, ବାଦାମୀ, ନାଲି ଏବଂ ସବୁଜ । ମସୁର ଡାଲିକୁ ପ୍ରୋଟିନର ଏକ ଉତ୍ସ ଭାବରେ ବିବେଚନା କରାଯାଏ । ଶାକାହାରୀ ଅର୍ଥାତ୍ ଯେଉଁମାନେ ମାଛ, ମାଂସ, ଅଣ୍ଡା ଆଦି ଖାଆନ୍ତି ନାହିଁ । ସେମାନଙ୍କ ପାଇଁ ମସୁର ଡାକି ଏକ ଭଲ ବିକଳ୍ପ । ଆସନ୍ତୁ ଜାଣିବା ଏହାକୁ ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟକୁ କିଭଳି ଲାଭ ମିଳିଥାଏ। ମସୁର ଡାଲିରେ ପ୍ରୋଟିନ୍ ଅଧିକ ମାତ୍ରାରେ ରହିଥାଏ । ଗୋଟିଏ କପ୍ ମସୁର ଡାଲିରେ ପ୍ରାୟ ୧୮ ଗ୍ରାମ୍ ପ୍ରୋଟିନ୍ ଥାଏ । ଏଥିରେ ଫାଇବରର ପରିମାଣ ଅଧିକ ରହିଥାଏ । ପ୍ରାୟ ୧୫ ଗ୍ରାମ ଫାଇବର ଥାଏ । ଯାହାକି ହଜମ ଏବଂ କୋଷ୍ଠ କାଠିନ୍ୟ ଦୂର କରିବାରେ ସହାୟକ ହୁଏ । ମସୁର ଡାଲିରେ ଫାଇବର , ପୋଟାସିୟମ ଏବଂ ମ୍ୟାଗ୍ନେସିୟମ ପରି ପୋଷକ ତତ୍ତ୍ୱ ରହିଥାଏ । ଯାହା ହାର୍ଟ ପାଇଁ ବେଶ୍ ଉପକାରୀ । ଏହା ରକ୍ତଚାପକୁ କମ୍ କରିବା ସହ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରେ ଏବଂ ହାର୍ଟ ଆଟାକ୍ ଆଶଙ୍କାକୁ ହ୍ରାସ କରିବାରେ ସହାୟକ ହୁଏ । ମସୁର ଡାଲିରେ ଯେହେତୁ ଅଧିକ ମାତ୍ରାରେ ଫାଇବର ଥାଏ , ଏଥିଲାଗି ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ପୁରୀ, (ଭାସ୍କର ନ୍ୟୁଜ୍): କୁମାର ଉତ୍ସବ ସମିତିର ୫୬ତମ କୁମାର ଉତ୍ସବ ପାଳନ ଉପଲକ୍ଷେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ବେଦ ପାଠ, ଗୀତ ପାଠ, ଏକକ ଅଭିନୟ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଝୋଟି ଏଥି ସହ ଶ୍ରୀକ୍ଷେତ୍ର କୁମାର/କୁମାରୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ବିଦୁଲତା ଆଚାର୍ଯ୍ୟ, ଚକ୍ରଧର ମହାପାତ୍ର, ମନୋଜ ରଥ, ରାଜେଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପଣ୍ଡା, ଭରତ ନାୟକ, ଶ୍ରୀକାନ୍ତ ମହାନ୍ତି, ଡ ପ୍ରଦିପ ଆଚାର୍ଯ୍ୟ, ଡ ନନ୍ଦିଘୋଷ ମହାପାତ୍ର, ଡ ଚନ୍ଦନ ମିଶ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ କୁମାର ଉତ୍ସବ ସମିତିର ସେବା କାର୍ଯ୍ୟକ୍ରମ ସହ ସଂସ୍କୃତ ଓ ପରମ୍ପରାର ସୁରକ୍ଷା ପାଇଁ ଯେଉଁ ଉଦ୍ୟମ ଜାରି ରହିଛି ତାହାର ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଆସନ୍ତା ଅକ୍ଟୋବର ୨୯ ରୁ ୩୧ ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୫୬ତମ କୁମାର ଉତ୍ସବରେ ପୁରସ୍କୃତ କରାଯିବା ସହ ଦୁଇ କୁନି ଶିଶୁ ପ୍ରତିଭାଙ୍କୁ ସାମଗ୍ରିକ କୃତି ନିମନ୍ତେ ଶ୍ରୀକ୍ଷେତ୍ର କୁମାର କୁମାରୀ ଉପାଧି ପ୍ରଦାନ କରାଯିବ। ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାକୁ ଗୋପବନ୍ଧୁ ଚିକିତ୍ସାଳୟରେ ଚିକିତ୍ସିତ ଅନ୍ତେବାସୀ ମାନେ ବହୁ ପରିମାଣରେ ଉପସ୍ଥିତ ରହି ଉପଭୋଗ କରିଥିଲେ।

ରକ୍ଷିତା ପ୍ରେମରେ ପଡ଼ି ପତ୍ନୀ ଓ ପିଲାଙ୍କୁ ମାଡ଼ ମାରିଲେ ପୂର୍ବତନ ସାମରୀକ କର୍ମଚାରୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସାମରୀକ କର୍ମଚାରୀ ପତ୍ନୀଙ୍କୁ ନିର୍ଯ୍ୟାତନା ଦେଉଥିବା ବେଳେ ଛୁଆ ପିଲାଙ୍କୁ ଛାଡ଼ି କୋଣାର୍କ ଅଂଚଳରେ ଏକ ଯୁବତୀ ପ୍ରେମରେ ପଡ଼ି ରକ୍ଷିତା ଭାବେ ରଖି ନିଜ ପତ୍ନୀ ଓ ୩ ଛୁଆଙ୍କୁ ନିର୍ଯ୍ୟାତନା ଦେବା ସହ ଜୀବନରେ ମାରି ଦେବା ପାଇଁ ଉଦ୍ୟମ କରିଥିଲେ । ପୂର୍ବତନ ସାମରୀକ କର୍ମଚାରୀଙ୍କ ସହଯୋଗୀ ଘରେ ପଶି ମହିଳାଙ୍କୁ ଟଣା ଓଟଣା କରି ଜୀବନରେ ମାରି ଦେବା ପାଇଁ ଉଦ୍ୟମ କରୁଥିବା ବେଳେ କୌଶଳ କ୍ରମେ ମହିଳା ତାଙ୍କ ପିଲାଙ୍କୁ ଧରି ବାହାରକୁ ଚାଲି ଆସିବାରୁ ରକ୍ଷା ପାଇଛି । ବାର ଘରେ ପାଇଟି କରି ମହିଳା ଚଳୁଥିବା ବେଳେ ମହିଳାଙ୍କ ଶାଶୁ ଓ ସ୍ୱାମୀ ମହିଳାଙ୍କୁ ଅଣଦେଖା କରିବା ସହ ମହିଳାଙ୍କୁ ମାରି ଦେବା ଉଦ୍ୟମ କରିବା ଘଟଣାରେ ସାମରୀକ ବାହିନୀ କର୍ମଚାରୀ ତାଙ୍କ ମାଆ ଓ ରକ୍ଷିତା ନାମରେ ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ ଭୟରେ ଅଭିଯୁକ୍ତମାନେ ଫେରାର ଥିବା ବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ସାମରୀକ ବାହିନୀରେ ପୂର୍ବରୁ କାର୍ଯ୍ୟ କରୁଥିବା ନିମାପଡ଼ା ପୌର ପରିଷଦ ଗୁଣ୍ଡିଚାବାଡ଼ିର ସରୋଜ ଜେନା ୨୫ ବର୍ଷ ତଳେ କବିତା ଜେନାଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ବିବାହ ପରେ ମହିଳାଙ୍କ ଔରସ୍ୟରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ଜାତ ହୋଇଥିଲେ । ମାତ୍ର ମହିଳାଙ୍କ ସ୍ୱାମୀ ଅନେକ ଥର ନିଜ ପତ୍ନୀ ପିଲାମାନଙ୍କୁ ଗାଳି ଗୁଲଜ କରି ମାଡ଼ ମାରିବା ସହ କୋଣାର୍କ ମାଧିପୁରରେ ରହୁଥିଲେ । ସରୋଜଙ୍କ ପ୍ରରୋଚନାରେ ନିଆଳି ଥାନା କସରଦାର ତ୍ରିଲୋଚନ ସ୍ୱାଇଁ ଓ ନିଆଳି ଥାନା ଜୁଆଁଲ ଗ୍ରାମର ନର୍ମଦା ଲେଙ୍କା ଏକ ଗାଡ଼ି ଡ୍ରାଇଭର ରଶ୍ମିରଂଜନ ସ୍ୱାଇ ଅତକତ ଭାବେ ମହିଳା ରହୁଥିବା ଘରେ ପଶି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଘରୁ ବାହାରି ଯିବା ପାଇଁ ଧମକ ଦେବା ସହ ଆସବାବ ପତ୍ର ଫିଙ୍ଗା ଫୋପଡ଼ା କରିଥିଲେ । ମହିଳାଙ୍କୁ ମାଡ଼ ମାରିବା ସହ ତଳେ ପକାଇ ଜୀବନ ନେଇ ଯିବାକୁ ଉଦ୍ୟମ କରିଥିଲେ । ଭଡ଼ାଟିଆ ଗୁଣ୍ଡାମାନେ ମଧ୍ୟ ମହିଳାଙ୍କୁ ମାଡ଼ ମାରିଥିଲେ । ସାମରୀକ ବାହିନୀ କର୍ମଚାରୀ ବିଭିନ୍ନ ଧମକ ଦେଇଥିବା ବେଳେ ନିଜ ଛୁଆ ମାନଙ୍କୁ ମଧ୍ୟ ମାଡ଼ ମାରିବାକୁ ପଛାଇ ନଥିଲେ । ମହିଳାଙ୍କ ଶରୀରରେ ଗୁରୁତର ଆଘାତ ଲାଗିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଛନ୍ତି । ମହିଳାଙ୍କ ସ୍ୱାମୀ ସରୋଜ ଜେନା କୋଣାର୍କ ଅଂଚଳର ଜଣେ ଯୁବତୀଙ୍କୁ ରକ୍ଷିତା ଭାବେ ରଖି ତାଙ୍କ ମାଆ ଓ ରକ୍ଷିତାଙ୍କ ପ୍ରରୋଚନାରେ ମହିଳାଙ୍କ ଉପରେ ଏପରି ଜୁଲମ୍ ଚଳାଉଛନ୍ତି । ସହିବାର ସୀମା ଅତିକ୍ରମ କରିବା ପରେ ମହିଳା ଏ ସଂପର୍କରେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ଉ ଜାରି ରଖିଛି ।

ଉର୍ସ ମୁଜାହିଦେ ମିଲ୍ଲତଙ୍କ ଜୟନ୍ତୀ ପାଳିତ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ସ୍ଥିତ ମିଲତ ନଗର ମୁଜାହିଦେ ମିଲତ ମସଜିଦ୍‌ରେ ୪୪ ତମ ଉର୍ସ ମୁଜାହିଦେ ମିଲ୍ଲତ ନଭେମ୍ବର ତା ୧୯/୨୦ ଦୁଇ ଦିନ ଧରି ଜୟନ୍ତୀ ପାଳନ କରାଯିବ, ଏହି ଅବସରରେ ତ୍ୱଲିଗେ ଶିରତର ୭୫ ତମ ଡାଇମଣ୍ଡ ଜୁବଲୀ ମଧ୍ୟ ପାଳନ କରାଯିବ ପାଇଁ ମନସ୍ଥ ହୋଇ ଥିବା ବେଳେ ଏକ ପ୍ରସ୍ତୁତି ବୈଠକ ହୋଇ ଥିଲା । ହୋଜୁର ହବିବେ ମିଲ୍ଲତଙ୍କ ନିର୍ଦ୍ଦେଶ ରେ ତାଙ୍କ ପୁତ୍ର ମୋଲାନା ସୟଦ ହବିବ ରଜା ସଭାପତିତ୍ୱ କରିଥିଲେ, ଏହି ବୈଠକ ରେ ଉର୍ସ ର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ମୋଲାନା ସୟଦ ହସନେନ ରଜା, ମୋଲାନା ସୟଦ ମୁସ୍ତଫା ରଜା, ସାଇଖୁଲ ହଦୀଶ ମୋଲାନା ମହମ୍ମଦ ହନିଫ, କାରୀ ମହମ୍ମଦ ଫାରୁକ ଏବଂ ଯାଜପୁର ଜିଲ୍ଲାର ବିଭିନ୍ନ ମସଜିଦର ଏମାମଙ୍କ ସହ ବହୁ ଗୁଣି ଜ୍ଞାନୀ ଯୋଗ ଦେଇଥିଲେ । ମୋଲାନା ସାହବୁଦ୍ଦିନ ବରକାତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରି ଶେଷରେ ମୋଲାନା ନିଜାମୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ ।

ଢେଙ୍କାନାଳ ଶାଖା ପକ୍ଷରୁ ବାୟୁସେନା ଦିବସ ପାଳିତ

ଢେଙ୍କାନାଳ,(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ୫୫ନଂ ଜାତୀୟ ରାଜପଥ ସିନର୍ଜୀ କଲେଜ୍ ସମ୍ମୁଖରେ ଥିବା ଉଇଙ୍ଗ୍ କମାଣ୍ଡର ବିରଜା ଶଙ୍କର ହିଂହଦେଓଙ୍କର ବାସଭବନରେ ବାୟୁସେନା ସଂଘ ଢେଙ୍କାନାଳ ଶାଖା ତରଫରୁ ୯୧ତମ ବାୟୁସେନା ଦିବସ ପାଳିତ ହୋଇଯାଇଅଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, କର୍ଣ୍ଣେଲ୍ ଡା. ବସନ୍ତ କୁମାର ଦାସ, ମେଡିକାଲ ଅଫିସର ଇ.ସି.ଏଚ୍.ଏସ୍., ଢେଙ୍କାନାଳ ଏବଂ ଢେଙ୍କାନାଳ ଏକ୍ସ ସର୍ଭିସ୍‌ମ୍ୟାନ ଲିଙ୍କ ସଭାପତି ସୁବେଦାର ମେଜର କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଥମେ ବାୟୁସେନା ପତାକା ସମସ୍ତ ଅତିଥିଙ୍କ ଗହଣରେ ଉତୋଳନ କରାଯାଇଥିଲା । ବାୟୁସେନା ସଂଘ ଢେଙ୍କାନାଳ ଶାଖାର ସଭାପତି ତପନ କୁମାର ପାଳ ସମ୍ମାନିତ ଅତିଥିମାନଙ୍କୁ ଫୁଲଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆମନ୍ତ୍ରୀତ ଅତିଥିମାନେ ବାୟୁସେନାର ଅବଦାନ ଉପରେ ଆଲୋକପାତ କରିଥିଲେ ଏବଂ ଅବସରପ୍ରାପ୍ତ ବାୟୁସେନାମାନଙ୍କର ସମାଜ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ । ବାୟୁସେନା ସଂଘ ସଭ୍ୟ ଶ୍ରୀନିବାସ ରାଉତ, ଅକ୍ଷୟ ଶତପଥି, ଅଖିଳ କୁମାର ରାଉତଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଏବଂ ସେମାନଙ୍କର ପରିବାରବର୍ଗ ଏହି ଉତ୍ସବରେ ଯୋଗଦାନ କରି ଏହାକୁ ସଫଳ କରାଇଥିଲେ । ଶାଖା ସଂପାଦକ ପ୍ରଫୁଲ୍ଲ କୁମାର ସାହୁ ସଭା ପରିଚାଳନା କରିଥିଲେ ଏବଂ ଉପଦେଷ୍ଟା ଉଇଙ୍ଗ୍ କମାଣ୍ଡର ବିରଜା ଶଙ୍କର ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାରସାମ୍ୟ ହରାଇ ଦୁର୍ଘଟଣା, ଯୁବକ ମୃତ

ନିଆଳି, (ଭାସ୍କର ନ୍ୟୁଜ୍): ଗୋବିନ୍ଦପୁର ଥାନା ଅନ୍ତର୍ଗତ ବାଗଲପୁର ଝାରପଡ଼ା ରାସ୍ତା ଚଉପଡ଼ା ଛକରେ ବାରେଡ଼ିଆ ଅ□ଳର ଶିପୁ ପାଲ୍ ହିରୋହୋଣ୍ଡା ଗାଡ଼ିରେ ବାଗଲପୁରରୁ ଝାରପଡ଼ା ଅଭିମୁଖେ ଯାଉଥିବା ବେଳେ ପଥରରେ ନିଜର ବାଇକ୍‌କୁ ପିଟି ଦେଇଥିଲେ। ଘଟଣା ସ୍ଥଳରେ ନିଜର ମୁଣ୍ଡ ଫାଟିଯାଇଥିଲା । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଅଡ଼ଶପୁର ମେଡିକାଲ ପଠାଯାଇଛି।

ବିଷ ପାନ କରି ନାବାଳିକା ମୃତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ବିଷପାନ କରି ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଗୌଡଗୁଡା ପଞ୍ଚାୟତ ଅନ୍ତର୍ଗତ ତଳମିଟିଙ୍ଗ ଗ୍ରାମରେ ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ଜଣା ପଡିଛି। ଶନିବାର ସକାଳେ ନାବାଳିକାଙ୍କ ପରିବାରଙ୍କ ଅନୁପସ୍ଥିତିରେ ତାଙ୍କର କିଛି ସାଙ୍ଗ ମାନେ ଆସି ଘରର କବାଟ ବାଡେଇ ଥିଲେ। ବିଳମ୍ବରେ ସିଏ କବାଟ ଖୋଲିଥିଲା। ତେବେ ସେଇ ସମୟରେ ନାବାଳିକା ଜଣକ ବାନ୍ତି କରିବାରୁ ସାଙ୍ଗ ମାନେ ବିଷ ପିଇ ଦେଇଥିବ ଭାବି ସନ୍ଦେହ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କାକିରିଗୁମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ।ନାବାଳିକା ଜଣକ ଗୁରୁତର ଥିବା କାରଣରୁ ଡାକ୍ତର ବିନା ପୋଲିସକୁ ଜଣାଇ କୋରାପୁଟ ଲକ୍ଷ୍ମଣ ନାୟଏକ ମେଡିକାଲ୍ କଲେଜ୍ କୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ସକାଳେ ନାବାଳିକା ମୃତ୍ୟୁ ହୋଇଥିବା ଜଣା ପଡ଼ିଥିଲା। ଏନେଇ ପରିବାର ଲୋକେ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିବା ପରେ ଘଟଣା ସ୍ଥଳକୁ ପୋଲିସ ଜାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତ କାରୀ ଅଧିକାରୀ ଏସଆଇ ପଞ୍ଚାନନ ଶତପଥୀ କହିଛନ୍ତି। ଜଣେ ନାବାଳିକା ବିଷ ପାନ କରି କାକିରୀଗୁମା ଡାକ୍ତଖାନାରେ ଭର୍ତ୍ତି ହୋଇଥିଲେ ମଧ୍ୟ ଏତେବଡ଼ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଡାକ୍ତରଖାନା କତୃପକ୍ଷ ହାଲୁକା ଭାବେ ଗ୍ରହଣ କରିବା ସହ କଣ ପାଇଁ ଲୁଚାଇଲେ, ସେମାନଙ୍କର କଣ ସ୍ୱାର୍ଥ ରହିଲା, ଡାକ୍ତରଖାନା କତୃପକ୍ଷ କଣ ପାଇଁ ପୋଲିସକୁ ଜଣାଇଲେ ନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ବେଳେ ପୋଲିସ ଏହାର ତଦନ୍ତ କରିବାକୁ ସାଧାରଣରେ ଦବି ହୋଇଛି।

ଭଞ୍ଜନଗରରେ ସାଇବର ସୁରକ୍ଷା ସଚେତନତା ରଥ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସାଇବର ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ ଆଳ ଦେଖାଇ ଲୋକଙ୍କଠାରୁ ଅଭିନବ ଢଙ୍ଗରେ ଲୁଟ୍ ହେଉଛି ଲକ୍ଷାଧିକ ଟଙ୍କା। ଭଞ୍ଜନଗର ଥାନା ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ବନ୍ଧୁ ଯୋଗଦେଇ ସଚେତନତାର ବାର୍ତ୍ତ ବାଣ୍ଟିଛନ୍ତି । ଗଞ୍ଜାମ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନ ପରିଭ୍ରମଣ କରୁଥିବା ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା। ପରେ ଥାନା ପରିସରରୁ ଉକ୍ତ ସଚେତନତା ରଥ ବାହାରି ସହରର ମୁଖ୍ୟ ସଡକ, ରେଡକ୍ରସ ରୋଡ୍, ଷ୍ଟେଟବ୍ୟାଙ୍କ ଛକ, ମହାବୀର ଛକ ଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଖେଳ ପଡିଆରେ ପହଞ୍ଚିଥିଲା। ସେଠାରେ ସାଇବର ଅପରାଧ, ଅନଲାଇନ ଠକେଇ ବାବଦରେ ଗୀତିନାଟ୍ୟ ଓ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ପରେ କୁଇଜ୍ ପ୍ରତିଯୋଗିତାର ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ପୃଷ୍ଟି, ପ୍ରଫୁଲ୍ଲ କୁମାର ବଡଜେନା,ଏସଡିପିଓ ବିଶ୍ୱାମିତ୍ର ହରପାଲ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ମେଡିକାଲ ଅଧିକ୍ଷକ ସୀତାଂଶୁ ଶେଖର ଶତପଥୀ, ଭଞ୍ଜନଗର ଥାନା ଅଧିକାରୀ ଭଗବାନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସାଲେପୁର ନିର୍ବାଚନ ମଣ୍ଡଳୀରେ ଜନ ସମ୍ପର୍କ ପଦଯାତ୍ରା

ଟାଙ୍ଗୀ - ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସବୁ ଆଡେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି।ଏହି ପରିପ୍ରେକ୍ଷୀ ରେ ଆଜି ଟାଙ୍ଗି ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡି ସଂଗଠକ ହିମାଂଶୁ ମହାନ୍ତିଙ୍କ ସମର୍ଥକ ଶତାଧିକ ବିଜେଡି କର୍ମୀ ଟାଙ୍ଗୀ କୋଠସାହି ପଞ୍ଚାୟତ କୋଟେଶ୍ୱର ମନ୍ଦୀର ପ୍ରାଙ୍ଗଣରୁ ବାହାରି ବିଜେଡି ଜିନ୍ଦାବାଦ , ନବୀନ ପଟ୍ଟନାୟକ ଜିନ୍ଦାବାଦ , ହିମାଂଶୁ ମହାନ୍ତି ଜିନ୍ଦାବାଦ ନାରା ଦେଇ ପଦଯାତ୍ରା କରି ମେଡିକାଲ ଛକ ହୋଇ ଶେଷରେ ଟାଙ୍ଗୀ ବ୍ଲକ ଛକ ଠାରେ ଶେଷ ହୋଇଥିଲା। ବିଜେଡି ଯୁବ ସଂଗଠକ ହିମାଂଶୁ ମହାନ୍ତି ଙ୍କ ନେତୃତ୍ୱ ରେ ଆଜି ର ଜନ ସଂପର୍କ ପଦଯାତ୍ରା ରେ ନିଜ କର୍ମୀ ମାନଙ୍କ ସହ ଘର ଘର ବୁଲି ପଂଚାୟତ ବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜନହିତକାରୀ ଯୋଜନା ଗୁଡିକ ବୁଝାଇବା ସହ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । ଏଥିରେ ପାଞ୍ଚଶହ ରୁ ଉର୍ଦ୍ଧ୍ୱ କର୍ମୀ ସଂଖ୍ୟାଲଘୁ ସେଲ, ବିଜୁ ମହିଳା ଜନତା ଦଳ, ବିଜୁ ଯୁବ ଓ ଛାତ୍ର ଜନତା ଦଳ, ସହିତ ବିଜୁ ଜନତା ଦଳର କର୍ମୀ ଓ ସାଧାରଣ ଜନତା ଉପସ୍ଥିତ ହୋଇ ପଦ ଯାତ୍ରାକୁ ସଫଳ କରିଥିଲେ । ଅନ୍ୟପକ୍ଷେ, ବିଧାୟକ ପ୍ରଶାନ୍ତ ବେହେରା ଥାଇ ମଧ୍ୟ ପଂଚାୟତ ପାଇଁ ସେମିତି କୌଣସି ଉନ୍ନତିମୂଳକ କାମ କରିନଥିବା ରୁ ପଂଚାୟତ ବାସୀ ଙ୍କ ମନରେ କୁଠାରଘାତ୍ ହୋଇଥିବାର ଦେଖିବାକୁ ମିଳିଥିଲା।ଅନ୍ୟପଟେ ନିର୍ବାଚନୀ ମଣ୍ଡଳୀ ର ଲୋକ ମାନେ ନିଜ ପଂଚାୟତ ନିଜ ର ଗ୍ରାମର ବିକାଶ ପାଇଁ ହିମାଂଶୁଙ୍କ ହାତ ଧରିବା ହିଁ ଏକ ମାତ୍ର ଉସ୍ତ ବୋଲି ପ୍ରକାଶ କରିଥିଲେ। ଏହି ସମାବେଶ ରେ ଅନେକ ମହିଳା, ବିଜେଡି ସୁପ୍ରିମୋ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ହିମାଂଶୁ ଙ୍କୁ ଆସ୍ଥା ପ୍ରକଟ କରନ୍ତି ଟାଙ୍ଗୀ ଅଂଚଳ ର ବିକାଶ କୁ ତ୍ୱରାନ୍ୱିତ କରିବେ ବୋଲି ପରିପ୍ରକାଶ କରିଛନ୍ତି ।

ସାପ କାମୁଡାରେ ଆଖି ବୁଜିଲେ ଦଶମ ଶ୍ରେଣୀ ଛାତ୍ରୀ

ସାଲେପୁର, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସାପ କାମୁଡାରେ ଆଖିବୁଜିବା ଘଟଣାଟି ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ରାମକୃଷ୍ଣପୁର ପଂଚାୟତ ପାଟପାରୀ ଗ୍ରାମର ଜଗବନ୍ଧୁ ଓଝାଙ୍କର ଏକମାତ୍ର କନ୍ୟା ଲକ୍ଷ୍ମୀପ୍ରିୟା ଓଝା(୧୫) ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ହେତୁ ଗତ ଗୁରୁବାର ରାତ୍ରରେ ନିଜ ଘରେ ପାଠ ପଢୁଥିଲେ। ପାଠ ପଢୁଥିବା ସମୟରେ ତାଙ୍କୁ ନିଦ ଲାଗି ଯାଇଥିଲା। ବହି ଉପରେ ଲକ୍ଷ୍ମୀପ୍ରିୟା ଶୋଇ ପଡିଥିଲା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଲକ୍ଷ୍ମୀପ୍ରିୟାଙ୍କ ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଓ ସାପ ଟିକୁ କାବୁ କରି ଏକ ଅଖା ଭିତରେ ରଖିଥିଲେ। ତେବେ ଅବସ୍ଥା ଗୁରୁତର ହୋଇପଡିବାରୁ ଲକ୍ଷ୍ମୀପ୍ରିୟାଙ୍କୁ ଆଇସିୟୁରେ ରଖାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଶନିବାର ରାତିରେ ବିଳମ୍ବିତ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କର ଶବକୁ ବ୍ୟବଚ୍ଛେଦ କରାଯାଇ ପାଟପାରୀ ଗ୍ରାମକୁ ଅଣାଯାଇଥିଲା। ତାଙ୍କର ଶବକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା। ରାମକୃଷ୍ଣପୁର-ଓସ୍ତପୁର

ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାହୁ, ଶିକ୍ଷକ ମନୋଜ କୁମାର ଓଝା, ଚିତରଞ୍ଜନ ପ୍ରଧାନ, ରୋମାଲିନ ନାୟକ, ରଶ୍ମିରେଖା ଦାଶ, ଚିତରଞ୍ଜନ ଦଳାଇ ପ୍ରମୁଖ ଶବାଧାରରେ ମାଲ

କଣିହାଁ (ଭାସ୍କର ନ୍ୟୁଜ୍) :ଅନଗୁଳ ଜିଲ୍ଲା କଣିହାଁ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆଲୁମିନି ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟ ପରିସର ରେ ଥିବା ପବିତ୍ର ମୋହନ ପ୍ରଧାନ ଙ୍କ ର ପ୍ରତିମୂର୍ତ୍ତି ରେ ଆଲୁମିନି ର ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ, ଡାକ୍ତର ପ୍ରତାପ କୁମାର ପାଣି,ପ୍ରଧାନଶିକ୍ଷକ ଦାଶରଥି ଜେନା, ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ,ଉପସଭାପତି ସୁଧାକର ପ୍ରଧାନ,ସୁଶାନ୍ତ କୁମାର ପାଣି ଓ ବାଙ୍କନିଧି ସାମଲ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଓ ଜଗନ୍ନାଥ ଙ୍କ ଛବି ରେ ଭକ୍ତି ଅର୍ଘ୍ୟ ପ୍ରଦାନ କରି ଶିବିର କୁ ଉଦ୍ଘାଟନ କରିଥିଲେ । ଡାକ୍ତର ପାଣି ବିଦ୍ୟାଳୟ ର ପୁରାତନ ଛାତ୍ର ଭାବରେ ବାଙ୍ଗାଲୋର ର ସ୍ୱର୍ଶ ଡାକ୍ତରଖାନା ଓ ସାଗର ଡାକ୍ତରଖାନା ସେଣ୍ଟ ଜୋନ ମେଡିକାଲ କଲେଜ ବାଙ୍ଗାଲୋର, ରବୀନ୍ଦ୍ରନାଥ ଟାଗୋର ଡାକ୍ତରଖାନା, କୋଲକାତା ରେ ସ୍ନାୟୁ ଓ ମେରୁହାଡ ର ମୁଖ୍ୟ ଶଲ୍ୟ ଚିକିତ୍ସକ ଭାବରେ ବିଶେଷ ସୁନାମ ଅଛି । ପ୍ରାରମ୍ଭରେ ସମବେତ ଜନତା ଓ ରୋଗୀ ମାନଙ୍କ ସୁନ୍ଦର ସ୍ୱାସ୍ଥ୍ୟ କାମନା କରି ଡାକ୍ତର ପାଣି କହିଥିଲେ ଯେ ଆପଣ ମାନଙ୍କୁ ସ୍ୱାସ୍ଥ୍ୟ ବିଷୟ ରେ ସଚେତନ କରିବା ଆଜି ଶିବିର ର ଲକ୍ଷ୍ୟ ।ସରକାର ଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏକ ଭଲ ଯୋଜନା ।ଗରିବ ହିତାଧିକାରୀମାନେ ଏହାର ସଦୁପଯୋଗ କରିବା ଉଚିତ । ବିଦ୍ୟାଳୟ ର ଛାତ୍ର ଛତ୍ରୀ ମାନେ,ପୁରାତନ ଛାତ୍ର ଛାତ୍ରୀ ମାନେ ଓ ଅଞ୍ଚଳ ବାସୀ ଏହାର ସୁବିଧା ଉପଭୋଗ କରିଥିଲେ । ସକାଳ ୮ ରୁ ଅନବରତ ଭାବରେ ଡାକ୍ତର ପାଣି ଅପରାହ୍ନ ୩ ଟା ପର୍ଯ୍ୟନ୍ତ ୧୨୦ ଜଣ ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ଦେଖି ବିନା ମୂଲ୍ୟରେ ଔଷଧ ଯୋଗାଇଥିବା ଯୋଗୁଁ ଏ ଅଞ୍ଚଳ ବାସୀ ଡାକ୍ତର ପାଣି ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଗୁମଆମାଳ ବୀଣାପାଣି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ପ୍ରକୃତ ଶିକ୍ଷା ସମସ୍ତଙ୍କୁ ଆପଣାର କରିବାରେ ସହାୟତା କରିଥାଏ : ରାଜ୍ୟପାଳ

ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡି ବ୍ଲକ ଅଧୀନସ୍ଥ ଗୁଆମାଳ ସ୍ଥିତ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଏକ ସଭା ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେଇ ପ୍ରକୃତ ଶିକ୍ଷା ସମସ୍ତଙ୍କୁ ଆପଣାର କରିବାରେ ସହାୟତା କରିଥାଏ । ଯାହା ମଣିଷ ଚାହୁଁଥାଏ ତାହା ମିଳେ ନାହିଁ । ଯାହା ମଣିଷ ଚାହୁଁ ନଥାଏ ତାହା ଯଦି ମିଳି ଯାଏ ସେ ହିଁ ପ୍ରକୃତ ଶିକ୍ଷା । ପ୍ରତ୍ୟେକ ମଣିଷ ଘୃଣା ଓ ମୋହକୁ ପରିତ୍ୟାଗ କରି ମାଟି ପ୍ରତି ସମର୍ପିତ ହେବାକୁ ମଧ୍ୟ ପ୍ରକୃତ ଶିକ୍ଷା ବୋଲି କହିଥିଲେ । ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ ଯୋଗ ଦେଇ ପୂର୍ବ ଭାରତର ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ସୁବର୍ଣ୍ଣଜୟନ୍ତୀ ଉତ୍ସବ ସମସ୍ତଙ୍କୁ ଏକତ୍ର କରିବାରେ ମାଧ୍ୟମ ହୋଇଥାଏ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ଦାସ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ କମିଟି ସମ୍ପାଦକ ଶିକ୍ଷକ ସନାତନ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପଣ୍ଡିତ ବସନ୍ତ କୁମାର ଆଚାର୍ଯ୍ୟ ବେଦ ପାଠ କରିଥିଲେ । ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ଗ୍ରନ୍ଥ 'ଶ୍ୱେତାମ୍ବରା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରାରମ୍ଭରେ ସ୍କୁଲ ପରିସରରେ ସୁବର୍ଣ୍ଣ ଜୟନ୍ତୀ ସ୍ମୃତି ଫଳକ ଓ ସୁବର୍ଣ୍ଣ ଜୟନ୍ତୀ ସ୍ମୃତି ସଦନକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ କମିଟି କାର୍ଯ୍ୟକାରୀ ସଭାପତି ତାପସ ପାଠୀ ମହାମହିମ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ପୁରାତନ ଶିକ୍ଷକ ଉଦୟନାଥ ପାଢ଼ୀ, ୱଉତ୍ସବାନନ୍ଦ ସାମଲ, ୱଶତ୍ରୁଘ୍ନ ସାହୁ, ଧୀରେନ କୁମାର ସାହୁ, ଶରତ ଚନ୍ଦ୍ର ବିଶ୍ୱାଳ, ବିନୟ କୁମାର ପଣ୍ଡା, ଗଦାଧର ଗାହାଣ, ଦୟାନିଧି ରାଉତ, ପଣ୍ଡିତ ଦୈତ୍ୟାରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସକାଳେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତ ଫେରୀ ଓ ଗଣ ଦୌଡ଼ ସହିତ ସୁବର୍ଣ୍ଣ ଜୟନ୍ତୀ ପତାକା ଉତ୍ତୋଳନ କରାଯାଇଥିଲା । ପରେ ସ୍ୱାସ୍ଥ୍ୟ ଚିକିତ୍ସା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ପ୍ରତୀକ କୁମାର ସାହୁ, ବିଡିଓ ଜ୍ୟୋତିର୍ମୟ କର, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ ଓ ରୁଜାତା ପଣ୍ଡା, ସରପଞ୍ଚ ମାମିନା ଜେନା, ସମିତିସଭ୍ୟା ପୁଷ୍ପାଞ୍ଜଳି ବେହେରା, କବି ଦୀନବନ୍ଧୁ ପତି, ସମାଜସେବୀ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସୁରେଶ ମହାନ୍ତି, ଯୁବନେତା ସୁଧନ୍ୱା ନାୟକ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସୁବର୍ଣ୍ଣ ଜୟନ୍ତୀ କମିଟି ଉପସଭାପତି ହରେକୃଷ୍ଣ ଜେନା, ସହସମ୍ପାଦକ ଅଜୟ ପ୍ରଧାନ, କୋଷାଧକ୍ଷ ପ୍ରଶାନ୍ତ ଖୁଣ୍ଟିଆ, ମିଡିଆସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ରାଉତ, ଶିକ୍ଷାବିତ୍ ଦେବବ୍ରତ ତ୍ରିପାଠୀ, ପ୍ରଦୀପ ଜେନା, ଜନାର୍ଦ୍ଦନ ତ୍ରିପାଠୀ, ଧୀରେନ କୁମାର ବେହେରା, ରମେଶ ଚନ୍ଦ୍ର ନାୟକ, ଭାଗବତ ପ୍ରଧାନ, ସୁଧାଂଶୁ ପାଣିଗ୍ରାହୀ, ଭରତ ଚନ୍ଦ୍ର ସାହୁ, ପର୍ଶୁରାମ ପାଣିଗ୍ରାହୀ, ଦିପ୍ତୀକାନ୍ତ ଖୁଣ୍ଟିଆ, ମାନସ ପାଠୀ, ରଣଜିତ୍ ଜେନା, ପ୍ରମୋଦ ନାୟକ, ଅତୁଲ କୁମାର ବେହେରା, ଭକ୍ତହରି ଜେନା, କାର୍ତ୍ତିକ ତ୍ରିପାଠୀ ପ୍ରମୁଖଙ୍କ ସମେତ ସ୍କୁଲରୟ ଶିକ୍ଷକ, ଶିକ୍ଷୟିତ୍ରୀ, ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜଳପରିମଳ ବିଭାଗ, ଅଗ୍ନିଶମ ବିଭାଗ, ପୁଲିସ, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଶେଷରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ସାରବର ସୁରକ୍ଷା ନିମନ୍ତେ ସଚେତନତା

ଗଣଦୌଡକୁ ପତାକା ଦେଖାଇ ଶୁଭାରମ୍ଭ କଲେ କେନ୍ଦୁଝର ଏସ୍‌ପି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସାଇବର ସୁରକ୍ଷା ସଚେତନତା ନିମନ୍ତେ ରବିବାର ସକାଳୁ କେନ୍ଦୁଝରର ବିଭିନ୍ନ ବର୍ଗର ଲୋକେ ସଚେତନତା ଗଣଦୌଡରେ ସାମିଲ ହୋଇଥିଲେ । କେନ୍ଦୁଝର ଜିଲ୍ଲା ପୋଲିସ ମୁଖ୍ୟାଳୟରୁ ରବିବାର ସକାଳୁ ସାଇବର ସୁରକ୍ଷା ସଚେତନତା ମାରାଥନକୁ କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ପତାକା ଦେଖାଇ ଶୁଭାରମ୍ଭ କରିଥିବାବେଳେ ଗଣଦୌଡ କେନ୍ଦୁଝର ପୋଲିସ ରିଜର୍ଭ ପଡିଆରେ ପହଞ୍ଚିବା ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ବର୍ତ୍ତମାନ ପରିସ୍ଥିତିରେ ସାଇବର କ୍ରାଇମ ବା ସାଇବର ଠକେଇ ବୃଦ୍ଧି ପାଇ ଚାଲିଛି । ଏହାର ସଚେତନତା ଅଭାବରୁ ଏହି ଠକେଇ ବଢି ଚାଲିଥିବାବେଳେ ସରକାର ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରି ଠକେଇରେ ରୋକ ଲଗାଇବାକୁ ସାରବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ୨୦୨୩ ର ଶୁଭାରମ୍ଭ ହୋଇଛି । ପୂର୍ବରୁ ଗାନ୍ଧୀ ଜୟନ୍ତୀ ଅବସରରେ ଏସମ୍ପର୍କରେ ଏକ ସଚେତନତା ରଥକୁ କେନ୍ଦୁଝର ଏସ୍‌ପି ଶୁଭାରମ୍ଭ କରିଥିଲେ । ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହେବ ବୋଲି ଜଣାପଡିଛି । ପରିବାରରେ ପିଲାମାନଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖାଯାଇପାରିବ, ଆର୍ଥିକ କାରବାର ସମୟରେ କିପରି ସତର୍କତା ଅବଲମ୍ବନ କରାଯିବା ଜରୁରୀ, ଅନଲାଇନ ସପିଂ ବେଳେ ସତର୍କତା ଅବଲମ୍ବନ,କେୱାଇସି/ପାନ/ଅଧାର ସମ୍ପର୍କିତ ଠକେଇ,ସର୍ଚ୍ଚ ଇଞ୍ଜିନର ବ୍ୟବହାର ଠକେଇ, ନିଯୁକ୍ତି ଠକେଇ,ଲୋନ ଆପ ଠକେଇ,ମାଟ୍ରିମୋନିଆଲ ବା ଉପହାର ଠକେଇ,ଅଜଣା କଲ-ସିମ ସ୍ୱାପ ଠକେଇ, ଟାୱାର ବସାଇବା ନାମରେ ଠକେଇ,ଓଏଲ୍‌ଏକ୍ସ ଠକେଇ ପ୍ରଭୃତି ସାଇବର ଠକେଇ ସମ୍ପର୍କରେ କିପରି ସତର୍କତା ଅବଲମ୍ବନ କରାଯିବା ଜରୁରୀ ସେ ସମ୍ପର୍କରେ ସଚେତନ କରି ସାଇବର ଠକେଇରୁ ଲୋକଙ୍କୁ ସୁରକ୍ଷା ଦେବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଜିଲ୍ଲାର ସମସ୍ତ ଉପଖଣ୍ଡକୁ ସଚେତନତା ରଥ ଯାଇ ସାଇବର ଠକେଇ ର ନିରାକରଣ ବାବଦରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି । ଏହିକ୍ରମରେ ରବିବାର ଦିନ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟଳୟ ପରିସରରୁ ଆୟୋଜିତ ଗଣଦୌଡ କାର୍ଯ୍ୟକ୍ରମକୁ ଏସ୍‌ପି ନିତିନ କୁଶଲକର,କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ,ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ,କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡକ୍ଟର ମଧୁସ୍ମିତା ସାମନ୍ତରାୟ,ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ପ୍ରମୁଖ ପତାକା ଦେଖାଇ ଗଣଦୌଡର ଶୁଭାରମ୍ଭ କରିଥିଲେ । ଗଣଦୌଡ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିବାବେଳେ ଗଣମାଧ୍ୟମ ପ୍ରତିନିଧି,ପୋଲିସ ଅଧିକାରୀ,ପ୍ରଶାସନିକ ଅଧିକାରୀ,ସୂଚନା ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସଞ୍ଜିବ ବାରିକ,ଟାଉନ ଥାନା ଅଧିକାରୀ ସୁନିଲ କର ପ୍ରମୁଖ ଉପସ୍ଥିତ ଥିଲେ । ପରେ ପରେ ରିଜର୍ଭ ପଡିଆରେ ଏକ ସଭାର ଆୟୋଜନ ହୋଇଥିଲା । ଏହି ସଭାରେ ସାଇବର ସୁରକ୍ଷା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଗଣଦୌଡରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସଭାରେ ଅଧ୍ୟକ୍ଷତା କରୁଥିବା କେନ୍ଦୁଝର ଏସ୍‌ପି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

ସାମ୍ବାଦିକ ସୌରଭ ସମ୍ମାନ ପ୍ରଦାନ

କଣାସ (ଭାସ୍କର ନ୍ୟୁଜ୍) : କଣାସ ଅଂଚଳର ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀଙ୍କୁ ଗତକାଲି ଶ୍ରୀରାମ ସୁନ୍ଦରାକାଣ୍ଡ ଚରିଟେବୁଲ୍ ଟ୍ରଷ୍ଟପକ୍ଷରୁ ୪ଦଶନ୍ଧି ଧରି ଓଡିଶାର ବିଭିନ୍ନ ପ୍ରତିଷ୍ଠିତ ଖବରକାଗଜରେ ସାମ୍ବାଦିକତା କରି କଣାସ ଭଳି ବନ୍ୟା, ବାତ୍ୟା ଓ ଗମନାଗମନର ଅସୁବିଧା ଭୋଗୁଥିବା ଜନସାଧାରଣଙ୍କ ପାଇଁ କଲମ ଚାଳନା କରୁଥିବାରୁ ଗତକାଲି ପୁରୀ ଠାରେ ହୋଟେଲ୍ ରୁମାନିରେ ଅନୁଷ୍ଠିତ ହେଉଥିବା ୭ଦିନ ଧରି ଚାଲିଥିବା ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଉତ୍ସବରେ ବାବା ବଳିଆ ସମ୍ମାନିତ କରିଥିଲେ । ମହାପ୍ରଭୁ ଜଗନ୍ନାଥାଙ୍କର ସେବକ ବିଷ୍ଣୁଚରଣ ପଣ୍ଡା ଏବଂ ରଜତ କୁମାର ପ୍ରତିହାରୀ ଉପସ୍ଥିତ ରହି ସମ୍ମାନିତ କରିଥିଲେ ।

ମାନସୀକ ସ୍ୱାସ୍ଥ୍ୟ ସପ୍ତାହ ଦ୍ୱିତୀୟ ଦିବସ

କଣାସ (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଅର୍ନ୍ତଗତ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱାଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସୀକ ୟୁନିଟ୍‌ର ବ୍ୟକ୍ତିମାନେ ଆଜି ବିଶ୍ୱ ମାନସୀକ ସ୍ୱାସ୍ଥ୍ୟ ସପ୍ତାହର ଦ୍ୱିତୀୟ ଦିବସରରେ କ୍ରିଡା ଓ ମନୋରଂଜନ କାର୍ଯ୍ୟକ୍ରମରେ ଦିନ କଟାଇଥିଲେ । ଅନୁଷ୍ଠାନରେ ରହୁଥିବା ୪୬୦ରୁ ଉର୍ଦ୍ଧ ମାନସୀକ ଅନଗ୍ରସର ଶ୍ରେଣୀର ପୁରୁଷ ଓ ମହିଳା ଅନ୍ତେବାସୀମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗୀତା ଓ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । । ମାନସିକ ଅସୁସ୍ଥ ପ୍ରକଳ୍ପର ତତ୍ତ୍ୱାବଧାରୀକା ଜୟଶ୍ରୀ ସରାପଞ୍ଚଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ କଣାସ ଗ୍ରାମପଞ୍ଚାୟତର ସରପଞ୍ଚ ଭଗବାନ ସୁବୁଦ୍ଧି ମୁଖ୍ୟଅତିଥି ଭାବେଯୋଗଦେଇ ମାନସୀକ ଅସୁସ୍ଥ ବ୍ୟକ୍ତିମାନେ କେଉଁ ଭଳି ଭାବରେ ସମାଜର ମୁଖ୍ୟ ସୋତ୍ରରେ ସାମିଲି ହେବେ ଅଭିଭାଷଣରେ ପ୍ରେରଣା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ବାଭେ ବିକାଶ ଚନ୍ଦ୍ର ବଡସିଂହ ଯୋଗଦେଇ ଥିବାବେଳେ ମାନସିକ ଅନଗ୍ରସର ବିଭାଗର ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ଯୋଗଦେଇ ମାନସୀ ସ୍ୱାସ୍ଥ୍ୟ ସପ୍ତାହର ମହତ୍ୱ ଓ ସଚେତନ ହେବାପାଇଁ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନିଗମାନନ୍ଦ ବାରିକ, ତପନ ଦାସଙ୍କ ସହ କ୍ଲିନିକାଲ୍ ମନୋବିଜ୍ଞାନ, କାଉସେଲ୍‌ର ଟି.ସି.ଜି, କ୍ୟାରଟେକରଙ୍କ ସମେତ ମେଡିକାଲ କର୍ମଚାରୀ ସମୁହ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ, ଚିକିତ୍ସା ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ

ଯୋଡା (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ କମାରଯୋଡା କୁଦୁରସାହିରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ସାପ କମୁଡା ମୃତ୍ୟୁ ଘଟିଥିବା ଜଣାପଡିଛି । ମହିଳାଙ୍କ ନାମ ବିନତି କାରୁଆ (୪୭) ।ଖବରରୁ ପ୍ରକାଶ ଶନିବାର ରାତି ପ୍ରାୟ ୧୨ଟା ସମୟରେ ଅଙ୍ଗନୱାଡ଼ି କର୍ମୀ ବିନତି କାରୁଆଙ୍କୁ ସାପ କାମୁଡ଼ି ଥିଲା । ତାଙ୍କୁ ତୁରନ୍ତ ଯୋଡା ସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଥିଲା । ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ରବିବାର ସକାଳ ୧୦ ଘଟିକା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ତେବେ ମହିଳାଙ୍କ ମୃତ୍ୟୁକୁ ନେଇ ପଅରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ଟାଟା ଷ୍ଟିଲ ଡାକ୍ତରଖାନାରେ କେବଳ ପ୍ରାଥମିକ ଚିକିତ୍ସା କରି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ନିଜର ଦାୟିତ୍ୱ ତୁଲାଇ ଦେଇ ରାତି ଅଧରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ କହି ଟାଟା କମ୍ପାନୀ ଡାକ୍ତର ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ନେଇଥିଲେ । ରବିବାର ଥିବା ଯୋଗୁଁ ଆମ୍ବୁଲାନସ କିମ୍ବା କୌଣସି ସାଧନ ନଥିବା କାରଣରୁ ମହିଳାଙ୍କ ପରିବାର ଏଣେତେଣେ ହନ୍ତସନ୍ତ ହୋଇ ଥିଲେ । କମ୍ପାନୀର ଆମ୍ବୁଲାନ୍ସ ଥାଇ ମଧ୍ୟ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଆମ୍ବୁଲାନ୍ସ ଯୋଗାଇ ଦେଇ ନଥିଲା । ତେବେ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ଉଦ୍ୟମ କ୍ରମେ ସଙ୍କଟାପନ୍ନ ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇ ଥିଲା । ଟାଟା ଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ତାଙ୍କ ଭଉଣୀ ଶୁଲେଖା କାରୁଆ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି ।

ମୟୂରଭଞ୍ଜ ପୋଷ୍ଟାଲ ଡିଭିଜନ ପକ୍ଷରୁ ସମୀକ୍ଷା ବୈଠକ

ଶୁଳିଆପଦା, (ଭାସ୍କର ନ୍ୟୁଜ) : ମୟୂରଭଞ୍ଜ ପୋଷ୍ଟାଲ ଡିଭିଜନ ତରଫରୁ ଶୁଳିଆପଦା ବ୍ଲକ୍ ଅଧିନ ଦେଉଳିସ୍ଥିତ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ସଭା ଗୃହରେ ଏକ ଦିବସୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ମଣ୍ଡଳ କଧ୍ୟକ୍ଷଣ ବସନ୍ତ କୁମାର ସିଂହ ଯୋଗ ଦେଇଥିବାବେଳେ,ସହ କଧ୍ୟକ୍ଷଣ ସପନ ପାଣିଗ୍ରାହୀ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଭରସିୟର ପ୍ରଶାନ୍ତ କୁମାର ଦେ ଓ ଦେଉଳି ପୋଷ୍ଟ ମାଷ୍ଟର ରଞ୍ଜିତ କୁମାର ସିଂ ଉପସ୍ଥିତ ଥିବା ଡାକ ବିଭାଗର କର୍ମଚାରୀମାନଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଜରିଆରେ ଡାକ ବିଭାଗରେ କଣକଣ ସୁବିଧା